ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୮୯
୧୬ ଡିସେମ୍ବର, ୨୦୨୫ ମଙ୍ଗଳବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 189
16th December, 2025 Tuesday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

କିଂ କୁଳେନ ବିଶାଳେନ ବିଦ୍ୟାହୀନସ୍ୟ ଦେହିନଃ
ଅକୁଳୀନୋପି ବିଦ୍ୟାବାନ୍ ଦେବୈରପି ସ ପୂଜ୍ୟତେ ।

ଅତି ବିସ୍ତୀର୍ଣ୍ଣ ଓ ଉଚ୍ଚବଂଶରେ ଜାତ ବ୍ୟକ୍ତି ବିଦ୍ୟାହୀନ ହେଲେ ପୂଜା ପାଏ ନାହିଁ, କିନ୍ତୁ ନୀଚକୁଳଜାତ ବ୍ୟକ୍ତି ବିଦ୍ୱାନ ହୋଇଥିଲେ ଦେବତାମାନେ ମଧ୍ୟ ତାକୁ ପୂଜା କରନ୍ତି ।

# ନର୍ସରୀରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ସ୍କୁଲ ବନ୍ଦ

**ନୂଆଦିଲ୍ଲୀ,୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ ଓ ନୋଏଡାରେ ପ୍ରଦୂଷଣ ବୃଦ୍ଧି ପରେ ଲାଗୁ ହୋଇଛି

### ପ୍ରଦୂଷଣ ଗ୍ରାପ୍ ଉପରମୁହାଁ

କଟକଣା । ଗ୍ରାପ-୪ ଅନୁଯାୟୀ ଏହି କଟକଣା ଜାରି କରାଯାଇଛି । ଦିଲ୍ଲୀରେ ବଢୁଥିବା ବାୟୁ ପ୍ରଦୂଷଣ ଓ ଖରାପ ଏୟାର କ୍ୱାଲିଟିକୁ ଦେଖି ସରକାର ନେଇଛନ୍ତି ଏଭଳି ନିଷ୍ପତ୍ତି । ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୋମବାର ନୂଆ ନିର୍ଦ୍ଦେଶ ଜାରି କରାଯାଇ କୁହାଯାଇଛି ଯେ ଏବେ ନର୍ସରୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ସ୍କୁଲ ବନ୍ଦ ରହିବ । ସେମାନେ ଘରେ ରହି ଅନଲାଇନ୍‌ରେ ପଢ଼ିବେ । ଜାରି ହୋଇଥିବା ନିର୍ଦ୍ଦେଶ ଅନୁସାରେ, ଦିଲ୍ଲୀର ସବୁ ସରକାରୀ, ସହାୟତା ପ୍ରାପ୍ତ ଓ ମାନ୍ୟତା ପ୍ରାପ୍ତ ଘରୋଇ ସ୍କୁଲରେ ନର୍ସରୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଆଗାମୀ ନିର୍ଦ୍ଦେଶ



ପର୍ଯ୍ୟନ୍ତ ଅନଲାଇନ୍ ମୋଡରେ ପଢାଯିବ ।

ଶିକ୍ଷା ବିଭାଗ ସ୍ପଷ୍ଟ ଭାବରେ କହିଛି ସବୁ ସ୍କୁଲର ପ୍ରିନ୍ସିପାଲ ଏହା ନିଶ୍ଚିତ କରନ୍ତୁ ଯେ, ପିଲାଙ୍କ ପାଠପଢା ଅନଲାଇନ୍ ମାଧ୍ୟମରେ ଚାଲିଛି । ଯାହାଫଳରେ ତାଙ୍କ ପାଠପଢା ପ୍ରଭାବିତ ହେବ ନାହିଁ । ଏହା ସହ ତୁରନ୍ତ ଅଭିଭାବକ ଓ ପିଲାଙ୍କ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ପହଞ୍ଚାଇବାକୁ ମଧ୍ୟ କହିଛନ୍ତି ।

ସୂଚନାଯୋଗ୍ୟ, ନୋଏଡାର ଅଧିକାଂଶ ଅଂଚଳରେ ଏକ୍ୟୁଆଇ ୪୦୦ ଅତିକ୍ରମ କରିଛି । ଏଭଳି ସ୍ଥିତିରେ ଛୋଟ ପିଲାମାନେ ଖରାପ ବାୟୁ ଗୁଣବତ୍ତାର ଶିକାର ହେବାରେ ଯଥେଷ୍ଟ ସମ୍ଭାବନା ରହିଛି । ଅଧିକାରୀମାନେ କହିଛନ୍ତି ଯେ ବାୟୁ ଗୁଣବତ୍ତା ଗମ୍ଭୀର ବର୍ଗରେ ରହିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ।

ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଅଧୀନରେ ଗ୍ରାପ ପର୍ଯ୍ୟାୟ ୪ ହେଉଛି ସର୍ବୋଚ୍ଚ ସ୍ତରର ପ୍ରତିକ୍ରିୟା । ପରିବହନ, ନିର୍ମାଣ, ଶିଳ୍ପ କାର୍ଯ୍ୟକଳାପ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଆବଶ୍ୟକ ନହେଲେ ପିଲାମାନଙ୍କୁ ବାହାରକୁ ନ ପଠାଇବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଛି ।

ଅନ୍ୟପକ୍ଷରେ ସରକାରୀ ନୋଟିସ୍‌ରେ ଏହା ମଧ୍ୟ କୁହାଯାଇଛି ଯେ, ଷଷ୍ଠ ଶ୍ରେଣୀ ଓ ତା'ଉପର ଶ୍ରେଣୀର ପିଲାଙ୍କୁ ପାଠପଢା ପୂର୍ବ ଗାଇଡଲାଇନ ଅନୁସାରେ ଚାଲିବ । ଏ ସମ୍ପର୍କରେ ୧୩ ଡିସେମ୍ବର ୨୦୨୫ରେ ଜାରି ସର୍କୁଲାର ଅନୁସାରେ ନିର୍ଦ୍ଦେଶ ଜାରି ରହିବ । ଉଲ୍ଲେଖନୀୟ ଯେ, ପଞ୍ଚମଶ୍ରେଣୀରୁ ନେଇ ନବମ ଓ ଏକାଦଶ ଶ୍ରେଣୀର ଛାତ୍ର/ଛାତ୍ରୀଙ୍କ ହାଇବ୍ରିଡ୍ ମୋଡ୍‌ରେ କ୍ଲାସ ଚାଲିବ ।

## ଧନୀ କରୁଛନ୍ତି ପ୍ରଦୂଷଣ କଷ୍ଟ ଭୋଗୁଛନ୍ତି ଗରିବ

**ନୂଆଦିଲ୍ଲୀ,୧୫।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ-ଏନସିଆରରେ ମାତ୍ରାଧିକ ପ୍ରଦୂଷଣ ଉପରେ ଚିନ୍ତାପ୍ରକଟ କରିଛନ୍ତି ସିଜେଆଇ । ସେ କହିଛନ୍ତି ଦିଲ୍ଲୀର ପ୍ରଦୂଷଣ ସୃଷ୍ଟି କରିବା ପଛରେ ଧନୀମାନଙ୍କ ହାତ ରହିଛି । ଧନୀମାନେ ସମସ୍ୟା ସୃଷ୍ଟି କରୁଛନ୍ତି, ଗରିବମାନେ କଷ୍ଟ ଭୋଗୁଛନ୍ତି । ବିଶେଷ କରି ଗରିବ ଶ୍ରମିକ ବର୍ଗ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହି ମାମଲାର ଶୁଣାଣି ବୁଧବାର ହେବ । ତିନି ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ ।



ସୋମବାର ଦିନ ସୁପ୍ରିମକୋର୍ଟ କହିଛନ୍ତି ଯେ ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣ ସ୍ତର ବୃଦ୍ଧି ପାଇବା ସମ୍ପର୍କରେ ଏକ ଆବେଦନର ଶୁଣାଣି ଡିସେମ୍ବର ୧୭ରେ କରାଯିବ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ବିପୁଲ ଏମ୍. ପାମଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ବରିଷ୍ଠ ଓକିଲ ଅପରାଜିତା ସିଂହଙ୍କ ଯୁକ୍ତି ଉପରେ ଧ୍ୟାନ ଦେଇଛନ୍ତି । ଯିଏ କୋର୍ଟକୁ ଆମିକସ୍ କ୍ୟୁରି (ଅଦାଲତର ବନ୍ଧୁ) *(ଶେଷ ପୃଷ୍ଠା ଦେଖନ୍ତୁ)*

## ହାଉସ୍ ସର୍ଜନଙ୍କ ଭତ୍ତା ବଢ଼ିଲା

**ଭୁବନେଶ୍ୱର,୧୫।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆୟୁର୍ବେଦିକ୍ ଓ ହୋମିଓପାଥିକ୍ କଲେଜ୍‌ରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ପାଇଁ ଖୁସି ଖବର । ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡରେ ବ୍ୟାପକ ବୃଦ୍ଧି କଲେ ରାଜ୍ୟ ସରକାର । ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁହେବ । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ ।

ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡରେ ୫୫ ପ୍ରତିଶତ ବୃଦ୍ଧି କରାଯାଇଛି । ପୂର୍ବରୁ ସେମାନଙ୍କ ମାସିକ ଷ୍ଟାଇପେଣ୍ଡ୍ ୩୧ ହଜାର ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୪୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ୩୨ ହଜାରରୁ ୫୨ ହଜାରକୁ ବୃଦ୍ଧି ପାଇଛି । ଏହା ହେଉଛି ୬୨ ପ୍ରତିଶତ ବୃଦ୍ଧି । ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟାଇପେଣ୍ଡ ପରିମାଣ ମାସକୁ ୩୩ ହଜାରରୁ ୫୫ ହଜାରକୁ ବୃଦ୍ଧି ପାଇଛି । ଏହି ବୃଦ୍ଧି ୬୭ ପ୍ରତିଶତ ।

ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ହାଉସ୍ ସର୍ଜନମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାରକୁ ବୃଦ୍ଧି କରାଯାଇଛି । ଏହା ଚଳିତ ବର୍ଷ ଅଗଷ୍ଟ ପହିଲାରୁ ଲାଗୁ ହେବ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା ଓ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ୧୨ ଲକ୍ଷର ବ୍ରାଉନସୁଗାର ଜବତ

**କଟକ,୧୫।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ସୋମବାର ସ୍ଥାନୀୟ ଜଗତପୁର ଛକରୁ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ, ଜଗତପୁର ଅଂଚଳର କାହ୍ନୁ ପ୍ରଧାନ (୩୫) । ଅଭିଯୁକ୍ତ ନିକଟରୁ ଅବକାରୀ ପୋଲିସ ୧୨୬ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି । ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ହୀରା ଦଳପତି, ଏସଆଇ ଅମିତ ବିଶ୍ୱାଳ, ଏଏସଆଇ ଅଜୟ ବେହେରା ଓ ଦିଲ୍ଲୀପ ନନ୍ଦ, କନେଷ୍ଟବଳ ଦିଲଜିତ ଦାସ, ରୋଜାଲିନ ପଟ୍ଟନାୟକ, ସସ୍ମିତା ସାହୁ, ରଂଜିତ ସାହୁ, ଶଙ୍କର୍ଷଣ ରାଉତ ଓ ସୁମିତ ନାୟକ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# କଂଗ୍ରେସରୁ ବିଦା ହେଲେ ମୋକିମ୍

**ନୂଆଦିଲ୍ଲୀ/ଭୁବନେଶ୍ୱର ୧୫।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବାରୁ ମହମ୍ମଦ ମୋକିମ୍‌ଙ୍କ କଂଗ୍ରେସରୁ ବହିଷ୍କାର କରାଯାଇଛି । ମହମ୍ମଦ ମୋକିମ୍ ସୋନିଆ ଗାନ୍ଧୀଙ୍କୁ ଲେଖିଥିବା ଚିଠିରେ ଯେଉଁସବୁ ପ୍ରସଂଗ ଉପସ୍ଥାପିତ କରିଥିଲେ ତାହା ଅଗ୍ରାହ୍ୟ ହୋଇଛି । ମୋକିମଙ୍କୁ ବହିଷ୍କାର କରିବା ଲାଗି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପ୍ରସ୍ତାବକୁ ଏଆଇସିସି ଅନୁମୋଦନ କରିଛି । ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ବହିଷ୍କୃତ ହୋଇଛନ୍ତି । ଏନେଇ ପିସିସି ସଭାପତି ଶ୍ରୀ ଦାସ ଚିଠି ଜରିଆରେ ସୂଚନା ଦେଇଛନ୍ତି ।

ସୋନିଆ ଗାନ୍ଧୀଙ୍କୁ ମହମ୍ମଦ ମୋକିମ୍ ଲେଖିଥିବା ପାଞ୍ଚ ପୃଷ୍ଠାର ଚିଠିକୁ ନେଇ ଗତକାଲି ମୁହଁ ଖୋଲିଥିଲେ ପିସିସି ସଭାପତି ଭକ୍ତ ଚରଣ ଦାସ । ନୂଆଦିଲ୍ଲୀରେ ସେ କହିଥିଲେ, ଯେଉଁମାନେ ବିଜେପି ସଂପର୍କରେ ଅଛନ୍ତି, ସେମାନେ ବରଂ ଦଳ ଛାଡ଼ି ଚାଲିଯିବା ଦରକାର । ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ୍‌ଗେ ବହୁ ପରିଶ୍ରମ କରି ଦଳକୁ ଆଗକୁ ନେଉଛନ୍ତି । ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବା ଆଦୌ ଠିକ୍ ନୁହେଁ ।



ଅନ୍ୟପକ୍ଷରେ ସୋମବାର କଂଗ୍ରେସ ଗଣମାଧ୍ୟମ ବିଭାଗ ପକ୍ଷରୁ ଅଧ୍ୟକ୍ଷ ଅରବିନ୍ଦ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନିଜକୁ ସଚ୍ଚା କଂଗ୍ରେସ କର୍ମୀ କହୁଥିବା ଜଣେ ନେତା ରାହୁଲ ଓ ଖଡ୍‌ଗେଙ୍କୁ ବିଦ୍ରୂପ କରି ଦଳରେ ରହିବା ସମ୍ଭବ କି ? ଏହି ବ୍ୟାଖ୍ୟାନକୁ ଗୁରୁତ୍ୱ ନ ଦେଇ ରାଜ୍ୟର ତଥ୍ୟାଭିଜ୍ଞ ମହଲ ଓ ଗଣମାଧ୍ୟମ 'ଭକ୍ତଙ୍କ ପାଇଁ ଅଡୁଆ' ବ୍ୟାଖ୍ୟାନ ଉପରେ ୫ ଦିନ ଧରି ଏହାକୁ ଚଳେଇଆସିଥିଲେ । ଯେତେବେଳେ ସାରା ଦେଶର କଂଗ୍ରେସ ନେତା ଓ କର୍ମୀ ଦିଲ୍ଲୀର ରାମଲୀଳା ମୈଦାନଠାରେ 'ଭୋଟ୍ ଚୋର ଗାଦି ଛାଡ଼' ପାଇଁ ବ୍ୟାପକ ପ୍ରସ୍ତୁତିରେ ମାତିଥିଲେ ସେତେବେଳେ ବିଜେପିର ବ୍ୟାଖ୍ୟାନକୁ ଆଗକୁ ନେବା ପାଇଁ ମାତିଯିବା କେଉଁ ସଚ୍ଚୋଟ କଂଗ୍ରେସ କର୍ମୀଙ୍କ ଲକ୍ଷଣ ? ଏହା ଥିଲା ବିଜେପି ଦ୍ୱାରା ସୃଷ୍ଟ ଚକ୍ରାନ୍ତର ଅଂଶବିଶେଷ । 'ବିଜେପିର ବ୍ୟାଖ୍ୟାନର କ୍ରୀଡ଼ନକ ସାଜିଥିବା ନେଇ ଅଭିଯୋଗ' ନିରାଧାର ନୁହେଁ । ଓଡ଼ିଶାର କଂଗ୍ରେସ ଭକ୍ତଙ୍କ ନେତୃତ୍ୱରେ ଉଧେଇପାରିବନି ନା ଭକ୍ତ ଥିଲେ ତାଙ୍କର ଆଉ ଉଧେଇବା ସମ୍ଭବ ହେବନାହିଁ ? କୋଉ ସଭାପତିଙ୍କୁ ସେ ଛାଡୁଛନ୍ତି କି ? ପିସିସି ସଭାପତି ହେଲେ ଯାଇ ଦଳରେ ରହିବେ ନ ହେଲେ ବିଦ୍ରୋହ କରିବେ, ଏଇଟା କି ପ୍ରକାର ଆନୁଗତ୍ୟ ? ମୋକିମ ସବୁବେଳେ ଦଳରେ ବିଶୃଙ୍ଖଳା ସୃଷ୍ଟି ପାଇଁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଭୁବନେଶ୍ୱରରେ ହେବ ଭିସା ଆପ୍ଲିକେସନ ସେଣ୍ଟର

**ଭୁବନେଶ୍ୱର,୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଗରୁ ଓଡ଼ିଶା ଲୋକଙ୍କୁ ଭିସା ପାଇଁ ଆଉ କୋଲକାତା, ଦିଲ୍ଲୀ କିମ୍ବା ହାଇଦ୍ରାବାଦ ଯିବାକୁ ପଡୁଥିଲା । ହେଲେ ଆଉ ସେଭଳି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ଓଡିଶାବାସୀ । ଏହାର ସମାଧାନ ଲାଗି ରାଜ୍ୟ ସରକାର ପ୍ରଚେଷ୍ଟା କରିଛନ୍ତି । ଓଡିଶା ସରକାର ଭୁବନେଶ୍ୱରରେ ପ୍ରତିଷ୍ଠା କରିବେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା ପାଇଁ ଅନୁମୋଦନ କରିଛନ୍ତି । ଏହି ପ୍ରସ୍ତାବିତ ଭିସା ସେଣ୍ଟର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେବ । ଏଥିପାଇଁ ଓଡିଶା ସରକାର ୩ ହଜାର ବର୍ଗଫୁଟର ଜାଗା ଯୋଗାଇଦେବେ ।

ଅନ୍ତର୍ଜାତୀୟ ଭିସା ପାଇବା ପାଇଁ ପୂର୍ବରୁ ରାଜ୍ୟବାସୀଙ୍କୁ କୋଲକତା, ନୂଆଦିଲ୍ଲୀ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ ସହରକୁ ଯିବା ପାଇଁ ପଡୁଥିଲା । ଭୁବନେଶ୍ୱରରେ ଏକ ଭିସା ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବି ରହିଆସୁଥିଲା । ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି ।

## ପଛକୁ ପଛ ପିଟି ହେଲା ୨୫ ଗାଡି: ୪ ମୃତ

**ନୂଆଦିଲ୍ଲୀ,୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପଛକୁ ପଛ ପିଟି ହେଲା ୨୫ଟି ଗାଡି । ଚାଲିଗଲା ୪ଜଣଙ୍କ ଜୀବନ । ଆଜି ସକାଳେ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳକୁ ଢାଙ୍କି ଦେଇଥିଲା ଘନ କୁହୁଡ଼ି । ଦୃଶ୍ୟମାନ୍ୟତା କମ୍ ହେବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । କୁହୁଡ଼ି ଯୋଗୁଁ ସୋମବାର ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ୨୫ଟି ଗାଡ଼ି ପରସ୍ପର ସହିତ ଧକ୍କା ଖାଇଥିଲା ବୋଲି ଜଣାପଡିଛି । ଏହି ଦୁର୍ଘଟଣାରେ ପ୍ରଥମେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି ପାଇଛି । ଏହା ସହିତ ପ୍ରାୟ ୨୦ଜଣ ଆହତ ହୋଇଛନ୍ତି । କୁହାଯାଉଛି ଯେ, ଏହି ଦୁର୍ଘଟଣାରେ ପିଜୁଳି ବୋଝେଇ ଟ୍ରକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏକ ପିଜୁଳି ବୋଝେଇ ଟ୍ରକ୍ ଓଲଟି ପଡ଼ିବାରୁ ରାସ୍ତାରେ ଏଣେତେଣେ ପିଜୁଳି ପଡିଯାଇଥିଲା ।

ଦୁଇଟି ଓଭରଲୋଡେଡ୍ ଡମ୍ପର ପରସ୍ପର ମଧ୍ୟରେ ଧକ୍କା ଖାଇବା ପରେ ସିରିଜ୍ ଦୁର୍ଘଟଣା ଆରମ୍ଭ ହୋଇଥିଲା । ଡମ୍ପର ଧକ୍କା ହେବା ପରେ ପଛରୁ ଆସୁଥିବା ପିଜୁଳି ବୋଝେଇ ଟ୍ରକ୍ ଆସି ଡମ୍ପର ସହିତ ଧକ୍କା ଖାଇ ଓଲଟି ପଡିଥିଲା । ଟ୍ରକ୍ ଓଲଟି ପଡ଼ିବାରୁ ବହୁ ପରିମାଣର ପିଜୁଳି ରାସ୍ତାରେ ପଡ଼ିଯାଇଥିଲା, ଯାହା ଫଳରେ ରାସ୍ତା ଖସଡା ହେବା ସହ ଗାଡିର ଚକ ଖସିବା ଆରମ୍ଭ ହୋଇଥିଲା । ଖସଡା ପାଇଁ ଗାଡିର ବ୍ରେକ୍ ନଧରିବାରୁ ପଛକୁ ପଛ ପିଟି ହୋଇଥିଲା ୨୫ଟି ଗାଡି ।

## ପୁଅ-ଝିଅଙ୍କୁ ଝୁଲାଇ ଦେଇ ଜୀବନ ହାରିଲେ ବାପା

**ମୁଜାଫରପୁର,୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ କରିବା ଭଳି ଘଟଣା । ନିଜର ୫ ପିଲାଙ୍କୁ ମାରିବାକୁ ଚେଷ୍ଟା କରିଛନ୍ତି ଜନ୍ମ କଲା ବାପା । ସେ ୫ ପିଲାଙ୍କୁ ମାରିବାକୁ ଉଦ୍ୟମ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ୫ ପିଲାଙ୍କୁ ମାରିବାକୁ ଉଦ୍ୟମ କରିବା ପରେ ବାପା ଜଣଙ୍କ ନିଜେ ମଧ୍ୟ ଆତ୍ମହତ୍ୟା କରିଛନ୍ତି । ବିହାରର ମୁଜାଫରପୁରରେ ଏପରି ହୃଦୟ ବିଦାରକ ଘଟଣା ଘଟିଛି ।

ଏହି ଘଟଣା ଘଟାଇଥିବା ବ୍ୟକ୍ତି ଜଣଙ୍କ ହେଲେ ୩୫ ବର୍ଷୀୟ ଅମରନାଥ ରାମ । ସେ ନିଜର ୫ ପିଲା- ଅନୁରାଧା କୁମାରୀ(୧୨), ଶିବାନୀ କୁମାରୀ(୧୧), ରାଧିକା କୁମାରୀ(୭), ଶିବମ କୁମାର(୬) ଓ ଚନ୍ଦନ କୁମାର(୫)ଙ୍କ ବେକରେ ଦଉଡି ବାନ୍ଧି ଝୁଲାଇ ମାରିବାକୁ ଚେଷ୍ଟା କରିଥିଲେ । ସେମାନଙ୍କ ମଧ୍ୟରୁ ୩ ଝିଅ ପ୍ରାଣ ହରାଇଥିବା ବେଳେ ୨ ପୁଅ ବର୍ତ୍ତି ଯାଇଛନ୍ତି ।

ଅଧିକାରୀମାନେ କହିଛନ୍ତି ଯେ ଅମରନାଥ ନିଜର ୫ ପିଲାଙ୍କୁ ଧାଡିରେ ଟ୍ରଙ୍କ ଉପରେ ଛିଡା ହେବାକୁ କହିଥିଲେ । ସେମାନେ ଛିଡା ହେବା ପରେ ସମସ୍ତଙ୍କ ବେକରେ ଦଉଡି ବାନ୍ଧି ଦେଇଥିଲେ । ଏହାପରେ ସମସ୍ତଙ୍କୁ ଟ୍ରଙ୍କରୁ ଡେଇଁବାକୁ କହିଥିଲେ । ୩ ଝିଅ ବାପାଙ୍କ କଥାରେ ଡେଇଁ ପଡିବାରୁ ସେମାନଙ୍କ ମୃତ୍ୟୁ ହୋଇଛି । ୨ ପୁଅ ବାପାଙ୍କ କଥା ନ ଶୁଣିବାରୁ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି । ଅମରନାଥ ନିଜେ ମଧ୍ୟ ସମାନ ଶୈଳୀରେ ଜୀବନ ହାରିଛନ୍ତି ।

ଅମରନାଥଙ୍କ ପୁଅ ଶିବମ କହିଛନ୍ତି, "ମୁଁ ଘରେ ମୋ ବାପା ଓ ଭାଇଭଉଣୀଙ୍କ ସହ ଥିଲି । ମୁଁ ଫୋନ ବ୍ୟବହାର କରୁଥିବେ ବେଳେ ମୋ ବାପା ବାଥରୁମ ଯାଇଥିଲେ । ସେଠାରୁ ଫେରିବା ପରେ ସେ ଆମ ସମସ୍ତଙ୍କୁ ଜଣଙ୍କ ପରେ ଜଣେ ଟାଙ୍ଗି ଦେଇଥିଲେ । ମୁଁ ବେକରେ ଲାଗିଥିବା ଦଉଡିକୁ ଖୋଲିବାକୁ ସକ୍ଷମ ହେବାରୁ ବର୍ତ୍ତି ଯାଇଛି ।" ଏବେ ଅମରନାଥଙ୍କ ଦୁଇ ପୁଅଙ୍କୁ ମେଡିକାଲ ସୁବିଧା ଯୋଗାଇ ଦିଆଯାଉଛି ।

ଗତବର୍ଷ ଅମରନାଥଙ୍କ ପତ୍ନୀ ପ୍ରାଣ ହରାଇଥିଲେ । ସେବେଠାରୁ ସେ ୫ ପିଲାଙ୍କ ସହ ରହୁଥିଲେ ହେଁ ତାଙ୍କ ମାନସିକ ସ୍ଥିତି ଠିକ ନଥିଲା । ଆର୍ଥିକ ଅନଟନ ଯୋଗୁ ସେ ପିଲାମାନଙ୍କ ଦେଖାଶୁଣା ଠିକ ଭାବେ କରିପାରୁ ନଥିଲେ । ଏଥିଯୋଗୁ ସେ ସବୁବେଳେ ଚିନ୍ତାରେ ରହୁଥିଲେ । କିନ୍ତୁ ହଠାତ୍ ସେ କାହିଁକି ଏପରି ପଦକ୍ଷେପ ନେଲେ, ସେକଥା ସ୍ପଷ୍ଟ ଭାବେ ଜଣାପଡିନି । ସକରା ପୁଲିସ୍ ଏନେଇ ଗୋଟିଏ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି ।

### ମନରେଗା ନାଁ ବଦଳାଇବେ ମୋଦି ସରକାର

# ନୂଆ ନାଁ ହେବ 'ଭିବି ଜି ରାମ ଜି'

**ନୂଆଦିଲ୍ଲୀ,୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗ୍ରାମୀଣ ରୋଜଗାର ନୀତିରେ ବଡ଼ ଧରଣର ପରିବର୍ତ୍ତନ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର । ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନ ବା (ମନରେଗା)ର ନା ବଦଳିବ । ଏହା ବଦଳରେ ଆଉ ଗୋଟିଏ ନୂଆ ଗ୍ରାମୀଣ ନିଯୁକ୍ତି ଯୋଜନା ଲାଗୁ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର । ଏମଜିନରେଗା ବା ମନରେଗା ଯୋଜନା ବଦଳରେ ଆଉ ଗୋଟିଏ ସ୍କିମ ଲାଗୁ କରିବା ପାଇଁ ସରକାର ଶୀତ ଅଧିବେଶନରେ ବିଲ ଆଗତ କରିବେ । ଏହାର ନାଁ ରହିଛି 'ବିକଶିତ ଭାରତ ଜି ରାମ ଜି' ।



ବିଲର ପ୍ରସ୍ତାବ ଅନୁସାରେ, ସରକାର ୨୦୦୫ର ମନରେଗା ଆଇନକୁ ବାତିଲ କରି ତା ସ୍ଥାନରେ ସରକାର ଆଣିଥିବା ନୂଆ ବିଲର ନାଁ ହେଉଛି 'ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ୍ (ଗ୍ରାମୀଣ) ବିଲ୍ ୨୦୨୫ । ବିଲ୍‌ର କପି ସୋମବାର ଲୋକସଭାର ସାଂସଦଙ୍କୁ ସର୍କୁଲେଟ୍ କରାଯାଇଛି । ଏହାର ଉଦ୍ଦେଶ୍ୟ ଗ୍ରାମୀଣ ରୋଜଗାର ବ୍ୟବସ୍ଥାକୁ ନୂଆ ଭାବରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶାରେ ୨୨ ଲକ୍ଷ ମାମଲା: ଫଇସଲା ଗତି ଧିମା

**ଭୁବନେଶ୍ୱର,୧୫।୧୨: ତଥ୍ୟ**

ଓଡ଼ିଶାରେ ଏବେ ପ୍ରାୟ ୨୨ଲକ୍ଷ ମାମଲା ବିଭିନ୍ନ ଆଇନ୍ ଅଦାଲତରେ ବିଚାର ପ୍ରତୀକ୍ଷାରେ ରହିଛି । ଏଥିରୁ ଅନେକ ମାମଲା ୨ରୁ ୩ ଦଶନ୍ଧି ଧରି ଗଡୁଛି । ଚଳିତ ଶତାବ୍ଦୀର ଏକ ଚତୁର୍ଥାଂଶ ଶେଷ ହେବାକୁ ଯାଉଥିବାବେଳେ ଗତ ଶତାବ୍ଦୀର ବହୁ ମାମଲା ବିଚାରାଧୀନ ଥିବା ବିଚାର ବିଭାଗୀୟ ସଂସ୍ଥା, ସରକାର ଏବଂ ପକ୍ଷମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗତ ଅଗଷ୍ଟ ଶେଷ ସୁଦ୍ଧା ୧୯,୯୭,୩୧୭ଟି ମାମଲା ବିଚାରାଧୀନ ଥିବାବେଳେ ଏଥିରୁ ଫୌଜଦାରୀ ମାମଲା ସଂଖ୍ୟା ୧୬,୮୪,୪୩୨ ଓ ଦେୱାନୀ ମାମଲା ସଂଖ୍ୟା ୩,୧୨,୮୮୫ । ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ପ୍ରାୟ ଦେଢ଼ ଲକ୍ଷ ଥିବାବେଳେ ଅନ୍ୟ ଟ୍ରିବ୍ୟୁନାଲ ଓ ରାଜସ୍ୱ ସଂସ୍ଥାଗୁଡ଼ିକରେ ପଡ଼ିରହିଥିବା ମାମଲା ସଂଖ୍ୟା ୫ଲକ୍ଷରୁ ଅଧିକ ହେବ ବୋଲି କୁହାଯାଉଛି ।

ସରକାର ସ୍ୱୀକାର କରୁଛନ୍ତି ଯେ ଧାର୍ଯ୍ୟ ତାରିଖରେ ସାକ୍ଷୀ, ସରକାରୀ ସାକ୍ଷୀ, ତଦନ୍ତକାରୀ ଅଧିକାରୀ ଓ ଡାକ୍ତର ଆଦି ଉପସ୍ଥିତ ନହେବା, ଜାମିନ ବିହୀନ ୱାରେଣ୍ଟଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରାନଯିବା, ତଦନ୍ତ ରିପୋର୍ଟ ଓ ଅଭିଯୋଗ ଫର୍ଦ୍ଦ ଦାଖଲରେ ବିଳମ୍ବ, ଅଭିଯୁକ୍ତମାନେ ଠିକଣା ସମୟରେ ଅଦାଲତରେ ଉପସ୍ଥିତ ନରହିବା, ରାସାୟନିକ ଓ ଅନ୍ୟ ବୈଜ୍ଞାନିକ ତଦନ୍ତ ରିପୋର୍ଟ ସଠିକ୍ ସମୟରେ ଦାଖଲ କରାନଯିବା ଏବଂ ବିଭିନ୍ନ ପକ୍ଷଙ୍କ ତରଫରୁ ବାରମ୍ବାର ସମୟ ଗଡ଼ାଯିବା ଆଦି କାରଣରୁ ମାମଲା ଫଇସଲା ବିଳମ୍ବିତ ହେଉଛି ।

କେବଳ ସେତିକି ନୁହେଁ, ଉପରୋକ୍ତ କାରଣଗୁଡ଼ିକ ଯୋଗୁ ସଂଖ୍ୟାଧିକ ଅପରାଧିକ ମାମଲାରେ ସାକ୍ଷ୍ୟ ପ୍ରମାଣକୁ ଦୁର୍ବଳ କରିବାରେ ଅଭିଯୁକ୍ତମାନେ ସକ୍ଷମ ହୋଇ ଖସିଯିବାରେ ସମର୍ଥ ହେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ମାମଲା ନୀତି ପ୍ରଣୟନ କରିଥିଲେ ମଧ୍ୟ ତାହା ବିଶେଷ ଭାବେ ମାମଲା ସଂଖ୍ୟା ହ୍ରାସ କରିବାରେ ସହାୟକ ହେଉନାହିଁ । ତେବେ ମଧ୍ୟସ୍ଥତା ଓ ଲୋକ ଅଦାଲତ ମାଧ୍ୟମରେ ମାମଲା ସମାଧାନ ଲାଗି ଗୁରୁତ୍ୱ ଦିଆଯିବା ଫଳରେ ଅବଶ୍ୟ କିଛି ମାତ୍ରାରେ ଫଇସଲା ସଂଖ୍ୟା ବଢୁଛି ।

ଭାରତ ସରକାରଙ୍କ ସର୍ବଶେଷ କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟ ମୁତାବକ ଓଡ଼ିଶାରେ ମହିଳାମାନଙ୍କ ପ୍ରତି ଅପରାଧ କ୍ଷେତ୍ରରେ ପାଖାପାଖି ୨ଲକ୍ଷ ମାମଲା ବିଚାରାଧୀନ ଥିବାବେଳେ ଏ କ୍ଷେତ୍ରରେ ଦଣ୍ଡବିଧାନ ଓ ଫଇସଲା ହାର ୭ ପ୍ରତିଶତରୁ କମ୍ ରହୁଛି । ଆର୍ଥିକ ଅପରାଧ କ୍ଷେତ୍ରରେ ବି ଓଡ଼ିଶାରେ ଦଣ୍ଡବିଧାନ ହାର ମାତ୍ର ୬ ପ୍ରତିଶତ ଥିବାବେଳେ ଫଇସଲା ହାର ମାତ୍ର ୧.୮ ପ୍ରତିଶତ । ଶିଶୁମାନଙ୍କ ପ୍ରତି ଅପରାଧ କ୍ଷେତ୍ରରେ ଓଡ଼ିଶାରେ ଦଣ୍ଡବିଧାନ ହାର ୧୩.୪ ପ୍ରତିଶତ ଥିବାବେଳେ ଫଇସଲା ହାର ୧୦ ପ୍ରତିଶତରେ ରହୁଛି । ଦୁର୍ନୀତି ନିର୍ବାରଣ ମାମଲାରେ ଓଡ଼ିଶାରେ ଫଇସଲା ହାର ମାତ୍ର ୭.୨ ପ୍ରତିଶତ ଥିବାବେଳେ ଦଣ୍ଡବିଧାନ ହାର କିନ୍ତୁ ୪୯.୬ ପ୍ରତିଶତ ରେକର୍ଡ କରାଯାଇଛି । ତେବେ ଆଇପିସି ମାମଲାରେ ଦଣ୍ଡବିଧାନ ହାର ୩୦ ପ୍ରତିଶତରୁ କମ୍ ରହୁଛି ।

ଏହି ରିପୋର୍ଟ ମୁତାବକ ବରିଷ୍ଠ ନାଗରିକ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ପ୍ରତି ଘଟୁଥିବା ଅପରାଧ ଏବଂ ପରିବେଶ ମାମଲା ଓ ରାଜ୍ୟ ବିରୋଧରେ ଅପରାଧ ମାମଲାରେ ଦଣ୍ଡବିଧାନ ହାର ୧ ପ୍ରତିଶତରୁ କମ୍ ରହୁଥିବାବେଳେ ଫଇସଲା ହାର ୩ ପ୍ରତିଶତକୁ ଟପିପାରୁ ନାହିଁ । ଏ ପରିପ୍ରେକ୍ଷୀରେ ବକେୟା ମାମଲାଗୁଡ଼ିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ୨୦୦୦ ମସିହା ପୂର୍ବର ସମସ୍ତ ମାମଲା ୨୦୨୬ ମାର୍ଚ୍ଚ ସୁଦ୍ଧା ଏବଂ ୨୦୧୦ ପୂର୍ବର ମାମଲାଗୁଡ଼ିକ ଯେପରି ୨୦୨୬ ଡିସେମ୍ବର ସୁଦ୍ଧା ଫଇସଲା ହୁଏ ଏବଂ ନୂଆ ମାମଲାଗୁଡ଼ିକ ଯେଭଳି ବର୍ଷକ ଭିତରେ ସରେ ସେ ଦିଗରେ ଗୁରୁତ୍ୱ ଦେବା ଲାଗି ଅଭିଜ୍ଞ ଆଇନ୍‌ଜୀବୀମାନେ ମତବ୍ୟକ୍ତ କରୁଛନ୍ତି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୬ ଡିସେମ୍ବର ୨୦୨୫ । ମଙ୍ଗଳବାର



## ଡିଜିପିଙ୍କ କ୍ୟାମ୍ପ ଅଫିସ ସମ୍ମୁଖରେ ବିଜେଡିର ଧାରଣା



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ପ୍ରଣବଙ୍କ ଘରେ ଭଙ୍ଗାରୁଜାକୁ ନେଇ ପ୍ରତିବାଦ ତୀବ୍ର ହେବାରେ ଲାଗିଛି। ବିଜେଡି ନେତାମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଭୁବନେଶ୍ୱର ଡିଜି କ୍ୟାମ୍ପ ଅଫିସ ଆଗରେ ଧାରଣା ଜାରି ରହିଛି। ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ଧର୍ମଶାଳା ନିର୍ବାଚନମଣ୍ଡଳୀର ଶତାଧିକ ଲୋକ ମଧ୍ୟ ଏହି ଧାରଣାରେ ସାମିଲ ହୋଇଛନ୍ତି। ପ୍ରଣବ କହିଛନ୍ତି, ଧର୍ମଶାଳାରେ ଗୁଣ୍ଡାରାଜ ଚାଲିବା ନାହିଁ। ନ୍ୟାୟ ନ ମିଳବା ଯାଏ ଧାରଣା ଜାରି ରହିବ। ବିଗତ ଦିନରେ କିଛି କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ସେମାନଙ୍କ ସାହସ ବଢୁଛି ବୋଲି କହିଛନ୍ତି ପ୍ରଣବ। ରବିବାର ରାତିରୁ ବିଜେଡି ନେତାମାନେ ଧାରଣା ଦେଇଛନ୍ତି। ବିଧାୟକ ହିମାଂଶୁ ଶେଖର ସାହୁଙ୍କର ଜଣେ ସମର୍ଥକଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ଆଣି ଶତାଧିକ କର୍ମୀ ଜେନାପୁର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି।

## ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଜିଲ୍ଲା ଭେଷଜ ନିରୀକ୍ଷକ, ଜିଲ୍ଲା ଅବକାରୀ ବିଭାଗ ଓ ପୋଲିସର ମିଳିତ ସହଯୋଗରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଓ ଔଷଧ ଦୋକାନ, ବିଦ୍ୟାଳୟ ସମ୍ମୁଖ ଓ ଡାକ୍ତରଖାନା ସମ୍ମୁଖରେ ଥିବା ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରି ସଚେତନ କରିବା ସହିତ ଜୋରିମାନା ଆଦାୟ କରାଯାଇଥିବା ଦେଖିବାକୁ ମିଳିଛି। ଜିଲ୍ଲାର ଢେଙ୍କାନାଳ ଟାଉନ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଔଷଧ ଦୋକାନଗୁଡିକରେ ନିଶା ଜାତୀୟ କଫ ସିରପ ଓ ବିଭିନ୍ନ ଡାକ୍ତରଖାନା ନିକଟ ଏବଂ ବିଦ୍ୟାଳୟ ନିକଟରେ ଥିବା ବିଭିନ୍ନ ଦୋକାନକୁ ଚଢ଼ାଉକରୀ, ସିଗାରେଟ, ତମାଖୁ ଜାତୀୟ ନିଶା ଦ୍ରବ୍ୟ ସେବନ ପାଇଁ ରଖିଥିବା ଦୋକାନୀ ଉପରେ ଜୋରିମାନା କରିବା ସହିତ ବିଭିନ୍ନ ଦୋକାନୀମାନଙ୍କୁ ସଚେତନ କରିଥିଲେ। ଏହି ଚଢ଼ାଉରେ ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟର ଦିଲୀପ କୁମାର ଜେନା ଓ ଜିଲ୍ଲା ଅବକାରି ବିଭାଗ ଓ ପୋଲିସର ମିଳିତ ସହଯୋଗରେ ଚଢ଼ାଉ ହୋଇଥିଲା।

## ବାଲିଚନ୍ଦ୍ରପୁରରେ ମାତିଛନ୍ତି ଚୋର



**ଚଣ୍ଡିଖୋଲ: ଏକ୍ସପ୍ରେସ ନ୍ୟୁଜ୍**

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତ ମାତକତପୁର (କଟିକଟା) ବଜାରରେ ଥିବା ଶଶିକାନ୍ତ ସାହୁଙ୍କ ଔଷଧ ଦୋକାନ ଗୃହର ଆଜବେଷ୍ଟ ଭାଙ୍ଗି ଗତ ୧୩ ତାରିଖ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ଭିତରେ ପଶି ୫୦ ହଜାରରୁ ଅଧିକ ଟଙ୍କାର ଔଷଧ ଓ ଅନ୍ୟାନ୍ୟ ଜିନିଷପତ୍ର ଚୋରି କରି ନେଇଥିବା ନେଇ ଶ୍ରୀ ସାହୁ ସୋମବାର ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ ହୋଇଛି। ତେବେ ଏହି ବଜାରଟି ଏକ ଛୋଟ ବଜାର ହୋଇଥିବା ବେଳେ ରାତ୍ରି ଡିୟୁଟି ପାଇଁ ଏହି ବଜାରରେ ଦୁଇ ଜଣ ଗ୍ରାମରକ୍ଷୀ ନିଯୁକ୍ତି ପାଇଛନ୍ତି। ଏହା ସତ୍ତ୍ୱେ ଏହି ବଜାରର ଦୋକାନ ଗୃହ ଆଜବେଷ୍ଟ ଭାଙ୍ଗି ଚୋରମାନେ କିଭଳି ଚୋରି କରିବାରେ ସଫଳ ହେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏଥିପ୍ରତି ପୋଲିସ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଏହି ବଜାରର ବ୍ୟବସାୟୀମାନେ ଦାବି କରିଛନ୍ତି।

### ଉଦ୍‌ଘାଟନକୁ ପୁରିଲାଣି ୪ବର୍ଷ

## କେବେ ଖୋଲିବ କର୍ମଜୀବୀ ମହିଳା ନିବାସରୁ ତାଲା

**ବ୍ୟାସନଗର: ଏକ୍ସପ୍ରେସ ନ୍ୟୁଜ୍**

ବ୍ୟାସନଗର ପୌରାଞ୍ଚଳ ସନ୍ତରା ଠାରେ ନିର୍ମିତ କର୍ମଜୀବୀ ମହିଳା ନିବାସରୁ କେବେ ଖୋଲିବ ତାଲା। ଏଭଳି ପ୍ରଶ୍ନ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ପ୍ରତିଦ୍ୱନ୍ଦିତ ହେଉଛି। କର୍ମଜୀବୀ ମହିଳାଙ୍କ ସହ ଅବହେଳିତ-ନିଷ୍ପେଶିତ ମହିଳାମାନେ ଉକ୍ତ ନିବାସରେ ରହିବାର ବ୍ୟବସ୍ଥା କରାଯାଇଥିଲା। ୨୦୧୨ ମସିହା ମାର୍ଚ୍ଚ ୮ତାରିଖରେ ଏହାର ଉଦ୍‌ଘାଟନ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିଲେ। ମହିଳା ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ନିର୍ମିତ ନିବାସ ଉଦ୍‌ଘାଟନକୁ ୪ବର୍ଷ ବିତି ଯାଇଥିଲେ ବି ନିବାସରୁ ତାଲା ଫିଟୁନି। କୋଟି କୋଟି ଟଙ୍କାରେ ନିର୍ମିତ ନିବାସ ପରିସର ଝାଟି



ଜଙ୍ଗଲରେ ପରିପୂର୍ଣ୍ଣ ହୋଇପଡିଥିବା ବେଳେ ରହିବା ପାଇଁ ନିବାସରେ ଲଗାଯାଇଥିବା ସରଞ୍ଜାମ ଖତ ଖାଉଛି। ଖବର ମତେ କେନ୍ଦ୍ର ସରକାର ସହରାଞ୍ଚଳ କର୍ମଜୀବୀ ମହିଳାଙ୍କ ସହ ଅବହେଳିତ-ନିଷ୍ପେଶିତ ମହିଳାମାନଙ୍କ ରହଣୀ ନିମନ୍ତେ ରାଜ୍ୟ ସରକାରଙ୍କ ସହଯୋଗରେ ମହିଳା ନିବାସ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ। ବ୍ୟାସନଗର ପୌରାଞ୍ଚଳ ସନ୍ତରା ଠାରେ ନିର୍ମିତ ନିବାସ ନିର୍ମାଣ କାର୍ଯ୍ୟ ଇଡକୋ ହାତକୁ ଟେକିଦିଆଯାଇଥିଲା। ଇଡକୋ ନିବାସର ତାଲା ମହିଳା ବିକାଶ ସମିତିକୁ ୨୦୨୩ ମସିହା ଡିସେମ୍ବର ୬ରେ ହସ୍ତାନ୍ତର କରିଥିଲା। ଇଡକୋ ଦ୍ୱାରା ନିର୍ମିତ ୧୦୦ଶଯ୍ୟା ବିଶିଷ୍ଟ ନିବାସରେ ମହିଳା ରହିବାର ସମସ୍ତ ବ୍ୟବସ୍ଥା ଉପଲବ୍ଧ ରହିଥିଲେ ହେଁ ସରକାରୀ କି ପ୍ରଶାସନିକସ୍ତରରୁ ନିବାସ କାର୍ଯ୍ୟକ୍ଷମ କରିବାର କୌଣସି ଉଦ୍ୟମ କରାଗଲାନି। କର୍ମଜୀବୀ ମହିଳା ସ୍ୱଚ୍ଛ ଅର୍ଥ ଏବଂ ସୁରକ୍ଷିତ ସ୍ଥାନରେ ରହିବାକୁ ଇଚ୍ଛା ରଖୁଥିଲେ ହେଁ ତାହା ସେମାନଙ୍କ ପାଇଁ ଉପଲବ୍ଧ ହେଉନି। କୋଟି କୋଟି ଟଙ୍କାରେ ନିର୍ମିତ ମହିଳା ନିବାସ ଜରାଜୀର୍ଣ୍ଣ ହୋଇପଡିଥିବା ଏବଂ ପରିସର ଠାରୁ ଆରମ୍ଭ କରି ପ୍ରବେଶ ପଥ ଝାଟିଜଙ୍ଗଲରେ ପରିପୂର୍ଣ୍ଣ ହୋଇପଡିରହିଛି। ରାଜ୍ୟ ସରକାର ମିଶନଶକ୍ତିର ଶକ୍ତି ବୃଦ୍ଧି ଦିଗରେ କାର୍ଯ୍ୟ କରୁଥିବା କଥା କହୁଥିବା ବେଳେ କେନ୍ଦ୍ରୀୟ ଅନୁଦାନରେ ନିର୍ମିତ ନିବାସ ଭୁତକୋଠିରେ ପରିଣତ ହେବାକୁ ଯାଉଛି।

## ନୟାଗଡ଼ରେ ମେଡିକାଲ କଲେଜ ଦାବି

**ଦଶପଲ୍ଲା: ଏକ୍ସପ୍ରେସ ନ୍ୟୁଜ୍**

ନୟାଗଡ଼ ହେଉଛି ଜିଲ୍ଲାର କେନ୍ଦ୍ରସ୍ଥଳ, ଯାହାର ଚତୁଃଦିଗ ଦେଖିଲେ ପଶ୍ଚିମରେ କୁଜାମେଣ୍ଡୀ, ଉତ୍ତରରେ ବଡସିଲିଙ୍ଗା, ପୂର୍ବରେ ଫତେଗଡ଼, ରାଜସୁନାଖଳା, ଦକ୍ଷିଣରେ ନୂଆଗାଁ କଳସାଖମଣ ପର୍ଯ୍ୟନ୍ତ ଅଞ୍ଚଳର ମଧ୍ୟସ୍ଥଳ କହିଲେ ଅତ୍ୟୁକ୍ତି ହେବନାହିଁ। ନୟାଗଡ଼ ସହରର ୫୭ ନମ୍ବର ଜାତୀୟ ରାଜପଥକୁ ଲାଗି ଶହ ଶହ ଏକର ସରକାରୀ ଜାଗା ମଧ୍ୟ ମହଜୁଦ ଥିବା ସୂଚନା ଅଧିକାର ଆଇନ ଆଧାରରେ ଜଣାଯାଇଛି ଏବଂ ଯାହା ଅବ୍ୟବହୃତ ଅବସ୍ଥାରେ ମଧ୍ୟ ଅଛି। ଆନୁସଙ୍ଗିକ ବ୍ୟବସ୍ଥା ସ୍ୱରୂପ ଛାତ୍ରଛାତ୍ରୀଙ୍କ ପାଇଁ ବଜାର, ପ୍ରଫେସରମାନଙ୍କ ପିଲାଙ୍କ ପାଇଁ ବିଜ୍ଞାନ କଲେଜ, ବ୍ୟାଙ୍କ ସେବା, ଟେଲିକମ ସେବା, ରେଳ ସେବା ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଦପ୍ତରର ସୁବିଧା ରହିଛି। ତେଣୁ ନୟାଗଡ଼ର ସଦର ମହକୁମାରେ ହିଁ ମେଡିକାଲ କଲେଜ କରାଯାଉ ବୋଲି କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ନେଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସଭାରେ ନୟାଗଡ଼ କ୍ରିୟାନୁଷ୍ଠାନ କମିଟିର ଆବାହକ ଗୋଦାବରୀ ସାହୁ, ରୋଟାରୀଆନ ଶ୍ରୀକାନ୍ତ ଖଟେଇ, ବିଜେପି ନେତା ସନ୍ତୋଷ ପ୍ରଧାନ, ସାମ୍ବାଦିକ ଅନୱାର ଅଲ୍ଲୀ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା, ଏନଏସି ଅଧ୍ୟକ୍ଷା, ସଭାପତି ବଣିକ ମହାସଂଘ, ସଭାପତି ଉତ୍କଳ ସମ୍ମିଳନୀ, ସଭାପତି ପ୍ରେସ୍ କ୍ଲବ, ସଭାପତି ବରିଷ୍ଠ ନାଗରିକ ମଞ୍ଚ, ସଭାପତି, ଦୁର୍ଗା ବଜାର କମିଟି, ସମ୍ପାଦକ ଗଠନ ପରିବାର, ସାଂସଦ ପ୍ରତିନିଧି କିଶୋର ଦଳବେହେରା, ନାରୀନେତ୍ରୀ ସଂଯୁକ୍ତା ଦାଶଗୁପ୍ତା, ଗାଳ୍ପିକ ହାଡିବନ୍ଧୁ ମହାଖୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ବ୍ୟାପକ କରାଯିବାକୁ ଗୋଟିଏ ୨୧ଜଣିଆ କମିଟି ଗଠନ କରାଗଲା। ଏହି କମିଟି ଆଗାମୀ ଦିନରେ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ପିକନିକ ଗାଡି ଦୁର୍ଘଟଣା

**ଛତ୍ରପୁର: ଏକ୍ସପ୍ରେସ ନ୍ୟୁଜ୍**

ଛତ୍ରପୁର ଜାତୀୟ ରାଜପଥ ଏକାମ୍ରନଗରରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। କୋରାପୁଟରୁ ପିକ୍‌ନିକ୍ ସାରି ନିମାପଡ଼ା ଫେରୁଥିବାବେଳେ ଏକ କାର୍ ଛତ୍ରପୁର ଜାତୀୟ ରାଜପଥ ଏକାମ୍ରନଗର ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ବସିଥିବା ୧୩ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୋମବାର ସକାଳେ ନିମାପଡ଼ା ଅଞ୍ଚଳର ଏକ ଗାଡ଼ିରେ ୧୩ ଜଣ ଯାତ୍ରୀ କୋରାପୁଟ ପିକ୍‌ନିକ୍ କରି ନିଜ ଅଞ୍ଚଳକୁ ଫେରୁଥିବାବେଳେ ଡ୍ରାଇଭରଙ୍କ ଆଖି ପଡ଼ିଯିବାରୁ ଜାତୀୟ ରାଜପଥକୁ ଧକ୍କା ଦେଇଥିଲା। ଗାଡ଼ିର ଆଗ ପାର୍ଶ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ କେହି ବି ଆହତ ହୋଇନାହାନ୍ତି। ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ହାତୀକୁ ଖାଦ୍ୟରେ ବିସ୍ଫୋରକ

**ବାରିପଦା: ଏକ୍ସପ୍ରେସ ନ୍ୟୁଜ୍**

୮ ଦିନ ତଳେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଦେଇ ଏକ ୨୭ ଟିକିଆ ହାତୀପଲ ବୁଢ଼ାବଳଙ୍ଗ ନଦୀ ପାର ହୋଇ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଭିମୁଖେ ଯାଇଥିଲେ। ଗତ ୧୧ ତାରିଖରେ ୨୫ଟି ହାତୀ ଫେରିଥିବା ବେଳେ ୨ଟି ହାତୀ ୧୨ ତାରିଖରେ ବେତନଟୀ ରେଞ୍ଜ ଚୁଆପଦା ଜଙ୍ଗଲରେ ପହଞ୍ଚିଥିଲେ। ସେଥିମଧ୍ୟରୁ ଏକ ୭/୮ ବର୍ଷୀୟା ମାଈହାତୀ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ତା'ପାଟିରୁ ରକ୍ତ ଝରିବା ସହ ଦୁର୍ଗନ୍ଧ ହେଉଥିଲା। ହାତୀଟି ଖାଦ୍ୟ ପାନୀୟ ଗ୍ରହଣ କରି ନ ପାରି ଏଣେତେଣେ ଦୌଡ଼ି ବୁଲୁଥିଲା। ବନ ବିଭାଗ ଅଧିକାରୀ, କର୍ମଚାରୀ ଓ ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରାଙ୍କୁଲାଇଜ୍ କରି ହାତୀଟିକୁ ଉଦ୍ଧାର କରିଥିଲେ। ପରେ ତାକୁ ଶିମିଳିପାଳ ଜାତୀୟ ଉଦ୍ୟାନ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ତାଳବନ୍ଧ ରେଞ୍ଜ କାନଛିଣ୍ଡା ପ୍ରାଣୀ ଚିକିତ୍ସାଳୟରେ ରଖି ଚିକିତ୍ସା କରାଯାଉଛି। ଅନାହାର ଓ ସଂକ୍ରମଣ ବୃଦ୍ଧି ଯୋଗୁ ହାତୀଟି ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛି।

ଆରସିସିଏଫ୍ ଗୋଗିନେନୀ କୁହନ୍ତି, ହାତୀର ଜିଭଟି ଏକ ତୃତୀୟାଂଶ ଛିଣ୍ଡି ଯାଇଥିବା ବେଳେ ସଂକ୍ରମଣ ବୃଦ୍ଧି ପାଇଛି। ଡାକ୍ତରୀ ଟିମ୍ ତା'ର ଚିକିତ୍ସା ଜାରି ରଖିଛନ୍ତି। ତଦନ୍ତ ପରେ ବିସ୍ଫୋରଣଜନିତ ଘଟଣା ହୋଇଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଏହା ଏକ ଜଘନ୍ୟ ଅପରାଧ। ଏଭଳି ନୃଶଂସ କାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କୁ ହତ୍ୟା ଭଳି ଆଇନରେ ଦଣ୍ଡିତ କରାଯିବା ଉଚିତ। ପରିବେଶବିତ୍ ସଂଯୁକ୍ତା ବସା କୁହନ୍ତି, ବାଣ ବିସ୍ଫୋରଣ ପାଇଁ ହାତୀର ଜିଭ ଛିଣ୍ଡିଛି। ଏଭଳି କ୍ରୁର ଘଟଣାକୁ ସେ ଦୃଢ଼ ନିନ୍ଦା କରିଛନ୍ତି। ତେବେ ଜଙ୍ଗଲୀ ବାରହା ଶିକାର କିମ୍ବା ବନ୍ୟଜନ୍ତୁଙ୍କୁ ଭୟଭୀତ କରିବା ପାଇଁ ବିଶେଷତଃ ଚାଷୀମାନେ ପନିପରିବା କିମ୍ବା ଫଳଜାତୀୟ ଖାଦ୍ୟରେ ବିସ୍ଫୋରକ ଭର୍ତ୍ତି କରି ବ୍ୟବହାର କରିଥାନ୍ତି। ଏହିଭଳି ଅମାନବୀୟ ଆକ୍ରୋଶର ଶିକାର ହୋଇ ମାଈହାତୀଟି ମୃତ୍ୟୁସହ ସଂଗ୍ରାମ କରୁଥିବା ଚର୍ଚ୍ଚା ହେଉଛି।

## ଜଳିଗଲା ଚାଷୀର ଧାନ : ଥାନାରେ ମାମଲା



**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ବାଲିପାଟଣା ଥାନା ଅନ୍ତର୍ଗତ ପମ୍ପାଲୋ ଗ୍ରାମ ପଞ୍ଚାୟତ କୁଳନ୍ତିରା ଗ୍ରାମର ଜଣେ ଚାଷୀ ନିଜର କୁଟାକୁ ନିଆଁ ଲଗାଇ ପୋଡୁଥିବା ସମୟରେ ହଠାତ୍ ଏକ ଧାନ ଫସଲ ବିଲରେ ନିଆଁ ଲାଗି ସବୁ ଧାନ ପୋଡ଼ି ଯାଇଛି। ଯାହାକୁ ନେଇ ବିବାଦ ସୃଷ୍ଟି ହୋଇ ଥାନାରେ ଅଭିଯୋଗ କରିଛନ୍ତି କ୍ଷତିଗ୍ରସ୍ତ ଚାଷୀ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଦରଡା ଗ୍ରାମର କବିରାଜ ଭୋଇଙ୍କ ପୁଅ ସର୍ବେଶ୍ୱର ଭୋଇଙ୍କ ଜମି ନିକଟରେ ଥିବା ବନା ବେହେରାଙ୍କ ଜମି। ବିଲରେ ଅମଳ ପରେ ପଡିଥିବା କୁଟାକୁ ନିଆଁ ଲଗାଇ ଦେଇଥିଲେ। ହଠାତ୍ ଚାହୁଁ ଚାହୁଁ ନିଆଁ ଚାରିଆଡେ ବ୍ୟାପି ଯାଇଥିଲା। ପାଖରେ ଥିବା ସର୍ବେଶ୍ୱରଙ୍କ ୧୫ ଗୁଣ୍ଠ ଧାନ ଫସଲରେ ନିଆଁ ଲାଗିଯାଇଥିଲା। ଖବର ପାଇ ନିକଟରେ ଧାନ କାଟୁଥିବା ସର୍ବେଶ୍ୱର ପରିବାର ଲୋକେ ପାଣି ପକାଇ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କିନ୍ତୁ ଅଗ୍ନିଶମ ବାହିନୀ ପହଁଚିବା ବେଳକୁ ନିଆଁ ଆୟତ ହୋଇଯାଇଥିଲା। ନିଆଁ ଲଗାଇ ଥିବା ବନା ବେହେରା କ୍ଷତି ପୂରଣ ଦେବାକୁ ରାଜି ହୋଇଥିଲେ ମଧ୍ୟ ବନାଙ୍କ ଗ୍ରାମର କିଛି ଯୁବକ ବିରୋଧ କରିବା ସହ ସର୍ବେଶ୍ୱରକୁ ଆକ୍ରମଣ କରିଥିଲେ। ଯାହାକୁ ନେଇ ବାଲିପାଟଣା ଥାନାରେ ଅଭିଯୋଗ ହୋଇଛି।

### ବାଣିଜ୍ୟ

## ଯୋଗାଣକୁ ସହଜ ପାଇଁ ଚୀନ୍ ଇସ୍ପାତ ରପ୍ତାନି ଲାଇସେନ୍ସ ଯୋଜନା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଚୀନ ଇସ୍ପାତ ରପ୍ତାନି ପାଇଁ ଏକ ଲାଇସେନ୍ସ ବ୍ୟବସ୍ଥା ଲାଗୁ କରିବାକୁ ପ୍ରସ୍ତୁତ ହେଉଛି। ଯାହା ଦେଶରୁ ବାହାରକୁ ପ୍ରବାହିତ ହେଉଥିବା ଧାତୁର ରେକର୍ଡ ପରିମାଣକୁ ନିୟନ୍ତ୍ରଣ କରିବା ପାଇଁ ଏକ ପ୍ରୟାସ ପରି ମନେ ହେଉଛି। ଯାହା ବିଶ୍ୱବ୍ୟାପୀ ଅତ୍ୟଧିକ ଯୋଗାଣକୁ ହ୍ରାସ କରିବା ଏବଂ ମୂଲ୍ୟକୁ ସମର୍ଥନ କରିବାର ଆଶା ସୃଷ୍ଟି କରିବ।

ରପ୍ତାନିକାରୀମାନଙ୍କୁ ଜାନୁଆରୀ ୧ରୁ ବିଭିନ୍ନ ପ୍ରକାରର ଇସ୍ପାତ ଉତ୍ପାଦ ପଠାଇବା ପାଇଁ ଅନୁମତି ନେବାକୁ ପଡିବ, ଚୀନ ସରକାର ଏକ ବିବୃତ୍ତିରେ କହିଛନ୍ତି। ବାଣିଜ୍ୟ ମନ୍ତ୍ରଣାଳୟର ଘୋଷଣାରେ ନୂତନ ନିୟମାବଳୀ ପାଇଁ କୌଣସି କାରଣ ଦର୍ଶାଯାଇ ନାହିଁ, କିନ୍ତୁ ଏହି ପଦକ୍ଷେପ ଚୀନ୍‌ର ଇସ୍ପାତ ରପ୍ତାନି ପାଇଁ ଏକ ରେକର୍ଡ ବର୍ଷ ଶେଷରେ ଆସିଛି, ଯାହା ଭାରତ ଭଳି ଶୁଳ୍କ ଦ୍ୱାରା ଅସୁରକ୍ଷିତ ଅର୍ଥନୀତିଗୁଡ଼ିକରେ ବାଣିଜ୍ୟ ଉତ୍ତେଜନା ଏବଂ ମୂଲ୍ୟକୁ ହ୍ରାସ କରିଛି।

ବିଶ୍ୱ ଇସ୍ପାତ ସଂଘ ଅନୁଯାୟୀ, ଚୀନ୍ ୨୦୨୪ ମସିହାରେ ୧୧୭.୧ ନିୟୁତ ଟନ୍ ଇସ୍ପାତ ରପ୍ତାନି କରିଥିଲା। ଏହାକୁ ଦୃଷ୍ଟିକୋଣରୁ ଦେଖିବା ପାଇଁ, ଭାରତର ଇସ୍ପାତ ଉତ୍ପାଦନ - ବିଶ୍ୱରେ ଦ୍ୱିତୀୟ ସର୍ବାଧିକ - ସେହି ବର୍ଷ ୧୪୯.୪ ନିୟୁତ ଟନ୍ ଥିଲା।

ଚୀନର ଇସ୍ପାତ ରପ୍ତାନି ପାଇଁ ଅନୁମତି ନୂତନ ନୁହେଁ, କିନ୍ତୁ ଏହି ଯୋଜନା କଭର ହୋଇଥିବା ଉତ୍ପାଦଗୁଡ଼ିକର ପରିସରକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିବାର ସମ୍ଭାବନା ଅଛି। ମନ୍ତ୍ରଣାଳୟ ପ୍ରାୟ ୩୦୦ ନିର୍ଦ୍ଦିଷ୍ଟ ଉତ୍ପାଦର ଏକ ତାଲିକା ଅନ୍ତର୍ଭୁକ୍ତ କରିଛି ଯାହା ପାଇଁ କାଗଜପତ୍ର ଆବଶ୍ୟକ ହେବ। ଯେଉଁଥିରେ କାର ତିଆରି, ନିର୍ମାଣ କିମ୍ବା ଉପଭୋକ୍ତା ସାମଗ୍ରୀ ଭଳି ବିବିଧ ଶିଳ୍ପରେ ବ୍ୟବହୃତ ପ୍ରକାର ଅନ୍ତର୍ଭୁକ୍ତ।

ଚୀନରୁ ଭାରତରେ ସିଧାସଳଖ ଆମଦାନି ସିଏୱାଇ୨୦୨୫ର ପ୍ରଥମ ଛଅ ମାସରେ ଏକ ହ୍ରାସଶୀଳ ଧାରା ଦେଖାଇଥିଲେ ମଧ୍ୟ, ଅନ୍ତର୍ଜାତୀୟ ବଜାରରେ ସାମଗ୍ରୀର ଉପଲବ୍ଧତା ବୃଦ୍ଧି ପାଇବା ମଧ୍ୟ ସେହି ଭୌଗୋଳିକ କ୍ଷେତ୍ରକୁ ଲକ୍ଷ୍ୟ କରି ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ସୁଯୋଗକୁ ସଙ୍କୁଚିତ କରିଛି। ଫଳସ୍ୱରୂପ, ଭାରତର ଆମଦାନି ମଧ୍ୟ ହ୍ରାସ ପାଇଛି, ଯାହା ଏହାକୁ ଧାତୁର ନିଟ୍ ଆମଦାନିକାରୀ କରିଛି। ଏଫୱାଇ୨୫ରେ, ଚୀନ୍ ଭାରତରେ ସବୁଠାରୁ ବଡ଼ ରପ୍ତାନିକାରୀ ଥିଲା, ୧୨ ପ୍ରତିଶତ ବୃଦ୍ଧି ପାଇ ୨.୮୩ ମିଲିୟନ ଟନରେ ପହଞ୍ଚିଛି।

'ଏହା ସମସ୍ତଙ୍କ ପାଇଁ ଭଲ ହେବ, 'ଭାରତରେ ଏକ ଘରୋଇ କ୍ଷେତ୍ର ଇସ୍ପାତ କମ୍ପାନୀର ଜଣେ କାର୍ଯ୍ୟନିର୍ବାହୀ କହିଛନ୍ତି। ଏକ ହ୍ରାସିତ ଯୋଗାଣ ମଧ୍ୟ ଅନ୍ତର୍ଜାତୀୟ ଏବଂ ଘରୋଇ ବଜାର ଉଭୟରେ ମୂଲ୍ୟକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି।

ଭାରତରେ ଇସ୍ପାତ ନିର୍ମାତାମାନେ ଦୁର୍ବଳ ଇସ୍ପାତ ମୂଲ୍ୟ ଯୋଗୁଁ ମାର୍ଜିନ୍ ହ୍ରାସ ପାଇଛି ବୋଲି ସେମାନେ କହିଛନ୍ତି, ଯାହା ନୂତନ କ୍ଷମତା ସୃଷ୍ଟି କରିବାରେ ପୁନଃନିବେଶ ପାଇଁ ବ୍ୟବସାୟିକ ଲାଭ ହାସଲ କରିବା ପାଇଁ ଏକ ବ୍ୟବସାୟିକ କାରଣ ନୁହେଁ। ଚୀନ୍ ରପ୍ତାନି କରୁଥିବା ଫ୍ଲାଟ୍ ଇସ୍ପାତ ଆମଦାନୀକୁ ସୁରକ୍ଷା ଦେବା ପାଇଁ ୯୦ ଦିନିଆ ଅସ୍ଥାୟୀ ସୁରକ୍ଷା ଶୁଳ୍କ ୧୨ ପ୍ରତିଶତ ଥିଲା, ଯାହା ନଭେମ୍ବର ଆରମ୍ଭରେ ଶେଷ ହୋଇଥିଲା। ମୋଦି ସରକାର ଏପର୍ଯ୍ୟନ୍ତ ଏହି ଶୁଳ୍କ ପୁନଃପ୍ରବର୍ତ୍ତନ କରିନାହାଁନ୍ତି।

## ଆକ୍ସନରେ ପୌର ପ୍ରଶାସନ: ୫ରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନକୁ ନୋଟିସ୍

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ଆକ୍ସନ ମୋଡ୍‌ରେ ପୌର ପ୍ରଶାସନ। ନିକଟରେ ବ୍ରାହ୍ମଣପଡା ଠାରେ ଥିବା ବ୍ଲୁ ଲାଗୁନ ହୋଟେଲ କଲ୍ୟାଣ ମଣ୍ଡପ ଓ ରମାଇ ଟକିଜ ପଛପଟେ ଥିବା ହୋଟେଲକୁ ମ୍ୟୁନିସିପାଲିଟି ବିଭିନ୍ନ କାରଣରୁ ସିଲ୍ କରିବା ସହିତ ୨୦ ଲକ୍ଷ ଟଙ୍କା ସାତ ଦିନ ଭିତରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ବଲାଙ୍ଗିର ସହରରେ ସରକାରୀ ନିୟମ ଉଲ୍ଲଂଘନ କରି ବ୍ୟବସାୟିକ ପ୍ରତିଷ୍ଠାନ ଚଳାଇଥିବା ବ୍ୟବସାୟୀ ପ୍ରତିଷ୍ଠାନ ବିରୋଧରେ ପୌର ପ୍ରଶାସନ ଆକ୍ସନ ମୋଡ୍‌କୁ ଆସିଛି । ୩ ଦିନ ତଳେ ସହରର ଗୋଟିଏ ହୋଟେଲ ଓ ବିବାହ ମଣ୍ଡପ ସିଲ୍ ସହ ଗୋଟିଏ ହୋଟେଲ୍‌କୁ ୨୦ ଲକ୍ଷ ଟଙ୍କା ଜୋରିମାନା ନିର୍ଦ୍ଦେଶ ପରେ ନିୟମ ଉଲ୍ଲଂଘନ ଅଭିଯୋଗରେ ପୁଣି ୭ଟି ହୋଟେଲ, ସୋ'ରୁମ୍ ଓ ମଲ୍‌କୁ ନୋଟିସ ଜାରି କରାଯାଇଛି। ୭ ଦିନ ମଧ୍ୟରେ ଆବଶ୍ୟକ କାଗଜପତ୍ର ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି। ପୌର ପ୍ରଶାସନ ଆକ୍ସନ ମୋଡରେ ଆସିଥିବାରୁ ନିୟମ ଖିଲାପକାରୀ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି।




ବଲାଙ୍ଗିର ସହର କଳେବର ବୃଦ୍ଧି ପାଇବା ସହ ଦିନକୁ ଦିନ ନୂଆ ନୂଆ ବ୍ୟବସାୟିକ ପ୍ରତିଷ୍ଠାନ ଗଢ଼ି ଉଠୁଛି। ସହରର ପ୍ରମୁଖ ଛକ ସହ ଗୁରୁତ୍ୱପୂର୍ଣ୍ଣ ରାସ୍ତା ପାର୍ଶ୍ୱରେ ହୋଟେଲ, ଲଜ୍, ସୋ'ରୁମ୍ ଆଦି ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମିତ ହୋଇଛି। କେତେକ ବ୍ୟବସାୟୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଆବଶ୍ୟକ କାଗଜପତ୍ର ଓ ଅନୁମତି ନ ନେଇ ବ୍ୟବସାୟିକ ପ୍ରତିଷ୍ଠାନ ଚଳାଇଥିବାରୁ ସରକାରୀ ଆଇନ ଉଲ୍ଲଂଘନ ସହ ବିଭିନ୍ନ ସମୟରେ ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଆଇନର ଖିଲାପ କରି ଗଢ଼ି ଉଠିଥିବା ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବଲାଙ୍ଗିର ପୌର ପ୍ରଶାସନ ଅଣ୍ଟା ଭିଡ଼ିଛି। ଗତ ୧୨ ତାରିଖରେ ସହରର ୮ ନମ୍ବର ୱାର୍ଡ ବ୍ରାହ୍ମଣପଡ଼ା ସ୍ଥିତ ବ୍ଲୁ-ଲାଗୁନ ବିବାହ ମଣ୍ଡପ ଓ ୧୩ ନମ୍ବର ୱାର୍ଡ୍ ସିନେମାହଲ୍ ରୋଡ୍ ସ୍ଥିତ ହୋଟେଲ ବ୍ଲୁ-ଲାଗୁନକୁ ପୌର ପ୍ରଶାସନ ସିଲ୍ କରିବା ସହ ୮ ନମ୍ବର ୱାର୍ଡ ବ୍ରାହ୍ମଣପଡ଼ା ସ୍ଥିତ ବ୍ଲୁ-ଲାଗୁନ ହୋଟେଲ ଉପରେ ୨୦ ଲକ୍ଷ ଟଙ୍କା ଜୋରିମାନା ପକାଇଥିଲା। ୭ ଦିନ ମଧ୍ୟରେ ଜୋରିମାନା ରାଶି ଜମା ନ କଲେ ହୋଟେଲ ସିଲ୍ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ଏହା ସହ ସହରର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଥିବା ବ୍ୟବସାୟିକ ପ୍ରତିଷ୍ଠାନ କାଗଜପତ୍ର ଯାଞ୍ଚ ସହ ଖିଲାପକାରୀଙ୍କ ବିରୋଧରେ ପୌର ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ।

ସହର ଦୁର୍ଗା ମନ୍ଦିର ନିକଟ ହୋଟେଲ ଭ୍ରମର୍ସ, ସୁଦପଡ଼ା ରେଳ ଓଭର ବ୍ରିଜ୍ ନିକଟ ରେନ୍ନେ ବିବାହ ମଣ୍ଡପ, ସୋନପୁର ରାସ୍ତା କଡ଼ ସ୍ଥିତ ହୋଟେଲ ଏସ୍‌ଏ କିଙ୍ଗ ପ୍ଲାଜା, ଗାନ୍ଧୀନଗରପଡ଼ା ଟିସିଏସ ସୋ'ରୁମ୍, ପାଟନେଶ୍ୱରୀ ମନ୍ଦିର ନିକଟ ଅରୁନ୍ଧତୀ ଗହଣା ଦୋକାନ, ଭାଗିରଥୀ ଛକ ନିକଟ ରିଲାଏନ୍ସ ମଲ୍‌କୁ ପୌର ପ୍ରଶାସନ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି। ୭ ଦିନ ମଧ୍ୟରେ ଆବଶ୍ୟକ କାଗଜପତ୍ର ଦାଖଲ ନକଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବଲାଙ୍ଗିର ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ପ୍ରକାଶ କରିଛନ୍ତି। ସମ୍ପୃକ୍ତ ବ୍ୟବସାୟୀକ ପ୍ରତିଷ୍ଠାନ ମଧ୍ୟରୁ କେତେକଙ୍କ ପାର୍କିଂ ସ୍ଥାନ ନଥିବା ବେଳେ ଆଉ କେତେକ କାଗଜପତ୍ରରେ ଖିଲାପ କରିଥିବା ନେଇ ଅଭିଯୋଗ ରହିଥିବା ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ସହରରେ ୬୦-୭୦ରୁ ଅଧିକ ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ପାଖରେ ଆବଶ୍ୟକ କାଗଜପତ୍ର ନଥିବା ବେଳେ ଆଇନ ଉଲ୍ଲଂଘନ କରି ବ୍ୟବସାୟ ଚଳାଇ ଆସିଥିବା ଅଭିଯୋଗ ହୋଇଛି। ଆବଶ୍ୟକ କାଗଜପତ୍ର ଦାଖଲ ପାଇଁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ପୌର ପ୍ରଶାସନ ନୋଟିସ ଜାରି କରିଛି। ଅବଧି ମଧ୍ୟରେ ଆବଶ୍ୟକ କାଗଜପତ୍ର ଦାଖଲ ନକଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## କ୍ଷମା ମାଗିଲେ ସୋହେଲ୍ ଖାନ





### ସିନେମାଫିନେମା ଟିଭିଫିବି

ବଲିଉଡ୍ ଅଭିନେତା ସୋହେଲ୍ ଖାନ ଏକ ଇନଷ୍ଟାଗ୍ରାମ୍ ପୋଷ୍ଟ କରିଛନ୍ତି ଯେଉଁଥିରେ ସେ ହେଲମେଟ୍ ବିନା ସାଇକେଲ ଚଲାଇବା ପାଇଁ କ୍ଷମା ମାଗିଛନ୍ତି। ବାନ୍ଦ୍ରାର ରାସ୍ତାରେ ହେଲମେଟ୍ ବିନା ବାଇକ ଚଲାଇବାର ଏକ ଭିଡିଓ ଭାଇରାଲ୍ ହେବା ପରେ ନେଟିଜେନ୍ ଦ୍ୱାରା ଅଭିନେତାଙ୍କୁ ସମାଲୋଚନା କରାଯାଇଥିଲା।

ଅଭିନେତା ବାଇକ ଚଲାଇବା ସମୟରେ ହେଲମେଟ୍ ନ ପିନ୍ଧିବା ପାଇଁ କ୍ଷମା ମାଗିଛନ୍ତି ଏବଂ ଅନ୍ୟମାନଙ୍କୁ ସୁରକ୍ଷାକୁ ପ୍ରାଥମିକତା ଦେଇ ସବୁବେଳେ ହେଲମେଟ୍ ପିନ୍ଧିବାକୁ ଅନୁରୋଧ କରିଛନ୍ତି।

ଇନଷ୍ଟାଗ୍ରାମ୍ ପୋଷ୍ଟରେ, ଅଭିନେତା ତାଙ୍କ ବାଇକ ଚଲାଇବାର ଏକ ଫଟୋ ସେୟାର କରିଛନ୍ତି ଏବଂ ଭିଡିଓରେ ସେ କାହିଁକି ହେଲମେଟ୍ ପିନ୍ଧି ନାହାଁନ୍ତି ତାହା ବ୍ୟାଖ୍ୟା କରିଛନ୍ତି। ସେ ଲେଖିଛନ୍ତି, 'ମୁଁ ସମସ୍ତ ବାଇକ ଆରୋହୀଙ୍କୁ ଅନୁରୋଧ କରିବାକୁ ଚାହୁଁଛି ଦୟାକରି ହେଲମେଟ୍ ପିନ୍ଧନ୍ତୁ। ମୁଁ କେତେବେଳେ ସେଗୁଡ଼ିକୁ ପିନ୍ଧିବା ଏଡ଼ାଇ ଯାଏ କାରଣ ମୁଁ କ୍ଲାଷ୍ଟ୍ରୋଫୋବିକ୍ ଅନୁଭବ କରେ, କିନ୍ତୁ ଏହା ପିନ୍ଧି ନ ପିନ୍ଧିବା ପାଇଁ କୌଣସି ବାହାନା ନୁହେଁ। ପିଲାଦିନରୁ ସାଇକେଲ ଚଲାଇବା ମୋର ସର୍ବଦା ଆଗ୍ରହ ଥିଲା। ଏହା ବିଏମଏକ୍ସ ସାଇକେଲ ସହିତ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ମୁଁ ସାଇକେଲ ଚଲାଉଛି। ମୁଁ ପ୍ରାୟତଃ ବିଳମ୍ବିତ ରାତିରେ ଗାଡି ଚଲାଉଛି, ଯେତେବେଳେ ବହୁତ ଟ୍ରାଫିକ୍ ନଥାଏ, ବିପଦକୁ କମ କରିବା ପାଇଁ, ତାହା ମଧ୍ୟ ଧୀର ଗତିରେ ଏବଂ ମୋର କାର ମୋ ପଛେ ପଛେ।'

ସେ ଆହୁରି ମଧ୍ୟ କହିଛନ୍ତି ଯେ ସେ ଏବେଠାରୁ ସର୍ବଦା ଟ୍ରାଫିକ୍ ନିୟମ ପାଳନ କରିବେ ଏବଂ ଲେଖିଛନ୍ତି, 'ମୁଁ ସାଥୀ ଆରୋହୀମାନଙ୍କୁ ଆଶ୍ୱାସନା ଦେଉଛି ଯେ ମୁଁ ମୋର କ୍ଲୋଷ୍ଟ୍ରୋଫୋବିଆକୁ ଦୂର କରିବା ଏବଂ ହେଲମେଟ୍ ପିନ୍ଧିବା ପାଇଁ ପ୍ରକୃତ ପ୍ରୟାସ କରିବି, ତେଣୁ ଦୟାକରି ମୋ ସହିତ ସହ୍ୟ କର। ଟ୍ରାଫିକ୍ କର୍ତ୍ତୃପକ୍ଷଙ୍କୁ ମୋର ଆନ୍ତରିକ କ୍ଷମା ପ୍ରାର୍ଥନା ଏବଂ ମୁଁ ସେମାନଙ୍କୁ ଆଶ୍ୱାସନା ଦେଉଛି ଯେ ମୁଁ ଏବେଠାରୁ ସମସ୍ତ ନିୟମ ପାଳନ କରିବି। ଅସୁବିଧା ସତ୍ତ୍ୱେ ସବୁବେଳେ ସେମାନଙ୍କର ହେଲମେଟ୍ ପିନ୍ଧୁଥିବା ସମସ୍ତ ଆରୋହୀଙ୍କୁ ମୁଁ ସାଲ୍ୟୁଟ୍ କରୁଛି, କାରଣ ଏହା ଆମର ସୁରକ୍ଷା ପାଇଁ ଆବଶ୍ୟକ। ଦୁଃଖ କରିବା ଅପେକ୍ଷା ସୁରକ୍ଷିତ ରହିବା ଭଲ। ପୁଣି ଥରେ, ମୁଁ ପ୍ରକୃତରେ ଦୁଃଖିତ।'

ଦାୟିତ୍ୱ ନେବା ଏବଂ ସମାଲୋଚନାକୁ ସୁରକ୍ଷା ବାର୍ତ୍ତାରେ ପରିଣତ କରିବା ପାଇଁ ସୋହେଲଙ୍କ ପ୍ରତିକ୍ରିୟାକୁ ଅନେକଙ୍କ ଦ୍ୱାରା ପ୍ରଶଂସା କରାଯାଇଛି। ଅଭିନେତାଙ୍କୁ ଶେଷ ଥର ପାଇଁ ୨୦୨୫ ତେଲୁଗୁ ଚଳଚ୍ଚିତ୍ର ଅର୍ଜୁନ: ସନ ଅଫ୍ ବୈଜୟନ୍ତିରେ ଦେଖିବାକୁ ମିଳିଥିଲା, ଯାହା ପ୍ରଦୀପ ଚିଲୁକୁରୀଙ୍କ ନିର୍ଦ୍ଦେଶିତ ଏବଂ ଏନଟିଆର ଆର୍ଟସ୍ ଏବଂ ଅଶୋକା କ୍ରିଏସନ୍ସ ଦ୍ୱାରା ପ୍ରଯୋଜିତ ହୋଇଥିଲା। ଏହି ଚଳଚ୍ଚିତ୍ରରେ ନନ୍ଦମୁରୀ କଲ୍ୟାଣ ରାମ ଏବଂ ବିଜୟଶାନ୍ତିଙ୍କ ସହିତ ସାଇ ମାଞ୍ଜରେକର, ବାବଲୁ ପୃଥୀରାଜ, ଶ୍ରୀକାନ୍ତ ଏବଂ ଆର. ଶରତକୁମାର ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ। ୧୯୯୦ ମସିହାରେ ନିର୍ମିତ ଚଳଚ୍ଚିତ୍ର କାର୍ତ୍ତବ୍ୟମ୍‌ର ଏକ ଆଧୁନିକ ପରବର୍ତ୍ତୀ ସଂସ୍କରଣ, ଏହି ଚଳଚ୍ଚିତ୍ରଟି ଏପ୍ରିଲ୍‌ରେ ମୁକ୍ତିଲାଭ କରିଥିଲା ଏବଂ ସମାଲୋଚକମାନଙ୍କଠାରୁ ମିଶ୍ରିତ ସମୀକ୍ଷା ପାଇଥିଲା।

ପୁରୀ

# ମେଘନାଦ ପାଚେରିରେ ଫାଟ



**୧୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବିପଦରେ ମେଘନାଦ ପାଚେରି । ପାଚେରି ଯୋଡ଼େଇରେ ଫାଟ ହୋଇ ବୋହୁଛି ଆନନ୍ଦ ବଜାର ମଇଳା ପାଣି । ପାଚେରି ଉପରେ ଚରିଗଲାଣି ଶିଉଳି । ବର୍ଷେ ତଳେ ଶିଉଳି ଛଡ଼ାଇ ଫାଟ ଯୋଡ଼େଇ କରାଯାଇଥିଲା । ଗ୍ରାଉଟିଂ କରାଯିବା ପରେ ଡ୍ରେନ୍ ପାଣି ପାଚେରି ଦେଇ ଝରିବା ବନ୍ଦ ହୋଇଯାଇଥିଲା । ମାତ୍ର ଗ୍ରାଉଟିଂ ମେଘନାଦ ପାଚେରିକୁ ବର୍ଷେ ବି ସୁରକ୍ଷା ଦେଇପାରିଲା ନାହିଁ । ପୁଣି ୩ଟି ସ୍ଥାନରେ ଡ୍ରେନ୍ ପାଣି ଝରି ଶିଉଳି ଚରିଗଲାଣି । ତେଣୁ ଶ୍ରୀମନ୍ଦିରକୁ ସୁରକ୍ଷା ଦେଉଥିବା ମେଘନାଦ ନିଜେ ଅସୁରକ୍ଷିତ ହୋଇପଡ଼ିଲାଣି ।

ରାମଦୟା ପରିଷଦର ଠିକ୍ ପଛ ପାର୍ଶ୍ୱରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । ଦୀର୍ଘଦିନ ହେଲା ଆନନ୍ଦ ବଜାର ଡ୍ରେନ୍ ପାଣି ଏତେ ମୋଟେଇ ପାଚେରି ଦେଇ ଝରୁଥିବାରୁ ସମ୍ଭବତଃ ଏହା ଯୋଡ଼େଇକୁ ପ୍ରଭାବିତ କରୁଥିବା ଜଳଜଳ ବାରି ହୋଇପଡୁଛି । ଯୋଡ଼େଇ ଦୁର୍ବଳ ହେଉଥିବାରୁ ଏହା ପାଚେରିକୁ ଦୁର୍ବଳ କରୁଥିବା ନିଃସନ୍ଦେହ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଇନମନ୍ତ୍ରୀ ଗତବର୍ଷ ଏ ସମ୍ପର୍କିତ ପ୍ରତିକ୍ରିୟା ରଖି ପାଚେରି ମରାମତି ହେବ ବୋଲି କହିଥିଲେଛ ମାତ୍ର ଗ୍ରାଉଟିଂ କରାଯିବା ପରେ ପାଚେରିର ମରାମତି କଥା ପାସୋରି ଦେଲେ ।

୨୦୨୧ ମସିହାରୁ ଏହି ସମସ୍ୟା ଉପୁଜିଛି । ପରିକ୍ରମା ପ୍ରକଳ୍ପ ନିର୍ମାଣ ବେଳେ ଆଉ ଗୋଟେ ବାହ୍ୟ ପାଚେରି ନିର୍ମିତ ହୋଇଥିଲେ ସୁଦ୍ଧା ମେଘନାଦ ପାଚେରି ମରାମତି କରାଗଲା ନାହିଁ । ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତର ଓ ବାହାର ବୋଳୁ ସୁରକ୍ଷା ଦେଉଥିବା ମେଘନାଦ ପାଚେରିର ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଉପରେ ନ୍ୟସ୍ତ । ମେଘନାଦ ପାଚେରିର ଏତାଦୃଶ ସ୍ଥିତିକୁ ନେଇ ଗଣମାଧ୍ୟମ ଦୃଷ୍ଟି ଆକର୍ଷଣ କରିବା ପରେ ଏଏସ୍ଆଇର ବୈଷୟିକ ଟିମ୍ ସର୍ଭେ କରିଥିଲା । ବିପଦ ଥିବା ଅନୁଭବ କରି ତୁରନ୍ତ ଏହାର ମରାମତି ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତେଣୁ ତ୍ୱରିତ ଶିଉଳି ଛଡ଼ାଯାଇ ଗ୍ରାଉଟିଂ କରାଗଲା । ଶ୍ରୀମନ୍ଦିର ପ୍ରଶାସନ ଆନନ୍ଦବଜାର ଡ୍ରେନ୍‌ରେ ଯେଉଁ ଫାଟ ଓ ଗର୍ତ୍ତ ଦେଇ ପାଣି ମେଘନାଦ ପାଚେରି ଭେଦୁଥିଲା, ତାକୁ ଅସ୍ଥାୟୀ ଭାବେ ବନ୍ଦ କରିଥିଲା । ଆନନ୍ଦବଜାର ହାତଧୁଆ ସ୍ଥଳରୁ ମେଘନାଦ ପାଚେରିରେ ଏକ ଅସ୍ଥାୟୀ ପ୍ଲାଷ୍ଟିକ୍ ପାଇପ୍ ଲଗାଇ ଏହି ପାଣିକୁ ଶ୍ରୀମନ୍ଦିର ବାହାର ଡ୍ରେନ୍‌କୁ ଛଡ଼ାଯାଉଛି । ଏହି ପାଣି ପାଚେରି ଦେଇ ତଳକୁ ଆସୁଛି । ମୋଟା ଆସ୍ତରଣର ଶିଉଳି ବସିଯାଇଥିବାରୁ ଏହି ପାଣି ମେଘନାଦ ପାଚେରି ଦେଇ ଦୀର୍ଘଦିନ ହେଲା ଝରୁଥିବା ସ୍ପଷ୍ଟ ବାରି ହୋଇପଡୁଛି । ମେଘନାଦ ପାଚେରିର ଉଚ୍ଚତା ପ୍ରାୟ ୨୦ ଫୁଟ ଏବଂ ଓସାର ପ୍ରାୟ ୬ ଫୁଟ । ଏଏସ୍ଆଇ ପକ୍ଷରୁ ନିୟମିତ ନିରୀକ୍ଷଣ ହେଉନଥିବାରୁ ଦୀର୍ଘଦିନ ହେଲା ପାଚେରି ମଧ୍ୟ ଦେଇ ଡ୍ରେନ୍ ଜଳ ନିଷ୍କାସନ ହେଉଥିବାରୁ ନଜର ପଡ଼ିନାହିଁ ଅବା ଦେଖି ଅଣଦେଖା କରାଯାଇଛି । ତେଣୁ ତ୍ୱରିତ ଏହାକୁ ବ୍ୟବସ୍ଥିତ ଢଙ୍ଗରେ ମରାମତି କରିବାକୁ ଦାବି ହୋଇଛି ।

## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର–ଦ୍ୱାଦଶୀ |
|---|---|
| ୧୬.୧୨.୨୦୨୫ | ନକ୍ଷତ୍ର– ସ୍ୱାତୀ, ତୁଳାଚନ୍ଦ୍ର |

| | |
|---|---|
| ମେଷ | : ସମସ୍ତ କାର୍ଯ୍ୟେ ଖୁସି ହେବେ । |
| ବୃଷ | : ସାଙ୍ଗସାଥୀରେ ହସଖୁସିରେ ଦିନ କଟିବ । |
| ମିଥୁନ | : ପୁତ୍ର ଦୁଃଖରେ ଦୁଃଖୀ ରହିବେ । |
| କର୍କଟ | : ଅପାରଗତା ଯୋଗୁ କଷ୍ଟ ପାଇବେ । |
| ସିଂହ | : ବ୍ୟବସାୟରେ ଲାଭ ହେବ । |
| କନ୍ୟା | : ଅଯଥାରେ ଖର୍ଚ୍ଚାନ୍ତରେ ପଡ଼ିବେ । |
| ତୁଳା | : ବକେୟା ପଡ଼ିଥିବା ଅର୍ଥ ମିଳିବ । |
| ବିଛା | : ଅପମାନିତ ହେବେ । |
| ଧନୁ | : ନୂତନ ନିଯୁକତି ଲାଭ କରିବେ । |
| ମକର | : ଭଲ କାମ କରି ଖୁସି ହେବ । |
| କୁମ୍ଭ | : ଅନୁଚିନ୍ତା ବୃଦ୍ଧି ପାଇବ । |
| ମୀନ | : ଆଘାତପ୍ରାପ୍ତି ହୋଇପାରନ୍ତି । |

## ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**କୋରେଇ, ୧୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରଗଡି ସ୍ଥିତ ସରକାରୀ ପଲିଟେକନିକରେ ଘଟୁଛି ବାରମ୍ବାର ଅଘଟଣ । କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଗୋଟେ ପରେ ଗୋଟେ ଛାତ୍ରଙ୍କ ଜୀବନ ଚାଲିଯାଉଥିବା ଦେଖିବାକୁ ମିଳୁଛି । ଗତ କିଛିଦିନ ତଳେ ଜଣେ ଛାତ୍ରଙ୍କ ଜୀବନ ଚାଲିଯାଇଥିବା ବେଳେ ଆଜି ମଧ୍ୟ ଏକ ଶୌଚାଳୟରୁ ଝୁଲନ୍ତା ଅବସ୍ଥାରେ ଏକ ଛାତ୍ରର ମୃତଦେହ ଉଦ୍ଧାର କରାଯାଇଛି । ଏଭଳି ଅଘଟଣର କାରଣ କ'ଣ ହେଇପାରେ ସେଥିପାଇଁ କୋରେଇ ପୋଲିସ ଏହାର ତଦନ୍ତ ଚଳାଇଛ । ସ୍କୁଲରେ ଛାତ୍ରଛାତ୍ରୀ ନିରାପଦ ମଣୁ ନ ଥିବା ଅଭିଭାବକମାନେ ଦାବି କରିଛନ୍ତି ।

ସୂଚନା ମୁତାବକ ପ୍ରଥମ ବର୍ଷ ମେଟାଲୋଜି ବିଭାଗରେ ଅଧ୍ୟୟନ କରୁଥିବା କେନ୍ଦୁଝର ଜିଲ୍ଲା କେଶଦୁରପାଳ ଗ୍ରାମର ଅଶୋକ ଅଚାର୍ଯ୍ୟଙ୍କ ପୁତ୍ର ଶୁଭଙ୍କର ଅଚାର୍ଯ୍ୟ (୧୮) ହୋଇଥିବା ବେଳେ ଆଜି ସେ କୌଣସି କାରଣ ବଶତଃ ଶୌଚାଳୟରେ ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ । ଏହାର କାରଣ ଅସ୍ପଷ୍ଟ ଥିବାବେଳେ କୋରେଇ ଆଇଆଇସି ରାକେଶ ତ୍ରିପାଠୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବଟିକୁ ଜବତ କରି ପୋଷ୍ଟ ବଟମ ପାଇଁ ଦାନଗଦି ମେଡିକାଲକୁ ପଠାଇଥିବା ଜଣାପଡିଛି । ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ଏହା ମୃତ୍ୟୁ କି ଆତ୍ମହତ୍ୟା ତାହା ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ ଜାରି ରହିଛି । କଲେଜ କର୍ତ୍ତୃପକ୍ଷଙ୍କ ଏଭଳି ଉଦାସୀନତା ମନୋଭାବ ଯୋଗୁ ବାରମ୍ବାର ଏଭଳି ଅଘଟଣ ଘଟୁଥିବା ସାଧାରଣ ରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି ।

## ଛାତ୍ରଛାତ୍ରୀଙ୍କ ପାଇଁ ବସ୍‌ସେବା ଯୋଗାଇଲା ଖଣି ନିଗମର ସିଏସଆର

**କଳିଙ୍ଗନଗର, ୧୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**



ଶିକ୍ଷାକୁ ପ୍ରାଥମିକତା ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ପରିକଳ୍ପନା ସହ ସମନ୍ୱୟରେ ଓଡ଼ିଶା ଖଣି ନିଗମ (ଓଏମସି) ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଛାତ୍ରଛାତ୍ରୀଙ୍କ ପାଇଁ ବସ ସେବା ଆରମ୍ଭ କରାଯାଇଛି ।

ଏହି ବସ ସେବା ଚିଙ୍ଗୁଡ଼ିପାଳ ଓ ରାଁସୋଲ– ଏହି ଦୁଇଟି ପଞ୍ଚାୟତର ଛାତ୍ରଛାତ୍ରୀଙ୍କୁ ଲାଭାନ୍ୱିତ କରିବ । ଦୂର ଅଞ୍ଚଳରୁ ଶିକ୍ଷାଳୟକୁ ଯାତାୟାତରେ ଯେଉଁ ସମସ୍ୟା ଥିଲା, ସେହି ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ଆଶା କରାଯାଉଛି । ଏହି ବସ ସେବାର ଶୁଭାରମ୍ଭ ମାନ୍ୟବର ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସମବାୟ, ବୟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗଙ୍କ କରମଳରେ ଦକ୍ଷିଣ କାଳିଆପାଣି ଖଣି କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ ଯେ, ଶିକ୍ଷା ହେଉଛି ଦେଶ ଓ ରାଜ୍ୟର ସମଗ୍ର ବିକାଶର ମୂଳ ଆଧାର । ଦୂର ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ସୁବିଧାଜନକ ଯାତାୟାତ ମିଳିଲେ ସେମାନେ ନିୟମିତ ଭାବେ ଶିକ୍ଷାଗ୍ରହଣ କରିପାରିବେ ଏବଂ ଶିକ୍ଷାର ଗୁଣାତ୍ମକତା ବୃଦ୍ଧି ପାଇବ । ଓଡ଼ିଶା ଖଣି ନିଗମର ଏହି ସିଏସ୍ଆର୍ ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ଉନ୍ନତିରେ ଏକ ଦୃଷ୍ଟାନ୍ତ ହେବ ବୋଲି ଉପସ୍ଥିତ ଲୋକେ ମତ ପ୍ରକାଶ କରିଥିଲେ ।

### ସିଠାଳ, ଅଳତଳଙ୍ଗ ଓ ଦିଗି ବାଲି ଘାଟରୁ ରାତି ଅଧିଆ ବାଲି ଚୋରାଚାଲାଣ

## ଦୁର୍ବଳ ହେଉଛି ନଦୀ ବନ୍ଧ, ଖଣି ବିଭାଗ ଚୁପ୍

**ନିଆଳି, ୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ରାଜସ୍ୱ ବିଭାଗ ପକ୍ଷରୁ ଖଣି ବିଭାଗକୁ ବାଲିଘାଟ ପରିଚାଳନା ଦାୟିତ୍ୱ ହସ୍ତାନ୍ତର ହେବା ପରେ ନିଆଳି ତହସିଲ୍ ଓ ଥାନା ଅଧୀନରେ ଚଳିତ ବର୍ଷ ଆରମ୍ଭରୁ ସିଠାଳ, ଅଳତଳଙ୍ଗ ଓ ଦିଗି ବାଲିଘାଟରୁ ବେ ଆଇନ ବାଲି ଚୋରା ଚାଲାଣ ବଢ଼ିବାରେ ଲାଗିଛି । ସଂଧ୍ୟା ୬ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଏହି ଘାଟ ଗୁଡିକରୁ ପ୍ରବଳ ମାତ୍ରାରେ ବାଲି ଚୋରାଚାଲାଣ ହେଉଛି । ଫଳରେ ଅଞ୍ଚଳରେ ପ୍ରଭାବିତ ଦେବୀ ଓ କନ୍ଦଳ ନଦୀରୁ ପ୍ରତିଦିନ ଟ୍ରାକ୍ଟର ଓ ହାଇବା ଯୋଗେ ଶତାଧିକ ଟ୍ରିପ୍ ବାଲି ଚାଲାଣ କରାଯାଉଛି । ବିଭାଗ୍ୟ ଅଧିକାରିଙ୍କ ସଲାସୁତରାରେ ବାଲି ମାଫିଆମାନେ ଚୋରାରେ ନିଧଡ଼କ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି । ବେଆଇନ ବାଲି ଉଠାଣ ଯୋଗୁ ନଦୀବନ୍ଧ ଦୁର୍ବଳ ହେଲାଣି, ହେଲେ ଏଥିପ୍ରତି ଖଣି ବିଭାଗ ର ଦୃଷ୍ଟି ନାହିଁ । ବରଂ ସବୁ ଜାଣି ଚୁପ୍ ହୋଇ ବସିଛି । ସିଠାଳ, ଅଳତଳଙ୍ଗ, ଦିଗି ଚୋରା ବାଲି ଘାଟ ଖୋଲିଥିବା ବେଳେ ଉକ୍ତ ବାଲି ଘାଟ ଖୋଲିଥିବା ପ୍ରଭାବଶାଳୀ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ନେତାଙ୍କ ଛତ୍ରଛାୟା ତଳେ ରହି ଖୁଲମ ଖୁଲାମ ବାଲି ଚେରାଚାଲଣ କରୁଛନ୍ତି ଘାଟ ବିରୁଧରେ ଅଭିଯୋଗ କରୁଥିବା ବ୍ୟକ୍ତିଙ୍କୁ ଧମକ ଦେଉଛନ୍ତି । ଭୟରେ ସ୍ଥାନୀୟ ଅଞ୍ଚଳବାସୀ ମୁହଁ ଖୋଲୁନାହାନ୍ତି । ଫଳରେ ବାଲି ମାଫିଆମାନେ ଚୋରାରେ ବାଲି ଉଠାଇ ଚଢ଼ାଦରରେ ବିକ୍ରି କରି ମାଲେମାଲ୍ ହେଉଛନ୍ତି । ନଦୀ ଶଯ୍ୟାରୁ ଜେସିବି ସହାୟତାରେ ବାଲି ଉତ୍ତୋଳନ କରିବା ସହ ଭାରି ଯାନ ଯାତାୟାତ କରିବା ଫଳରେ ନଦୀ ବନ୍ଧ ଦୁର୍ବଳ ହେବା ସହ ପଠା ଖାଇବାରେ ଲାଗିଛ । ଏ ନେଇ ଅଭିଯୋଗ ହେଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ଏ ନେଇ କଟକ ଜିଲ୍ଲା ଖଣିବିଭାଗ ଅଧିକାରୀ ସସ୍ମିତ ସାହୁଙ୍କୁ ଫୋନ କଲେ ମଧ୍ୟ ସେ ଫୋନ ଉଠାଉ ନାହାନ୍ତି । ଯଦି ଉକ୍ତ ବାଲି ଘାଟ ଉପରେ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ଦେବୀ କନ୍ଦଳ ଦୀପାଞ୍ଚଳ ବାସିଙ୍କପକ୍ଷରୁ ବିରାଟ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ସିମେଣ୍ଟ ଚୋରି ଅଭିଯୋଗରେ ଅଭିଯୁକ୍ତ ଗିରଫ

**ଦେବଗଡ଼, ୧୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଦେବଗଡ଼ ଆଦର୍ଶ ଥାନା ପୋଲିସ ସିମେଣ୍ଟ ଚୋରିକରି ଦୀର୍ଘ ଦିନରୁ ଫେରାର ଥିବା ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନାନୁସାରେ ଦେବଗଡ଼ ଜିଲ୍ଲା ବାରକୋଟ ଥାନା କଲା ଗ୍ରାମର ସତ୍ୟଜିତ ପ୍ରଧାନ ଗତ ଅଗଷ୍ଟ ୧୯ ତାରିଖ ଦେବଗଡ ଥାନାରେ ଉପସ୍ଥିତ ହୋଇ ସେ ରାଇପୁରରୁ ଏକ ଟ୍ରକ ଯୋଗେ ମଗାଇଥିବା ୭୦୦ ବସ୍ତା ସିମେଣ୍ଟ ଚୋରି ହୋଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ କରିବା ସହିତ ଦୁଇ ଜଣ ଅଭିଯୁକ୍ତଙ୍କ ନାମ କହିଥିଲେ ଦୁଇଜଣଙ୍କ ମଧ୍ୟରୁ ଜଣେ ବରଘାଟ ଗ୍ରାମର ଟୁନା ଜୟପୁରିଆ ଏବଂ ଅନ୍ୟ ଜଣେ ବାରକୋଟ ଥାନା ରାଜମୁଣ୍ଡା ଗ୍ରାମର ରଞ୍ଜନ ମହନ୍ତ ଚୋରି କରିଥିବା ସମ୍ପର୍କରେ ଅଭିଯୋଗ କରିଥିଲେଛ ଏନେଇ ଦେବଗଡ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ବରଘାଟ ଗ୍ରାମର ଟୁନା ଜୟପୁରିଆଙ୍କୁ ଗତ ଅଗଷ୍ଟ ମାସ ୨୦ ତାରିଖରେ ରେ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ଦୀର୍ଘ ଦିନରୁ ଫେରାର ହୋଇଯାଇଥିବା ରଞ୍ଜନ ମହନ୍ତଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି । ଗିରଫ ହୋଇଥିବା ରଞ୍ଜନଙ୍କ ବିରୋଧରେ ଠକେଇ, ଚୋରି, ମଦ ବିକ୍ରି ଆଦି ଏକାଧିକ ମାମଲା ପୂର୍ବରୁ ରହିଛି ଅଭିଯୋଗ ରହିଛି । ରଞ୍ଜନକୁ କୋର୍ଟ ଚାଲାଣ କରାଯାଇଥିବାବେଳେ ତାର ଜାମିନ ନାମଞ୍ଜୁର ହୋଇ ବିଚାର ବିଭାଗୀୟ ହେପାଜତ କୁ ପଠାଯାଇଥିବା ଜଣାପଡିଛି ।

## ଛାତ୍ରୀକୁ ଅସଦାଚରଣ କରି ୱାଚମ୍ୟାନ ଗିରଫ

**କଣାସ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ କଲେଜରେ ଯୁକ୍ତ ୨ କଳା ବିଭାଗରେ ପଢୁଥିବା ଜୈନିକା ନାବାଳିକା ଛାତ୍ରୀଙ୍କୁ ସେହି କଲେଜର ରାତ୍ର ଜଗୁଆଳି କଣାସ ଥାନା ଅନ୍ତର୍ଗତ କଣାସ ଗ୍ରାମର ବିଜୁ ଓରଫ ଧ୍ରୁବ ଚରଣ ମହାପାତ୍ର ନାମକ ଜଣେ ଯୁବକ ରାସ୍ତାରେ ଅଟକାଇ ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ । ଏମିତିକି ପାଟିକଲେ ମାରଦେବି ବୋଲି ଧମକ ଦେଇ ତା ସହିତ ବାହାରକୁ ବୁଲିଯିବାକୁ ଧମକ ଦେଇଥିଲା । ନାବାଳିକାର ସାର୍ଟକୁ ଟଣାଓଟରା କରିଥିବା କଥା ଛାତ୍ରୀ ଜଣକ ତାଙ୍କ ମାଆକୁ ଜଣାଇଥିଲା। ପୀଡିତାର ମାଆ କଣାସ ଥାନାରେ ଅଭିଯୋଗ କରିଥିଲେ । କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ ତଦନ୍ତ ଦାୟିତ୍ୱ ଏସଆଇ ଦେବୀ ପ୍ରସାଦ ଲେଙ୍କାଙ୍କୁ ଦେଇଥିଲେ। ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଧ୍ରୁବ ଚରଣ ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଥାନା ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

## ଦୁର୍ନୀତିର ଗନ୍ତାଘର ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ

**ନିଆଳି, ୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦୁର୍ନୀତି ମୁକ୍ତ କରିବାକୁ ପ୍ରତିବର୍ଷ ଦୁର୍ନୀତି ନିବାରଣ ସପ୍ତାହରେ ଦୁର୍ନୀତି ନ କରିବାକୁ ବାବୁମାନେ ନେଇଥାନ୍ତି ଶପଥ । ମାତ୍ର ଗୋଟିଏ ଦିନ ପାଇଁ ବୋଲି ଲୋକେ କହୁଛନ୍ତି । ଆମେ କହୁଛୁ କଟକ ଜିଲ୍ଲା ନିଆଳୀ ବ୍ଲକ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କଥା । ଚରମସୀମାରେ ପହଞ୍ଚିଲାଣି ଦୁର୍ନୀତି ବାବୁମାନେ କାର୍ଯ୍ୟାଳୟ ନ ଆସି କାର୍ଯ୍ୟ ନ କରି ଠିକାଦାରଙ୍କୁ ଧରି କରିଚାଲୁଛନ୍ତି ବିଲ, ତ ପୁଣି କାମ ନହୋଇ ବିଲ କରିନେଉଥିବା ଶୁଣିବାକୁ ମିଳୁଛି । ନିଆଳୀ ବ୍ଲକରେ ୨୩ ପଞ୍ଚାୟତରେ ୫୦ରୁ ଉର୍ଦ୍ଧ୍ୱ ଓଭର ହେଡ଼ ପାଣିଟାଙ୍କି ନିର୍ମାଣ ହୋଇଥିବାବେଳେ ଏସବୁ ଦେଖିଲେ ସତେ ଯେମିତି ଲାଗୁଛି ଦଶ ପନ୍ଦର ବର୍ଷ ତଳେ ନିର୍ମାଣ ହୋଇଥିବା ପାଣିଟାଙ୍କି । ସରକାରଙ୍କ ନିୟମ ଅନୁଯାୟୀ ଓଭର ହେଡ଼ ପାଣିଟାଙ୍କି ପାଖରୁ ଘର ଘରକୁ ବିଶୁଦ୍ଧ ପାଣି ଯିବାନିମନ୍ତେ ବିଛା ଯାଇଥିବା ପାଇପ ଗୁଡିକ ଅଢେଇରୁ ତିନିଫୁଟ ତାଳେଯିବା ପାଇଁ ନିୟମ ଥିବାବେଳେ ବାସ୍ତବରେ ଦେଖିବାକୁ ଗଲେ କେତେକ ଜାଗାରେ ଛଅଇଞ୍ଚ ତଳେ ଯାଇଛି ତ ଆଉ କେତେକ ମାଟି ଉପରେ ଯାଇଛି । ସେଗୁଡିକ ଉପରେ ଗାଡି ଚଢ଼ିଗଲା




ମାନେ ଫାଟି ପାଣି ବୋହୁଛି । କେତେକ ଜାଗାରେ ଟାଙ୍କି କାମ ସରିଥିଲେ ମଧ୍ୟ ଏହାର ହାଣ୍ଡୁଣୀ କରାଯାଇନାହିଁ । ସେହିଭଳି ଅନେକ ଜାଗାରେ ପାଚେରି ନିର୍ମାଣ ନକରି ବିଲ କରୁଥିବାବେଳେ ଅଭିଯୋଗ ଆସୁଛି । ଏଭଳି ଘଟଣା ଦେଖିବାକୁ ମିଳିଛି ନିଆଳି ଜଳ ଓ ପରିମଳ ବିଭାଗରେ ଥିବା ଜଲ୍ଲାରପୁର ପଞ୍ଚାୟତରେ ଥିବା ସାହାନାଜପୁର ପହଙ୍ଗା ପଞ୍ଚାୟତ ପହଙ୍ଗା ବସଷ୍ଟାଣ୍ଡ ପାଖରେ ପାଣିପାଇପ ଫାଟି ବସଷ୍ଟାଣ୍ଡ ଗଳିଯିବା ଭଳି ଅବସ୍ଥାକୁ ଆସିବା ଅଭିଯୋଗ ହେଲାଣି । ସେହିଭଳି ନିଆଳି ପୋଖରୀ ଗାଁ, କୁଳ ଜଲ୍ଲାରପୁର, ମାଧବ, ସଡ଼ାଶ, କୁଳଶ୍ରୀ, ପଦାତିରା ଭଳି ଅନେକ ଜାଗାରେ, ଏହିସବୁ କାମରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଅଭିଯୋଗହୋଇଛି । ଏ ନେଇ ନିଆଳି ବ୍ଲକ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଗୋବିନ୍ଦ ମଲ୍ଲିକଙ୍କୁ ଫୋନ କରିଥିଲେ ସେ ଫୋନ ଉଠାଇନଥିଲେ. ଉକ୍ତ ବିଭାଗରେ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଲୋକ ପ୍ରତିନିଧି ମାନେ ଦାବି କରିଛନ୍ତି ।

## ଯୁବକ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ମୁରିବାହାଲ, ୧୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଜାମୁଟ ଗୋଚର ନର୍ସରୀ ଜଙ୍ଗଲରେ ଜଣେ ଯୁବକ ଝୁଲନ୍ତା ମୃତ ଶରୀର ଉଦ୍ଧାର କରାଯାଇଛି । ମୃତ ଶରୀର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଯୁବକମାନେ ଦେଖି ପରିଚୟ ପାଇଁ ପରିବାରକୁ ଖବର ଦେଇଥିଲେ । ପରିବାର ଲୋକ ଆସି ଚିହ୍ନଟକରି ବଙ୍ଗୋମୁଣ୍ଡାର ହୋଇଥିବାରୁ ବଙ୍ଗୋମୁଣ୍ଡା ପୋଲିସକୁ ଖବର ଦେଇଥିଲ । ବଙ୍ଗୋମୁଣ୍ଡା ପୋଲିସ ଏସଆଇ ବିନୋଦ କନ୍ଧେ ଏଏସଆଇ ରୁପଧର ବାଗ ଏବଂ ପୋଲିସ ଟିମ ପହଞ୍ଚି ମୁରିବାହାଲ ଥାନା ଅଞ୍ଚଳ ହେଉଥିବାରୁ ମୁରିବାହାଲ ପୋଲିସକୁ ଖବର ଦେଇଥିଲେ । ମୁରିବାହାଲ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଥିଲେ ।

## ମଧ୍ୟାହ୍ନଭୋଜନ ଚାଉଳ ହରିଲୁଟର ତଦନ୍ତ

**ଖଣ୍ଡପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧିନ ଶିଖରପୁର ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ନିମନ୍ତେ ମହଜୁଦ ଥିବା ଚାଉଳକୁ ସ୍ଥାନୀୟ ପଞ୍ଚାୟତ ଲୋକପ୍ରତିନିଧିଙ୍କ ଜ୍ଞାତସାରରେ ହରିଲୁଟ କରାଯାଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ ଉଠାଇଥିଲେ। ଶିଖରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବାଇକ ଯୋଗେ ବିଦ୍ୟାଳୟ ପରିସରରୁ ଏକ ବସ୍ତା ଚାଉଳ ନେଉଥିବା ନେଇ ଅଭିଯୋଗ ଉଠିଥିଲା । ଅଭିଯୋଗ ଆଧାରରେ ପ୍ରଶାସନ ପକ୍ଷରୁ ସୋମବାର ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି । ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ ଓ ମଧ୍ୟାହ୍ନଭୋଜନ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ ପ୍ରକାଶ ଚନ୍ଦ୍ର ବାରିକ ପ୍ରମୁଖ ଉକ୍ତ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନଭୋଜନ ଚାଉଳ ହଡପ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ । ଶିକ୍ଷା ବିଭାଗ ଅଧିକାରୀମାନେ ଘଟଣା ସଂପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କୁ ପଚାରି ବୁଝିବା ସହ ମଧ୍ୟାହ୍ନଭୋଜନ ଷ୍ଟକ ରେଜିଷ୍ଟର ଯାଞ୍ଚ କରିଥିଲେ । ପୂର୍ବତନ ସରପଞ୍ଚ କାହା ନିର୍ଦ୍ଦେଶରେ ସ୍ପଷ୍ଟ ଦିବାଲୋକରେ ବିଦ୍ୟାଳୟ ଶ୍ରେଣୀଗୃହରୁ ବସ୍ତାଏ ଚାଉଳ ନେବାକୁ ସାହାସ ଜୁଟାଇଲେ ବୋଲି ସମଗ୍ର ଶିଖରପୁର ପଞ୍ଚାୟତରେ ଚର୍ଚ୍ଚା ହେଉଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ଏ ଦିଗରେ ତଦନ୍ତ କରି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି । ପଞ୍ଚାୟତବାସୀଙ୍କୁ ସେବା ଯୋଗାଇ ଦେବା ଆଳରେ ଶୋଷଣ କରୁଥିବା ପଞ୍ଚାୟତ ଜନପ୍ରତିନିଧିମାନଙ୍କ ଅସଲ ଚେହେରା ଏବେ ଲୋକ ଲୋଚନକୁ ଆସିଥିବା ବେଳେ କଥା ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । କ୍ରମାଗତ ଭାବେ ଉକ୍ତ ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ଚାଉଳ ଏଭଳି ଭାବେ ବାଟମାରଣା ହେଉଥିବା ଶିଖରପୁର ପଞ୍ଚାୟତ ବାସୀଙ୍କ ସୂତ୍ରରୁ ଜଣାପଡିଛି । ନୟାଗଡ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଚାରିଛକ–ଗୋପ ରାସ୍ତା ପାଲଟିଛି ମରଣଯନ୍ତା

**ଚାରିଛକ, ୧୫।୧୨ଁ ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ–ଗୋପ ମୁଖ୍ୟରାସ୍ତା ଅଳକୁଣ୍ଡ ଛକ ନିକଟରେ ଓଏସ୍ଆର୍‌ଟିସିବସ ସହିତ ବାଇକି ଆରୋହୀ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ବାଇକି ଆରୋହୀଙ୍କ ମୃତ୍ୟୁ ହେଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ରବିବାର ପ୍ରାୟ ୧୦ ଘଟିକା ସମୟରେ ଚାରିଛକରୁ ଗୋପ ଯାଉଥିବା ସରକାରୀ ଲକ୍ଷ୍ମୀବସ ଓ ବିପରୀତ ପଟୁ ଆସୁଥିବା



ଜଗତସିଂହପୁର ସ୍ଥିତ ବାଲିକୁଦା ଥାନା ଅନ୍ତର୍ଗତ କରମଙ୍ଗ ଗ୍ରାମର ଦିଲ୍ଲୀପ କୁମାର ରାଉତ( ୪୫) ତାଙ୍କ ପୁଅକୁ ହଷ୍ଟେଲରେ ଛାଡି ଘରକୁ ଫେରୁଥିବା ସମୟରେ ଲକ୍ଷ୍ମୀବସ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ବାଇକି ଆରୋହୀ ରାସ୍ତା କଡରେ ଚିଟିକି ପଡ଼ିଥିଲେଛ ପ୍ରବଳ ରକ୍ତସ୍ରାବ ହେବା ଫଳରେ ସଜ୍ଞାହୀନ ହୋଇପଡ଼ିଥିଲେ । ଖବର ପାଇଁ ଚାରିଛକ ଥାନା ପୋଲିସ ପହଞ୍ଚି ଆହତ ବାଇକି ଆରୋହୀଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଦୁର୍ଘଟଣାରେ ଦୁଇଟି ଗାଡି ଜବତ ସହ ୧୫୬/ ୨୫ରେ ମାମଲା ରୁଜୁକରି ଚାରିଛକ ଥାନା ପୋଲିସ ତଦନ୍ତ ଚଳାଇଛି ।

# ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହେତୁ ଚାଷୀ ଚିନ୍ତାରେ

**ରାଇରଙ୍ଗପୁର, ୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଆସନ୍ତା ୨୬ ତାରିଖରୁ ମୟୂରଭଞ୍ଜ ଜିଲ୍ଲାରେ ଧାନ ମଣ୍ଡି ଖୋଲାଯିବ ବୋଲି ସୂଚନା ମିଳିଥିବାବେଳେ ବାମନଘାଟି ଉପଖଣ୍ଡରେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ମିଲରମାନଙ୍କ ଦଲାଲଙ୍କ ଉପଦ୍ରବ ଆରମ୍ଭ ହୋଇଗଲାଣି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଚାଷୀଙ୍କୁ ଟୋକନ ପ୍ରଦାନ କରିବା ପରେ ମଣ୍ଡିରେ ଚାଷୀମାନେ ନିଜର ଖରିଫ ଧାନ ବିକ୍ରୟ କରିବେ । ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ନିଷ୍ପତ୍ତିକ୍ରମେ ପଞ୍ଜିକୃତ ଚାଷୀମାନଙ୍କଠାରୁ ମଣ୍ଡି ଓ ଲାମ୍ପସ ମାଧ୍ୟମରେ ଧାନ ସଂଗ୍ରହ କରାଯିବ । ସେଥିରେ ୧୮ ଜଣ ମିଲର ଅଂଶଗ୍ରହଣ କରିବେ । କିନ୍ତୁ ଧାନ ସଂଗ୍ରହ ପୂର୍ବରୁ ବାମନଘାଟି ଉପଖଣ୍ଡର ଓଡ଼ିଶା– ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳର ଚାଷୀଙ୍କ ଧାନ ଉପରେ ଝାଡ଼ଖଣ୍ଡ ରାଜ୍ୟର ମିଲରଙ୍କ ନଜର ପଡ଼ିଛି । ଯାହାକୁ ନେଇ ରାଇରଙ୍ଗପୁର, ତିରିଂ, ଜାମଦା, ବହଳଦା, କୁସୁମୀ ପ୍ରଭୃତି ବ୍ଲକର ବିଭିନ୍ନ ଗ୍ରାମରେ ଦଲାଲମାନଙ୍କ ଉପଦ୍ରବ ଜାରି ରହିଛି ।

ବାମନଘାଟି ଉପଖଣ୍ଡରେ ୧୬ ହଜାର ୯୮୫ ଜଣ ଚାଷୀ ଧାନ ବିକ୍ରୟ କରିବେଛ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ବାମନଘାଟି ଉପଖଣ୍ଡରେ ଭଲ ଅମଳ ମଧ୍ୟ ହୋଇଛି । ଯାହାକୁ ଦଲାଲ ନଜର କରି ଚାଷୀଙ୍କୁ ବୁଝେଇବା ଆରମ୍ଭ କରିଛନ୍ତି । ପଞ୍ଜିକୃତ ଚାଷୀଙ୍କୁ ଧାନ ବିକ୍ରି ନେଇ ଟୋକନ୍ ମିଳିବା ପୂର୍ବରୁ ଝାଡ଼ଖଣ୍ଡ ମିଲରମାନେ ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରୟାସ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି । ଚାଷୀମାନେ ଧାନ ମଣ୍ଡିରେ ବିକ୍ରି କରିବା ପୂର୍ବରୁ ନିଜ ନିଜ ରାଇସ୍ ମିଲ୍ ଗୋଦାମରେ ଧାନ ଗଦା କରିବାକୁ ଝାଡ଼ଖଣ୍ଡ ଦଲାଲ ବି ସକ୍ରିୟ ରହିଛନ୍ତି । ସୀମାନ୍ତ ଗ୍ରାମର ଆଦିବାସୀ ଚାଷୀଙ୍କୁ ଲୋଭ ଦେଖାଇ ଦଲାଲମାନେ ଧାନ କିଣୁଛନ୍ତି । ତାହା ପୁଣି ମଣ୍ଡିଠାରୁ ବହୁ କମ୍ ଦରରେ । ଦଲାଲ୍ ଧରା ନ ପଡ଼ିବାକୁ ଟ୍ରକ୍ ପରିବର୍ତ୍ତେ ଛୋଟ ଛୋଟ ଗାଡ଼ିରେ ଧାନ ସଂଗ୍ରହ କରି ସୀମା ପାର୍ ହେଉଛନ୍ତି । ସୀମାନ୍ତ ବିଭିନ୍ନ ଗଳାବାଟ ଦେଇ ଝାଡ଼ଖଣ୍ଡକୁ ଧାନ ଯାଉଛି । ଯାହାକୁ ଜାଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଯୋଗାଣ ବିଭାଗ କିମ୍ବା ଲାସ କର୍ମଚାରୀ ବିଫଳ ହେଉଛନ୍ତି । ଶୀତ ଦିନ ଥିବାରୁ ବିଶେଷ କରି ବିଳମ୍ବିତ ରାତି ଓ ବଡ଼ି ଭୋର୍ ସମୟରେ ଓଡ଼ିଶାରୁ ଝାଡ଼ଖଣ୍ଡକୁ ଧାନ ଯାଉଛି । ଚଳିତ ବର୍ଷ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କାରେ ଧାନ କିଣିବାକୁ ଯାଉଛନ୍ତି । କିନ୍ତୁ ଏହାପରେ ମଧ୍ୟ ଦଲାଲମାନେ ଚାଷୀଙ୍କ ଘରୁ ସିଧାସଳଖ ଧାନ କିଣି ନେଉଛନ୍ତି । ମଣ୍ଡି ଖୋଲିବାକୁ ବିଳମ୍ବ ଥିବାବେଳେ ଏତେ ଦିନ ଅମଳ ଧାନ ଗଚ୍ଛିତ କରି ରଖୁବା, ପୁଣି ଗାଡ଼ିରେ ନେଇ ମଣ୍ଡିରେ ବିକ୍ରି କରିବା ପାଇଁ ଅପେକ୍ଷା କରି ରହିବା କଥା ଭାବି ଚାଷୀମାନେ ଧାନକୁ ଜଲ୍‌ଦି ବିକ୍ରୟ କରି ଦେଉଛନ୍ତି । ଚାଷୀମାନେ ମଣ୍ଡିରେ ଅଧିକ ଟଙ୍କା ପାଇ ଲାଭବାନ ହେବା ବଦଳରେ କମ୍ ଦରରେ ବିକ୍ରି ନେଇ ଯୋଜନା କରିଛନ୍ତି ।

ବଡ଼ବଡ଼ ଟୋକନ୍ ଚାଷୀଙ୍କୁ ଦଲାଲ୍‌ମାନେ ନଜର ପକାଇଛନ୍ତ । ଆଉ ସେହି ଚାଷୀମାନଙ୍କୁ ଦଲାଲ୍‌ମାନେ ଟାର୍ଗେଟ କରୁଛନ୍ତି । ସେମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଧାନକୁ ଝାଡ଼ଖଣ୍ଡ ରାଇସ୍ ମିଲ୍‌ରେ ବିକ୍ରି କରିବାକୁ କହୁଛନ୍ତି । ଉକ୍ତ ଦଲାଲି କାର୍ଯ୍ୟରେ ସ୍ଥାନୀୟ ଗ୍ରାମର କିଛି ଦଲାଲ୍ ମଧ୍ୟ ମିଶିକି ରହୁଛନ୍ତି । ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ଶୀଘ୍ର ଧାନ ଉଠିବାକୁ ପର୍ଯ୍ୟାପ୍ତ ସୁବିଧା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । କିନ୍ତୁ ତାହା ପୂର୍ବରୁ ଧାନ ଚୋରା ଚାଲାଣ ଆରମ୍ଭ ହୋଇଗଲାଣି ।ଅସାଧୁ ବ୍ୟକ୍ତି ଧାନ ସଂଗ୍ରହ ପ୍ରକ୍ରିୟାରେ ହସ୍ତକ୍ଷେପ କରୁଛନ୍ତି । ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛ ।

ପ୍ରଶାସନ ପକ୍ଷରୁ ନିୟମିତ ବ୍ୟବଧାନରେ ପଙ୍କ ଉଦ୍ଧାର ଏବଂ ଖୋଳା କାର୍ଯ୍ୟକ୍ରମ ଜାରି ରହିଥିଲେ ମଧ୍ୟ ଏହା ସେତେଟା ଫଳପ୍ରଦ ହୋଇପାରୁନି । ଚିଲିକାର ଆର୍ଦ୍ରଭୂମି ଆୟତନ ଧୀରେଧୀରେ ହ୍ରାସ ପାଇବା ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିଲିକା ପୋତି ହେଉଥିବା ଖବର ସମ୍ପର୍କରେ ରାଜ୍ୟ ସରକାର ଯେ ଅବଗତ ନାହାନ୍ତି ଏକଥା କହିହେବନି । ହ୍ରଦର ଗଭୀରତା ସର୍ବନିମ୍ନ ୦.୩୮ ମିଟରରୁ ସର୍ବାଧିକ ୬.୨୦ ମିଟର ରହିଛି ଅନେକ ସ୍ଥାନରେ । ପ୍ରତିବର୍ଷ ହ୍ରଦ ଭିତରକୁ ନଦୀ, ଉପନଦୀ ଏବଂ ବିଭିନ୍ନ ନାଳ ଦେଇ ୮ ଲକ୍ଷ ଟନ୍‌ର ପଟୁମାଟି ପ୍ରବେଶ କରି ଚିଲିକାକୁ ପୋତିବାରେ ଲାଗିଛି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ    ଭୁବନେଶ୍ୱର    ୧୬ ଡିସେମ୍ବର, ୨୦୨୫    ମଙ୍ଗଳବାର

# ଓଡ଼ିଶା ଏକ୍ସପ୍ରେସ୍


## ରୂପ ହରାଉଛି ରୂପସୀ ଚିଲିକା

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଚିଲିକା ହ୍ରଦର ଗୁରୁତ୍ୱ ଖୁବ୍ ଅଧିକ । ମରାଳମାଳିନୀ ଚିଲିକା ସବୁବେଳେ ପର୍ଯ୍ୟଟକଙ୍କୁ ମୁଗ୍ଧ କରେ, ସୌନ୍ଦର୍ଯ୍ୟପିପାସୁମାନଙ୍କୁ ବିମୋହିତ କରେ। ଏଇ ସମୟରେ, ଅର୍ଥାତ୍ ଶୀତଋତୁରେ ଚିଲିକା ଅଧିକ ରୂପସୀ ହୋଇଉଠେ । ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ହୁଏ ଚିଲିକା। କିନ୍ତୁ ଦେଖାଯାଉଛି ଚିଲିକା ଧୀରେ ଧୀରେ ତା'ର ରୂପ ହରାଇବାକୁ ଲାଗିଛି । ସଂକୁଚିତ ହେଉଛି ଚିଲିକା । ସ୍ଥଳଭାଗ ମାଡ଼ିଗଲାଣି ଚିଲିକା ଭିତରକୁ । ଅନେକ ଜାଗାରେ ଚିଲିକା ଦୂରେଇଗଲାଣି କୂଳଠାରୁ । କେଉଁଠି ପୋତି ହୋଇଗଲାଣି ତ ପୁଣି କେଉଁଠି କଳିକତି ଦଳ ଚରିଗଲାଣି । ଟାଙ୍ଗୀ ବ୍ଲକ୍ ମଙ୍ଗଳାଯୋଡ଼ିଠାରେ ଚିଲିକା ଅନେକ ଦୂରକୁ ଘୁଞ୍ଚିଗଲାଣି । ଦଳ ଆଡ଼େଇ ଆଡ଼େଇ ଡଙ୍ଗାରେ କିଛିବାଟ ଯିବା ପରେ ଆଖିରେ ପଡୁଛି ଚିଲିକାର ନୀଳ ଜଳରାଶି ।

ଓଡ଼ିଶା ଆସୁଥିବା ବାହାର ରାଜ୍ୟ ଏବଂ ବାହାର ଦେଶର ପର୍ଯ୍ୟଟକଙ୍କ ପାଇଁ ଚିଲିକା ଭ୍ରମଣ ଏକ ମୁଖ୍ୟ ଆକର୍ଷଣ ଥାଏ ସବୁବେଳେ । ଏହା ଏସୀୟା ମହାଦେଶର ଏକମାତ୍ର ଲବଣାକ୍ତ ହ୍ରଦ । ଶୀତଋତୁରେ ସୁଦୂର ସାଇବେରିଆରୁ ବିଭିନ୍ନ ପ୍ରଜାତିର ପକ୍ଷୀ ଆସର ଜମାନ୍ତି ଚିଲିକାରେ । ଏକ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବରେ ସେମାନେ ଚିଲିକାକୁ ବାଛି ନେଇଛନ୍ତି କେବେଠୁ । କିନ୍ତୁ ଦେଖିବାକୁ ମିଳୁଛି ଚିଲିକାର କାୟା କମିବାରେ ଲାଗିଛି । ହ୍ରଦର ଚାରିପଟେ ନିର୍ମାଣ ବଢ଼ିବା କାରଣରୁ ପକ୍ଷୀମାନଙ୍କ ପାଇଁ ଏହା ଧୀରେଧୀରେ ଅସୁରକ୍ଷିତ ହେବାରେ ଲାଗିଛି । ସେମାନଙ୍କ ମନଲାଖି ପରିବେଶ ସେମାନେ ହୁଏତ ଆଉ ପାଇବେନି ଚିଲିକାରେ । ଏଇଭଳି ଧାରା ଜାରି ରହିଲେ ଆଗାମୀ ଦିନରେ ପକ୍ଷୀମାନଙ୍କ ଆଗମନ ନିଶ୍ଚିତ ଭାବରେ କମିବ । ମରାଳମାଳିନୀ ପରିଚୟ ହରାଇବ ଚିଲିକା ।

ଚିଲିକା ପାଇଁ ଆଉ ଏକ ବଡ଼ ବିପଦ ହେଉଛି– ପ୍ରଦୂଷଣ । ଚିଲିକାର ଜଳରାଶି ପ୍ରଦୂଷିତ ହେବାରେ ଲାଗିଛି । ସହର ଏବଂ କଳାକାରଖାନାର ବର୍ଜ୍ୟ ଜଳ ନଦୀରେ ମିଶିବା ଏବଂ ସେଇସବୁ ନଦୀ ଚିଲିକାରେ ମିଶିବା ଫଳରେ ଚିଲିକାର ଜଳ ପ୍ରଦୂଷିତ ହେଉଛି । ଫଳରେ ମାଛ ଏବଂ ଜଳଜୀବଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି । ମାଛ ସଂଖ୍ୟା କମୁଛି ଚିଲିକାରେ। ସମୁଦ୍ରର ଆୟତନ ଅଧିକ ହୋଇଯିବାରୁ ବର୍ଜ୍ୟଜଳର କ୍ଷତିକାରକ ଗୁଣ କମିଯାଏ ସମୁଦ୍ର ଜଳରେ ମିଶିବା ପରେ, କିନ୍ତୁ ଚିଲିକା ପାଇଁ ଯେ ବର୍ଜ୍ୟଜଳ ଅଧିକ କ୍ଷତିକାରକ ନିଶ୍ଚିତ ଭାବରେ ହେବ, ଏଥିରେ ସନ୍ଦେହ କରିବାର ନାହିଁ । ଏବେଠୁ ଏଥିପ୍ରତି ସତର୍କ ହେବାର ଆବଶ୍ୟକତା ରହିଛି ।

ପ୍ରଶାସନ ପକ୍ଷରୁ ନିୟମିତ ବ୍ୟବଧାନରେ ପଙ୍କ ଉଦ୍ଧାର ଏବଂ ଖୋଳା କାର୍ଯ୍ୟକ୍ରମ ଜାରି ରହିଥିଲେ ମଧ୍ୟ ଏହା ସେତେଟା ଫଳପ୍ରଦ ହୋଇପାରୁନି । ଚିଲିକାର ଆର୍ଦ୍ରଭୂମି ଆୟତନ ଧୀରେଧୀରେ ହ୍ରାସ ପାଇବା ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିଲିକା ପୋତି ହେଉଥିବା ଖବର ସମ୍ପର୍କରେ ରାଜ୍ୟ ସରକାର ଯେ ଅବଗତ ନାହାନ୍ତି ଏକଥା କହିହେବନି । ହ୍ରଦର ଗଭୀରତା ସର୍ବନିମ୍ନ ୦.୩୮ ମିଟରରୁ ସର୍ବାଧିକ ୬.୨୦ ମିଟର ରହିଛି ଅନେକ ସ୍ଥାନରେ । ପ୍ରତିବର୍ଷ ହ୍ରଦ ଭିତରକୁ ନଦୀ, ଉପନଦୀ ଏବଂ ବିଭିନ୍ନ ନାଳ ଦେଇ ୮ ଲକ୍ଷ ଟନ୍‌ର ପଟୁମାଟି ପ୍ରବେଶ କରି ଚିଲିକାକୁ ପୋତିବାରେ ଲାଗିଛି ।

ଚିଲିକାର ଜୈବ ବିବିଧତା ଓ ଆର୍ଦ୍ରଭୂମିର ଗୁରୁତ୍ୱକୁ ଉପଲବ୍ଧି କରି ୧୯୮୧ ମସିହାରେ ଚିଲିକା ଡେଭଲପ୍‌ମେଣ୍ଟ ଅଥରିଟି (ସିଡିଏ) ପକ୍ଷରୁ ଏହାର ଚତୁଃପାର୍ଶ୍ୱରେ ବୃକ୍ଷରୋପଣ ଏବଂ ଆର୍ଦ୍ରଭୂମିର ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯାଇଥିଲା । ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଚିଲିକାର ଆୟତନ ଧୀରେଧୀରେ କମିବା ସହ ବିଭିନ୍ନ ପ୍ରଜାତିର ପ୍ରାଣୀ ବିଲୁପ୍ତ ହେବାକୁ ବସିଛନ୍ତି । ଚିଲିକାର ସୁରକ୍ଷା ଏବଂ ଏହାର ପୁନରୁଦ୍ଧାର ପାଇଁ ସିଡିଏ କର୍ତ୍ତୃପକ୍ଷଙ୍କ ଅନୁରୋଧରେ ଆଇଆଇଟି ମାଡ୍ରାସର ବୈଷୟିକ ପରାମର୍ଶରେ ଦୀର୍ଘମିଆଦି କାର୍ଯ୍ୟକ୍ରମ ପ୍ରସ୍ତୁତି ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି ବୋଲି ଜଣାଯାଏ । ଡିପିଆର୍ ପ୍ରସ୍ତୁତ ପରେ ଚିଲିକାର ପୁନରୁଦ୍ଧାରକୁ ବ୍ୟାପକ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି ।

ଚିଲିକା ଓଡ଼ିଶାର ପର୍ଯ୍ୟଟନଶିଳ୍ପକୁ ପୁଷ୍ଟ କରୁଥିବା କାରଣରୁ ଚିଲିକାର ରୂପସୀ ପରିଚୟକୁ କିଭଳି ଅତୁଟ ରଖାଯାଇପାରିବ ସେ ଦିଗରେ ସରକାର ଯତ୍ନବାନ ହେବେ ବୋଲି ଆଶା ।

# ଯିଏ ନିଜର ଅତୀତକୁ ଭୁଲି ଯାଆନ୍ତି, ସିଏ ବାରମ୍ବାର ଭୁଲ କରିବା ଅବଧାରିତ



## ତୁଷମ୍ ଇବ ମନ୍ଥନମ୍- ଚଷୁକୁଟା କାମ

**ତୁଷାରକାନ୍ତ**

ଆଜି ଲେଖାର ଶୀର୍ଷକ 'ଯିଏ ନିଜର ଅତୀତକୁ ଭୁଲି ଯାଆନ୍ତି, ସିଏ ବାରମ୍ବାର ଭୁଲ କରିବା ଅବଧାରିତ' ଭଳି ଉପଦେଶାତ୍ମକ ବାଣୀଟିର ମୂଳ ଆଧାରଟି ୧୯୫୦ ମସିହାରେ ଦାର୍ଶନିକ ଜର୍ଜ ସାନ୍ତାୟନଙ୍କ ଦ୍ୱାରା ଲିଖିତ The Life of Reason ବହିରେ ଅଛି ।

ଏହା ଦର୍ଶାଇ ଯେ,'ଗୋଟିଏ ସରକାରର 'ଗୁଣବତ୍ତା ଓ ଚରିତ୍ର', ସେଠାର 'ନାଗରିକମାନଙ୍କ ଜୀବନର ମୂଲ୍ୟବୋଧ, ଇଛା ତଥା କାର୍ଯ୍ୟାକଳାପ' ଆଧାରରେ ନିୟନ୍ତ୍ରିତ ହୋଇଥାଏ । ନାଗରିକ ଯଦି 'ସ୍ୱ-ସନ୍ତୁଷ୍ଟ, ସୂଚନା ରହିତ ଅବସ୍ଥାରେ ରହି 'ସୁ-ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରଚଳନ'ରେ ଭାଗ ନିଅନ୍ତି ନାହିଁ, ତେବେ ସେମାନେ ଏଭଳି ଏକ ସରକାର ବାଛନ୍ତି, ଯିଏ ନାଗରିକଙ୍କ ସମସ୍ୟାଗୁଡ଼ିକ ପ୍ରତି ଉଦାସୀନ ରୁହନ୍ତି ।

ପ୍ରକାରାନ୍ତରେ, ନାଗରିକମାନେ ଯଦି 'କର୍ମଚଞ୍ଚଳ ଓ ସୂଚନାପ୍ରାପ୍ତ' ହୋଇ ସରକାରଙ୍କଠାରୁ 'ଉତ୍ତରଦାୟିତ୍ୱ ତା' ଦାବି କରନ୍ତି, ତେବେ ସରକାର ସେମାନଙ୍କର (ନାଗରିକମାନଙ୍କର) ଆଶା ଓ ଆକାଂକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ଚେଷ୍ଟା କରନ୍ତି ।' ତେଣୁ, ନାଗରିକମାନଙ୍କୁ ଯେତେବେଳେ ଏଭଳି କରିଦିଆଯାଏ ଅଥବା ସେମାନେ ଏଭଳି ହେବାକୁ ବ୍ୟାକୁଳ ହୁଅନ୍ତି, ସେତେବେଳେ ଯାହା ହେବାକଥା ତାହା ହେଉଛି । ଏହା ବାବଦରେ କିଛି ଉଦାହରଣ ତଳେ ସ୍ଥାନିତ ଅଛି–

(୧) ପୂର୍ବର ଉଦାହରଣ– ଅବିଭକ୍ତ ବିହାର ରାଜ୍ୟର ଧାନବାଦ ଅଞ୍ଚଳରେ ଅରୁଣ କୁମାର ରାୟ (A.K.ROY) ନାମକ ଜଣେ କେମିକାଲ ଇଞ୍ଜିନିୟର, ଚାକିରିରେ ଥିବା ସମୟରେ ୧୯୬୦ ମସିହାରେ ସଙ୍ଗଠିତ କୋଇଲାଖଣି ଶ୍ରମିକମାନଙ୍କର ଗୋଟିଏ ଆନ୍ଦୋଳନକୁ ସମର୍ଥନ କରି ଚାକିରିରୁ ତଡ଼ା ଖାଇବାପରେ, ସିପିଆଇ(ଏମ) ଦଳରେ ଯୋଗଦେଇ, ପରେ ୧୯୭୧ ମସିହାରେ Marxist Coordination Committee (MCC) ନାମକ ଦଳଟିଏ ଗଢ଼ିଥିଲେ । ସେ ସିନ୍ଦ୍ରୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୧୯୬୭, ୧୯୬୯ ଓ ୧୯୭୨ରେ ବିଧାୟକ ତଥା ୧୯୭୭, ୧୯୮୦ ଓ ୧୯୮୯ରେ ଧାନବାଦରୁ ଲୋକସଭା ସଦସ୍ୟରୂପେ ନିର୍ବାଚିତ ହୋଇଥିଲେ । ଶିବୁ ସୋରେନଙ୍କ 'ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଗଠନ' ଆନ୍ଦୋଳନରେ ବି ସେ ଆଗରେ ଥିଲେ ।

ଶ୍ରୀ ଚନ୍ଦ୍ରଶେଖରଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ, ୧୯୯୧ ମସିହାରେ ସାଂସଦମାନଙ୍କ ଦରମା, ଭତ୍ତା, ଅନ୍ୟାନ୍ୟ ଖର୍ଚ୍ଚ ତଥା ପେନସନ ବୃଦ୍ଧିପାଇଁ ଗୋଟିଏ ବିଲ ସଂସଦରେ ଆଗତ ହୋଇଥିଲା, ଯେଉଁଥିରେ କି ଗୋଟିଏ ଦିନପାଇଁ ବି ସାଂସଦ ରହିଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ପେନସନ ପାଇବାର ବ୍ୟବସ୍ଥା ରହିଥିଲା । (The Sallary, Allowance Pension of Members of Parliament (Ammendment) Bill 1991.) ଶ୍ରୀ ରାୟ ଏକମାତ୍ର ଲୋକସଭା ସଦସ୍ୟ ଥିଲେ, ଯିଏ ଏହାର ବିରୋଧ କରିଥିଲେ । ଦୁଇଟିଯାକ ଗୃହର ଅନ୍ୟ ସମସ୍ତ ସଦସ୍ୟଙ୍କ ସହାୟତାରେ ଏହା ସଂସଦର ମଞ୍ଜୁରି ପାଇବାପରେ, ଏହାକୁ ତତ୍କାଳୀନ ରାଷ୍ଟ୍ରପତି ଆର, ଭେଙ୍କଟରମଣ ମହାଶୟଙ୍କ ସ୍ୱୀକୃତି ହାସଲ ପାଇଁ ପଠାଯାଇଥିଲା । ଶ୍ରୀ ରାଏ ତଥା ଜନସାଧାରଣଙ୍କ ବିରୋଧ, ବିଶେଷକରି ଅତି ଅଳ୍ପ ଅବଧି, ଏଭଳିକି ଦିନଟିଏ ପାଇଁ ସାଂସଦ ହୋଇଥିବାଙ୍କୁ ସମ୍ପୂର୍ଣ୍ଣ ପେନସନ ଦିଆଯିବା ବିରୋଧରେ ଜନ ଅସନ୍ତୋଷକୁ ହୃଦୟଙ୍ଗମ କରି, ରାଷ୍ଟ୍ରପତି ମହୋଦୟ ସେହି ବିଲକୁ ସ୍ୱୀକୃତି ପ୍ରଦାନ ନକରି ଫେରେଇ ଦେଇଥିଲେ । ସରକାର ବି ଏହାକୁ ଆଉ ପୁନଃବିଚାର ପାଇଁ ତାଙ୍କ ପାଖକୁ ପଠେଇନଥିଲେ ।

କିନ୍ତୁ, ୧୯୯୧ ଲୋକସଭା ନିର୍ବାଚନରେ ଶ୍ରୀ ରାଏ ସେହି ଧାନବାଦ ସଂସଦୀୟ କ୍ଷେତ୍ରରୁ ହାରିଯାଇଥିଲେ । ସେ, ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ପାଉଥିବା ସମସ୍ତ ପେନସନକୁ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଥିଲେ । ସେ ଅବିବାହିତଥିବାରୁ ତାଙ୍କ ପେନସନ ଆଉ କେହି ପାଇବାର ନଥିଲା, ଯାହା ବିବାହିତ ସାଂସଦଙ୍କ ମୃତ୍ୟୁ ପରେ ତାଙ୍କର ସହଧର୍ମିଣୀ ଇତ୍ୟାଦି ପାଇଥାଆନ୍ତି ।

ତା୨୧.୬,୧୯୯୧ ରିଖରୁ ତା୧୬.୫.୧୯୯୬ରିଖ ଭିତରେ ପି.ଭି. ନରସିହ୍ମା ରାଓ ପ୍ରଧାନମନ୍ତ୍ରୀ ଥିବା କାଳରେ, ୧୯୯୫ ମସିହାରେ, ସାଂସଦମାନଙ୍କ ଦରମା ଇତ୍ୟାଦି ବାବଦର ୧୯୫୪ ମସିହାର ମୂଳଆଇନରେ ସଂଶୋଧନ କରାଯାଇ (The Sallary, Allowances Pension Act of 1954), ୧୯୯୧ରେ ତତ୍କାଳୀନ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱୀକୃତି ହାସଲ କରିନଥିବା ବିଲଟି ତା୩୧.୩.୧୯୯୫ ରିଖରେ ତତ୍କାଳୀନ ରାଷ୍ଟ୍ରପତିଙ୍କ ସ୍ୱୀକୃତି ହାସଲକରି ତା୧.୪.୧୯୯୫ରିଖରୁ କାର୍ଯ୍ୟକାରୀ ହୋଇଥିଲା ।

୧୯୯୧ ମସିହାରେ ଏଭଳି ନହେବାକୁ ଦାବି କରିଥିବା ଏ.କେ.ରାଏଙ୍କୁ, ଠିକ ଏହାରି ପରେ ପରେ ହୋଇଥିବା ନିର୍ବାଚନରେ ଭୋଟରଗଣ ହରେଇଥିବାରୁ, ଜର୍ଜ ସାଣ୍ଟାୟନଙ୍କ 'ଯିଏ ନିଜର ଅତୀତକୁ ଭୁଲି ଯାଆନ୍ତି'ରୁ ଶିକ୍ଷାପାଇ, ବିରୋଧ କଲେ 'ଭୋଟରଗଣ ଭୋଟ ନଦେବା' ଭୟରେ, ବାରମ୍ବାର ଏଭଳି ବୃଦ୍ଧି ଉପରେ ବିଲଗୁଡ଼ିକୁ ଆଉ ଜଣିଏହେଲେ ବି ସାଂସଦ ବା ବିଧାୟକ ବିରୋଧ କରୁନାହାନ୍ତି ।

(୨) ନିକଟ ଅତୀତର ଉଦାହରଣ

(କ) 'ବଢ଼ିଥିଲା, ବଢ଼ିଥିଲା': ଅମୃତ କାଳ ଚାଲିଥିବା ସମୟରେ, ତା୨୪.୧୨.୨୦୨୫ ରିଖରେ, ଆମ ମାନ୍ୟବର ସାଂସଦମାନଙ୍କ ଦରମା, ଭତ୍ତା, ପେନସନ ଇତ୍ୟାଦି ପିଛିଲା ତା୧.୪.୨୦୨୩ ତାରିଖରୁ ପାଖାପାଖି ୨୪% ବଢ଼ିଥିଲା । ଭଲ ପରିମାଣର ବକେୟାପାଉଣା (Arrear) ବି ମିଳିଥିଲା । କାରଣ ସ୍ୱରୂପ ଦର୍ଶାଯାଇଥିଲା ଯେ, 'ଦରଦାମ ବୃଦ୍ଧିଯୋଗୁଁ ଏପରି ହୋଇଛି' ।

ମାସିକ ଦରମା – ୧.୦୦.୦୦୦ ଟଙ୍କାରୁ ୧,୨୪,୦୦୦ ଟଙ୍କା, ଦୈନିକ ଭତ୍ତା– ୨,୦୦୦ ଟଙ୍କାରୁ ୨,୫୦୦ ଟଙ୍କା, ମାସିକ ପେନସନ– ୨୫.୦୦୦ ଟଙ୍କାରୁ ୩୧, ୦୦୦ ଟଙ୍କା ହୋଇଥିଲା ।

ସଭ୍ୟପଦର ଅବଧି ଅନୁଯାୟୀ, ପ୍ରତ୍ୟେକ ବର୍ଷର ସଭ୍ୟପଦ ପାଇଁ ଯେଉଁ ମାସିକ ୨,୦୦୦ଟଙ୍କା ଅଧିକ ପେନସନ ମିଳୁଥିଲା, ତାହା ବି ୨,୫୦୦ ଟଙ୍କାକୁ ବଢ଼ିଥିଲା । ( They will receive a monthly increase of Rs 2,500 for each additional year of service in place of Rs 2,000 receiving at present.)

ଏତଦବ୍ୟତୀତ ସେମାନଙ୍କୁ ଆଉ ଯାହାସବୁ ମିଳିଥାଏ, ସେଗୁଡ଼ିକ ହେଉଛି (୧)ମାସିକ ନିର୍ବାଚନ ମଣ୍ଡଳୀ ଭତ୍ତା– ୭୦,୦୦୦ ଟଙ୍କା, (୨) ମାସିକ କାର୍ଯ୍ୟାଳୟ ଭତ୍ତା – ୬୦,୦୦୦ ଟଙ୍କା, (୩) ବାର୍ଷିକ ଫୋନ ଓ ନେଟ ଖର୍ଚ୍ଚ – ୧,୫୦,୦୦୦ ଟଙ୍କା, (୪) ବାର୍ଷିକ ମାଗଣା ୩୪ଥର ବିମାନରେ ଆଉ ଜଣଙ୍କ ସହିତ Executive classରେ ଯାତ୍ରା, (ମହାତ୍ମା ଗାନ୍ଧି ବୋକାଥିବାରୁ ସେତେବେଳର ତୃତୀୟ ଶ୍ରେଣୀ ରେଳଡବାରେ ଯାତାୟାତ କରୁଥିଲେ) (୫) ପରିବାରର ଲୋକଙ୍କ ସହିତ ଯେତେଥର ଚାହାନ୍ତି, ସେତେଥର ଶୀତତାପ ନିୟନ୍ତ୍ରିତ ପ୍ରଥମଶ୍ରେଣୀ ରେଳଡବାରେ ଯାତ୍ରା, (୬) ବର୍ଷକୁ ୫୦, ୦୦୦ ଇଉନିଟ ମାଗଣା ବିଜୁଳି ଓ ୪,୦୦୦ କିଲୋଲିଟର ମାଗଣା ପାଣି, (୭) ପରିବାରର ସଦସ୍ୟମାନଙ୍କ ସହିତ ମାଗଣା ସ୍ୱାସ୍ଥ୍ୟସେବା (ଘରୋଇ ଡାକ୍ତରଖାନା ଲଗାଏତ), (୮) ସମୃଦ୍ଧ (Posh) ଅଞ୍ଚଳରେ ବଡ଼ ବଡ଼ ଘର ମାଗଣାରେ, ଘର ନନେଲେ ଏହା ବାବଦକୁ ମାସିକ ୨,୦୦,୦୦୦ ଟଙ୍କା ଘରଭଡ଼ା, (୯) ନିଜ ନିର୍ବାଚନ ମଣ୍ଡଳୀର ଉନ୍ନତିକରଣପାଇଁ କାମପାଇଁ ବାର୍ଷିକ ୫କୋଟି ଟଙ୍କାର ହାତପାଣ୍ଠି ।

(ଖ) 'ବଢ଼ିଗଲା ବଢ଼ିଗଲା': ତା୯.୧୨.୨୦୨୫ରିଖରେ ଓଡ଼ିଶା ବିଧାନସଭାର ନିଷ୍ପତ୍ତି ଅନୁସାରେ 'ଆମ ବିଧାନସଭାକୁ ନିର୍ବାଚିତମାନଙ୍କର ତଥା ଅବସରପ୍ରାପ୍ତମାନଙ୍କର ବି 'ବଢ଼ିଗଲା ବଢ଼ିଗଲା' । ଏହା ପିଛିଲା ୨୦୨୪ ଜୁନମାସରୁ ଲାଗୁ ହୋଇଥିବାରୁ ଭଲ ପରିମାଣର ବକେୟା ବି ମିଳିବ । ଏଭଳି କି ଅବସରପ୍ରାପ୍ତଗଣ ବାଟଖର୍ଚ୍ଚ ବି ପାଇବେ । (ଗ)ତେବେ, ସଂକ୍ଷେପରେ ଏତିକି ଯେ ୨୦୧୭ ମସିହାର ୩୫ ହଜାର ଟଙ୍କାର ମୂଳ ମାସିକ ଦରମାକୁ ୯୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ଅନ୍ୟାନ୍ୟ ଭତ୍ତା ତଥା ଆନୁସାଙ୍ଗିକ ଖର୍ଚ୍ଚରେ ବୃଦ୍ଧିଯୋଗୁ, ଜଣେ ବିଧାୟକ ମାସକୁ ପାଉଥିବା ପାଖାପାଖି ୧ ଲକ୍ଷେ ଟଙ୍କା, ୨୦୨୪ ମସିହା ଜୁନ ମାସରୁ ୩.୫୦ ଗୁଣ ବୃଦ୍ଧିପାଇ ପାଖାପାଖି ୩ଲକ୍ଷ ୪୫ ହଜାର ଟଙ୍କା ହୋଇଛି । ମୁଖ୍ୟମନ୍ତ୍ରୀଙ୍କପାଇଁ ମାସିକ ମୂଳ ୪୧ ହଜାର ଟଙ୍କା ଦରମା ୦୧ ଲକ୍ଷକୁ ବଢ଼ି ସମୁଦାୟ ୩ ଲକ୍ଷ ୭୪ ହଜାର ଟଙ୍କା ହୋଇଥିବା ବେଳେ, ମନ୍ତ୍ରୀ, ବାଚସ୍ପତି, ଉପ-ବାଚସ୍ପତି ୩ ଲକ୍ଷ ୬୦ ହଜାର ଟଙ୍କା ପାଇବେ ।

ବିଧାନସଭା ଚାଲିବା ସମୟ, ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଯୋଗଦାନ ପାଇଁ ଦୈନିକ ଭତ୍ତା ୧୫୦୦ରୁ ୩୦୦୦ ଟଙ୍କା ହୋଇଥିବା ସ୍ଥଳେ ରାଜ୍ୟ ବାହାରକୁ ଗଲେ ଦୈନିକ ଭତ୍ତାକୁ ୨୦୦୦ ଟଙ୍କାରୁ ୧୦,୦୦୦ ଟଙ୍କା କରାଯାଇଛି । ମାସିକ ଗସ୍ତଖର୍ଚ୍ଚ ୧୫ ହଜାରରୁ ୫୦ ହଜାର ଟଙ୍କା କରାଯାଇଛି ତ, ମାସିକ ବିଜୁଳି ଖର୍ଚ୍ଚ ୫,୦୦୦ ବଦଳରେ ହୋଇଛି ୨୦,୦୦୦ ଟଙ୍କା, ଯାହା ମାସିକ ଚିକିତ୍ସା ପାଇଁ କ୍ଷେତ୍ରରେ ୫,୦୦୦ ରୁ ୩୫,୦୦୦ ଟଙ୍କା ହୋଇଛି । ମାସିକ ନିର୍ବାଚନ ମଣ୍ଡଳୀ ଓ ଲୋକସେବା ଭବନ (Secretariat) ଗସ୍ତଖର୍ଚ୍ଚ ୨୦ ହଜାରରୁ ୭୫ ହଜାର ଟଙ୍କା ହୋଇଛି ।

'କଟେପୁଅ ବାର' ଲାଭ ହୋଇଛି ଅବସରପ୍ରାପ୍ତ ଲୋକପ୍ରତିନିଧିମାନଙ୍କର । ସେମାନଙ୍କର ମାସିକ ମୂଳ ପେନସନ ୩୦ ହଜାର ଟଙ୍କାରୁ ୮୦ ହଜାର ଟଙ୍କା କରାଯାଇ, ୫ ବର୍ଷରୁ ଅଧିକ ଅବଧି ଥିଲେ, ପ୍ରତି ଅଧିକ ବର୍ଷପାଇଁ ୩୦୦୦ ଲେଖାଏଁ ଟଙ୍କା ମିଳିବାର ବ୍ୟବସ୍ଥା କରାଯାଇଛି । (ଜଣେ ୭ ବର୍ଷ ରହିଥିଲେ, ମୂଳ ୫ ବର୍ଷପାଇଁ ମାସିକ ୮୦,୦୦୦ ସହିତ ଆଉ ୨ ବର୍ଷ ପାଇଁ ୩୦୦୦x୨୬୦୦୦ ସମୁଦାୟ ୮୬ ହଜାର ଟଙ୍କା ମାସିକ ମୂଳ ପେନସନ ମିଳିବ।) ଏହା ସହିତ ସେମାନଙ୍କୁ ଚିକିତ୍ସାଖର୍ଚ୍ଚ ବାବଦରେ ମାସକୁ ୨୫,୦୦୦ ଓ ଗସ୍ତଖର୍ଚ୍ଚ ବାବଦରେ ମାସକୁ ୧୨,୫୦୦ ଟଙ୍କା ମିଳିବ ।

ଅମୃତକାଳରେ ଆମ ଯଶସ୍ୱୀ ବିଶ୍ୱଗୁରୁ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯେହେତୁ ଓଡ଼ିଶାର ଡବଲ ଇଞ୍ଜିନର ସରକାର ଏଭଳି କରିଛନ୍ତି ଓ ସିଙ୍ଗଲ ଇଞ୍ଜିନବାଲେ ବି ସମର୍ଥନ କରିଛନ୍ତି ତଥା ସମସ୍ତେ ଆମର ଭୋଟପ୍ରାପ୍ତ, ସେହେତୁ ଜନତାଙ୍କ ସେବାରେ ଆମ ବିଧାୟକମାନଙ୍କର 'ଯଥେଷ୍ଟ ଦରମା ତଥା ଭତ୍ତା ଇତ୍ୟାଦି ବୃଦ୍ଧି ନିହାତି ଯଥାଯଥ । ଏ.କେ.ରଏ 'ଅତୀତରୁ ଶିକ୍ଷା କରିନଥିବା ଓଲୁଟିଏ ଥିଲେ', ଯାହା ଅନ୍ୟମାନେ ନହେବା ହିଁ 'ଗଣତନ୍ତ୍ରର ଚରମ ଉତ୍କର୍ଷତା' ।

ଯେହେତୁ ସେମାନେ ଆମର ଭୋଟପାଇ ଏବେ ନିର୍ବାଚିତ ତଥା ଅବସରପ୍ରାପ୍ତମାନେ ଆଗରୁ ଭୋଟ ପାଇଥିଲେ, ତେଣୁ ସେମାନେ ଆମକୁ ଆହୁରି ଯଥେଷ୍ଟ ଅଧିକ ସେବା ଯୋଗାଇଦେବାକୁ 'ସେମାନଙ୍କପାଇଁ ପ୍ରତ୍ୟେକ ବିଧାନସଭା ଅଧିବେଶନରେ ଏହି ଅନୁପାତରେ ପ୍ରାପ୍ୟବୃଦ୍ଧିର ବ୍ୟବସ୍ଥା କରାଯିବାପାଇଁ ଆମେ ଭୋଟରଗଣ ରାଜଧାନୀର ସଂଗ୍ରାମସ୍ଥଳ ଲୋଏର ପିଏମଜିରେ ଦାବି ଜଣାଇବା ଉଚିତ ହେବ ନାହିଁକି ?'

ଏହା ସହିତ 'ବିଲଟିକୁ ସମର୍ଥନ କରିଥିବା ୧୪୬ ଜଣଙ୍କୁ ସମ୍ମାନ ପ୍ରଦର୍ଶନାର୍ଥେ ତଥା ଯେଉଁ ଜଣିଏ ଏହାର ବିରୋଧ କରିଛନ୍ତି, (ସିପିଆଇ (ଏମ)ଦଳର ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମହାଶୟ) ତାଙ୍କୁ ଏ.କେ.ରାୟ ଭୋଗିଥିବା ଅବସ୍ଥା ଜଣାଇବାକୁ' ଏଭଳି କାର୍ଯ୍ୟକ୍ରମରେ ସାମିଲ କରାଗଲେ କେମିତି ହୁଅନ୍ତା?

ମାନ୍ୟବରମାନଙ୍କ ଦରମା ଇତ୍ୟାଦିର ବୃଦ୍ଧି ଅନୁପାତରେ, ୮୦ କୋଟିରୁ ଅଧିକଙ୍କୁ, ମାସିକ ଜଣଙ୍କପ୍ରତି ମିଳୁଥିବା ୫ କିଲୋ ମାଗଣାଦାନାକୁ ତଥା ଅନ୍ୟାନ୍ୟ ଅନୁଦାଗୁଡ଼ିକର ପରିମାଣ ବି,'ବଢ଼ିଯାଉ, ବଢ଼ିଯାଉ' ।

ଓଡ଼ିଶାରେ ଏଭଳି ଅତ୍ୟଧିକ ବୃଦ୍ଧି ହିଁ ପ୍ରମାଣ କରେ ଯେ, ୨୦୨୪ ମସିହାର ନିର୍ବାଚନ ପ୍ରଚାରକାଳରେ, ତା୨୧.୫.୨୦୨୪ରିଖରେ ପୂଣ୍ୟଭୂମି ପୁରୀରେ ଅନୁଷ୍ଠିତ ଏକ ନିର୍ବାଚନୀ ସଭାରେ ଆମର ଯଶସ୍ୱୀ କେନ୍ଦ୍ରୀୟ ଗୃହମନ୍ତ୍ରୀ ତଥା ବର୍ତ୍ତମାନର ଚାଣକ୍ୟପଣ୍ଡିତ ସମ୍ମାନୀୟ ଅମିତ ଶାହାଜୀଙ୍କ ଆହ୍ୱାନ 'ଓଡ଼ିଶାରେ ଡବଲ ଇଞ୍ଜିନ ସରକାରଙ୍କ ସହିତ କେନ୍ଦ୍ରରେ ମୋଦିଜୀଙ୍କ ସରକାରଙ୍କ ପାଇଁ ଭୋଟଦେଲେ ଓଡ଼ିଶାକୁ ଏକନମ୍ବରୀ ରାଜ୍ୟ କରେଇବୁ' ଯେ ୨୦୨୯ ନିର୍ବାଚନ ବେଳକୁ ସଫଳତା ହାସଲ କରିଥିବ, ତାହା ନିଶ୍ଚିତ ନିଶ୍ଚିତ ନିଶ୍ଚିତ ।

ତେବେ, ୨୦୨୯ ମସିହାରେ ଓଡ଼ିଶା ଦେଶର ଏକନମ୍ବରୀ ରାଜ୍ୟହେବା ପୂର୍ବରୁ, ୨୦୨୫ ମସିହାର ଡିସେମ୍ବର ମାସରେ 'ବିଧାୟକମାନଙ୍କୁ ଦରମା ଭତ୍ତା ଇତ୍ୟାଦି ଦେବାରେ ଏକନମ୍ବରୀ ହୋଇଯିବା' କେତେବଡ ଉପଲବ୍ଧିଟିଏ ନୁହେଁ ସତରେ?

*ମୋ. ୮୮୯୫୮୫୭୩୧୮*

# ଧନୁ ମୁଆଁ ଓ ସଂକ୍ରାନ୍ତି

**ଡ. ଅରୁନ୍ଧତୀ ଦେବୀ**

ପୂନେଇଁ ପର୍ବ, ଯାନିଯାତ ଓଡ଼ିଆ ଜାତିର ଜାତକରେ ଲିଖିତ । ଏହା ବ୍ୟତୀତ ହିନ୍ଦୁ ଧର୍ମରେ ମଧ୍ୟ ଗ୍ରହ ନକ୍ଷତ୍ର ଚଳନ ଅନୁସାରେ ବିଭିନ୍ନ ତିଥି-ବାରର ଅନେକ ଗୁରୁତ୍ୱ ରହିଛି । ଏହି କ୍ରମରେ ଧନୁ ସଂକ୍ରାନ୍ତିକୁ ବର୍ଷର ଶେଷ ସଂକ୍ରାନ୍ତି ଭାବରେ ବିବେଚନ କରାଯାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହି ସଂକ୍ରାନ୍ତିରୁ ସୂର୍ଯ୍ୟ ଧନୁ ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା, ନଦୀରେ ବୁଡ଼ ପକାଇବା ସମେତ ଏହି ସଂକ୍ରାନ୍ତିର ଆହୁରି ଅନେକ ଧାର୍ମିକ ଗୁରୁତ୍ୱ ରହିଛି । ଉପବାସ ଠାରୁ ଊର୍ଦ୍ଧ୍ୱରେ ଏହି ସଂକ୍ରାନ୍ତି ସାଂସ୍କୃତିକ ଗୁରୁତ୍ୱ ମଧ୍ୟ ବହନ କରେ ।

ଧନୁ ସଂକ୍ରାନ୍ତି ସୂର୍ଯ୍ୟଦେବଙ୍କ ସମେତ ବିଭିନ୍ନ ଦେବାଳୟରେ ଦେବଦେବୀଙ୍କ ପାଖରେ ମୁଆଁ ଲାଗି ହୁଏ । ଜଗନ୍ନାଥ ପ୍ରେମୀଙ୍କ ବିଶ୍ୱାସ ଅନୁସାରେ ଶ୍ରୀମନ୍ଦିରରେ ମୁଆଁ ଲାଗି ହେଲେ ମହାପ୍ରଭୁଙ୍କଠାରୁ ଜାଡ଼ ଦୂରେଇ ଯାଏ। ଏହା ବ୍ୟତୀତ ଓଡ଼ିଶାର ପ୍ରାୟ ସମସ୍ତ ଦେବୀ ପୀଠରେ ମୁଆଁ ଭୋଗ କରାଯାଏ । ବ୍ରହ୍ମପୁରର ବୁଢ଼ୀସାଆନ୍ତାଣୀଙ୍କଠାରେ ହେଉଥିବା ମୁଆଁଭୋଗ ଓଡ଼ିଶା ପ୍ରସିଦ୍ଧ । ମୁଢ଼ି ମୁଆଁ, ଖଇ ମୁଆଁ, ଚୁଡ଼ାମୁଆଁ, ଛେନା ମୁଆଁ ଆଦି ବିଭିନ୍ନ ପ୍ରକାରର ମୁଆଁ ଭୋଗ ହୁଏ। ଶ୍ରୀମନ୍ଦିରରେ ବିରି, ଗହମଚୁନା, ଘୃତ ପାଗ ହୋଇଥିବା ସ୍ୱତନ୍ତ୍ର ମୁଆଁ ମଧ୍ୟ ପୂଜା କରାଯାଏ। ମୁଆଁ ଲାଗି ହୋଇଥିବାରୁ ସଂକ୍ରାନ୍ତିଟି ମୁଆଁ ସଂକ୍ରାନ୍ତି ନାମରେ ମଧ୍ୟ ବେଶ ପରିଚିତ ।

ଧନୁ ସଂକ୍ରାନ୍ତି ଦିନ ସୂର୍ଯ୍ୟଦେବତାଙ୍କୁ ପୂଜା କରାଯାଏ । ବଡ଼ି ଭୋରରୁ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରାଯାଇ ନଦୀର ବୁଡ଼ ପକାଯାଏ। ଏହି ଦିନ ଗଙ୍ଗା, ଯମୁନା, କୃଷ୍ଣା, ମହାନଦୀ, ତୁଙ୍ଗଭଦ୍ରା ଓ କାବେରୀ ନଦୀରେ ବୁଡ଼ ପକାଇବାକୁ ଶୁଭ ବୋଲି ବିଶ୍ୱାସ କରାଯାଏ। ଦାନ ପୂଣ୍ୟ ପାଇଁ ଏହି ଦିନଟି ଅତ୍ୟନ୍ତ ପବିତ୍ର । ସୂର୍ଯ୍ୟଙ୍କ ବ୍ୟତୀତ ଏହି ଦିନରେ ନବଗ୍ରହଙ୍କ ବନ୍ଦାପନା କରାଯାଇ ପୂଜା କରାଯାଏ ।

ଧନୁ ସଂକ୍ରାନ୍ତି ଦିନ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ମହାପ୍ରଭୁ ଜଗନ୍ନାଥଙ୍କୁ ଧନୁମୁଆଁ ବା ପାଗମୁଆଁ ଲାଗି କରାଯାଏ। ଏହା ମକର ସଂକ୍ରାନ୍ତି ଯାଏ ଚାଲେ। କୁହାଯାଏ, ଧନୁମୁଆଁ ଖାଇଲେ ଘୋଡ଼ଲାଗି ହୋଇଥିବା ମହାପ୍ରଭୁଙ୍କୁ ପ୍ରଚଣ୍ଡ ଶୀତଦାଉରୁ ରକ୍ଷା ମିଳେ। ସମଗ୍ର ମନୁଷ୍ୟ ଜଗତ ମଧ ଧନୁମୁଆଁ ଖାଇ ଶୀତରୁ ରକ୍ଷା ପାଆନ୍ତି। ବିମଳାଙ୍କ ପାଖରେ ମାଆ ବିମଳେଇ ମୁଆଁ ଭୋଗ ଲାଗିହୁଏ। ଝିଅ ବିଦା ବେଳେ ସାଙ୍ଗରେ ମୁଆଁ ଭାର ପଠାଯାଏ। ମହାଲକ୍ଷ୍ମୀ ଧନୁମୁଆଁ ଖାଇ ମାସଟିଏ ପିତୃ ଆଳୟକୁ ଯାଆନ୍ତି ଏବଂ ମକର ଚାଉଳ ଖାଇ ଫେରନ୍ତି । ମହାପ୍ରଭୁ ଯେମିତି ବିଶାଳ ସେମିତି ତାଙ୍କ ପାଖରେ ଗୁଡ଼ପାଗରେ ଲିଆ, ଘିଅ, ଗୋଲମରିଚ, ବଡ଼ ଅଳେଇଚ, ଲବଙ୍ଗ, ଚିନି ପଡ଼ି ୫୦/୬୦ କିଲୋ ଭଳି ବିଶାଳ ମୁଆଁ ଭୋଗ ଲାଗି ହୋଇଥାଏ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା।

ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଧନୁ ସଂକ୍ରାନ୍ତି ଠାରୁ ଆରମ୍ଭ କରି ମକର ସଂକ୍ରାନ୍ତି ଯାଏ, ପୁରା ମାସକଯାକ ବାଲଧୂପରେ ଠାକୁରଙ୍କୁ ମୁଆଁ ଭୋଗ ଲାଗି କରାଯାଏ। ସନ୍ଧ୍ୟାଧୂପରେ ମହାପ୍ରଭୁଙ୍କୁ ରୁପା ଥାଳିରେ ମୁଆଁ ଭୋଗ ଲାଗି କରାଯାଏ। ଲିଙ୍ଗରାଜଙ୍କ ବିଜେ ପ୍ରତିମାଙ୍କୁ ଉପରବେଳା ବୀରକିଶୋର ବଲ୍ଲଭ ପରେ ମୁଆଁ ଭୋଗ ଲାଗି ହୁଏ। ଠାକୁରଙ୍କୁ କେବଳ ଲିଆ ଗୁଡ଼ପାଗ ମୁଆଁ ହିଁ ଲାଗି ହୁଏ ବୋଲି କହନ୍ତି ଲିଙ୍ଗରାଜ ମନ୍ଦିର ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ କୁମାର ପୂଜାପଣ୍ଡା।

ଉପକୂଳ ଅଞ୍ଚଳରେ ଧନୁ ସଂକ୍ରାନ୍ତିକୁ 'କ୍ଷେତବଢ଼ା' ମଧ୍ୟ କୁହାଯାଏ। ଏହିଦିନ ବୋହୂମାନେ ଘରକୁ ନୂଆ ଧାନ ଆଣି ମାଟିହାଣ୍ଡିରେ ଖଇ ଭାଜନ୍ତି। ସେଥିରେ ଗୁଡ଼ ପକାଇ ପାଗକରି ଉଖୁଡ଼ା ତିଆରି କରାଯାଏ। ସେ ଉଖୁଡ଼ାରେ ବଡ଼ ଓ ଛୋଟ ଆକାରର ମୁଆଁ ତିଆରି କରାଯାଏ। ସେ ଉଖୁଡ଼ାରେ ବଡ଼ ଓ ଛୋଟ ଆକାରର ମୁଆଁ ତିଆରି କରାଯାଇ ତାହାକୁ ନେଇ କ୍ଷେତରେ ପୂଜା କରାଯାଏ। ମାର୍ଗଶିର ମାସ ଶେଷ ବେଳକୁ ଧାନକଟା ହୋଇଥାଏ। ସେହି ସମୟରେ ୨/୪ ବୁଦା ଧାନଗଛ କ୍ଷେତବଢ଼ା ପାଇଁ ରଖାଯାଏ। ମୁଆଁ ଭୋଗ ସାଙ୍ଗରେ ଫୁଲ, ଚନ୍ଦନ, ଧୂପ ଓ ଦୀପ ଦେଇ ବିଲରେ ଧାନଗଛ ମୂଳେ ପୂଜା କରାଯାଏ। ଗନ୍ଧ, ପୁଷ୍ପ ସମର୍ପଣ କରି ମା'ଲକ୍ଷ୍ମୀ, କ୍ଷେତ୍ରପାଳ ଓ ବସୁନ୍ଧରାଙ୍କ ନାଁରେ ପୂଜାକରି ମୁଆଁ ଭୋଗ ବଢ଼ାଯାଏ। ବିଲକୁ ଯାଇଥିବା ଚାଷୀମାନଙ୍କ ମଧ୍ୟରେ ଏହି ଭୋଗମୁଆଁ ବାଣ୍ଟି ଦିଆଯାଏ। ଏହାପରେ ଧାନ ଆସି ଖଳାରେ ଗଦା ହୋଇଥାଏ।

*ମୋ. ୯୯୩୭୧୭୨୮୧୦*

# ପର୍ଜନ୍ୟ ଅର୍ଥାତ୍ ପ୍ରାଣବର୍ଷା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଗୀତାର ଭଗବାନ କୃଷ୍ଣ କହନ୍ତି, 'ଯଜ୍ଞାଦ ଭବତି ପର୍ଜନ୍ୟଃ' ଅର୍ଥାତ୍ ଯଜ୍ଞ ଦ୍ୱାରା ପର୍ଜନ୍ୟ ବର୍ଷା ହୁଏ । ଲୋକେ ବର୍ଷାର ଅର୍ଥ ପାଣିବର୍ଷାକୁ ବୁଝନ୍ତି, ଏହା ଯଦି ସତ ହୋଇଥାନ୍ତା ତେବେ ପାଣିବର୍ଷା ମନୁଷ୍ୟ ହାତରେ ଥାନ୍ତା, କଦାପି ପାଣିର ଅଭାବ ପଡ଼ନ୍ତା ନାହିଁ । ଯେତେବେଳେ ଯେତିକି ବର୍ଷାର ଆବଶ୍ୟକତା ହୁଅନ୍ତା ସେତେବେଳେ ସେତିକି ବର୍ଷା କରାଯାଇ ପାରନ୍ତା । ବନ୍ୟା ହେବାର ସଙ୍କଟ ରହନ୍ତା ନାହିଁ ଏବଂ ବର୍ଷା ଅଭାବରେ ଦୁର୍ଭିକ୍ଷ ପଡ଼ିବାର ଦେଖାଯାନ୍ତା ନାହିଁ । ମନ ହେବାମାତ୍ରେ ବର୍ଷା କରାଯାଇ ପାରନ୍ତା । ତା'ର ମାତ୍ରା ନିୟନ୍ତ୍ରଣ ମଧ୍ୟ ମନୁଷ୍ୟ ହାତରେ ଥାନ୍ତା । ପର୍ଜନ୍ୟ ବର୍ଷା କଥା ସତ ଅଟେ କିନ୍ତୁ ପାଣି ବର୍ଷା ନୁହେଁ। ତେବେ ପାଣି ବ୍ୟତୀତ ଆଉ କୌଣସି ବସ୍ତୁ ମଧ୍ୟ ବର୍ଷା ହୁଏ କି? ଏହାର ଉତ୍ତର 'ହଁ'ରେ ଦିଆଯାଇପାରେ ଏବଂ ଉକ୍ତ ବର୍ଷା ହେବା ବସ୍ତୁକୁ ହିଁ ପର୍ଜନ୍ୟ କୁହାଯାଏ। ଏହାପାଣି ନୁହେଁ, 'ପ୍ରାଣ' ଅଟେ । ପ୍ରାଣ କହନ୍ତି ଜୀବନୀ ଶକ୍ତିକୁ। ଯେଉଁ ବସ୍ତୁ ବଳ, ସାମର୍ଥ୍ୟ ପ୍ରଦାନ କରେ, ତାହା ହିଁ ଜୀବନୀ ଶକ୍ତି ଅଟେ। ଯାହାଙ୍କ ଶରୀରରେ ଜୀବନୀ ଶକ୍ତି ଥାଏ ସେମାନେ କ୍ଷୀଣକାୟ ହେଲେ ସୁଦ୍ଧା ବଳବାନ ଥାନ୍ତି । ଗାନ୍ଧୀଙ୍କୁ ମୃତ୍ୟୁ ବେଳକୁ ଅଶୀବର୍ଷ ବୟସ ହୋଇଥିଲା। ସେ କହୁଥିଲେ ମୁଁ ୧୨୦ ବର୍ଷ ବଞ୍ଚିବାକୁ ଚାହେଁ । ଯଦି ଦୁର୍ଘଟଣା ହୋଇନଥାନ୍ତା ତେବେ ସମ୍ଭବତଃ ତାଙ୍କୁ ଇଚ୍ଛାମୃତ୍ୟୁ ମିଳିଥାନ୍ତା । ଜୀବନୀ ଶକ୍ତି ଶରୀରକୁ ବଳବାନ, ନିରୋଗ ଏବଂ ଦୀର୍ଘଜୀବୀ କରିବା ସହିତ ମନୋବଳ ବୃଦ୍ଧି କରେ। ଏହାଦ୍ୱାରା ଓଜସ୍ ଏବଂ ବର୍ଚ୍ଚସର ବିଭୂତି ପ୍ରାପ୍ତ ହୁଏ। ଏହାକୁ ପ୍ରତିଭା ମଧ୍ୟ କୁହାଯାଏ ।

ପ୍ରତିଭାର ସ୍ରୋତ ଅନ୍ତରୀକ୍ଷ ଅଟେ। ଅନ୍ତରୀକ୍ଷରୁ କିରଣ ମଧ୍ୟ ବର୍ଷା ହୁଏ । ସୂର୍ଯ୍ୟ କିରଣକୁ ଜୀବନଦାତ୍ରୀ ବୋଲି କୁହାଯାଏ। ତଦ୍ୱାରା ବର୍ଷା ମଧ୍ୟ ହୁଏ । ବୈଜ୍ଞାନିକମାନେ ଜାଣିଛନ୍ତି ଯେ ତଦ୍ୱାରା ବର୍ଷା ଅତିରିକ୍ତ ଆଉ ବହୁତ କିଛି ବର୍ଷା ହୁଏ । ବର୍ଷା ପାଣିରେ ଉତ୍ପାଦକଶକ୍ତି ଥାଏ । ସମୟ ସମୟରେ ତାର ନ୍ୟୂନତା ମଧ୍ୟ ଦେଖାଦେଇ ଥାଏ । ଏପରି ପରିସ୍ଥିତିରେ ଯେଉଁ ବନସ୍ପତି ଉତ୍ପନ୍ନ ହୁଅନ୍ତି ସେମାନେ ନିର୍ଜୀବ ହୁଅନ୍ତି। ବିଶ୍ଳେଷଣ କର୍ତ୍ତାଙ୍କ ଅନୁସାରେ ସେମାନଙ୍କ ଠାରେ ରାସାୟନିକ ପଦାର୍ଥ ସ୍ୱଳ୍ପ ମାତ୍ରାରେ ଥାଏ । ଫଳରେ ସେମାନଙ୍କର ପତ୍ର ଫୁଲ ଫଳ ସ୍ୱଳ୍ପମାତ୍ରାରେ ହୁଏ । ସେମାନଙ୍କୁ ଖାଉଥିବା ପଶୁପକ୍ଷୀ ମଧ୍ୟ ଦୁର୍ବଳ ହୁଅନ୍ତି, ଦୁଧ ଅଳ୍ପ ଦିଅନ୍ତି, ଶିଶୁମାନେ ଦୁର୍ବଳ ହୁଅନ୍ତି ।

ପର୍ଜନ୍ୟ ଅର୍ଥ ଅନ୍ୟ ପ୍ରକାରେ ଜୀବନୀଶକ୍ତି ଅଟେ । ତାହା ବର୍ଷା ସହିତ ବରଷିପାରେ ଏବଂ ପ୍ରାଣବାୟୁରେ ମଧ୍ୟ ଦ୍ରବିତ ହୋଇ ରହିପାରେ । ବାୟୁରେ ପ୍ରାଣବାୟୁ ଯଦି କମ ଥାଏ ତେବେ ଶ୍ୱାସ ଗ୍ରହଣ ତ କରାଯାଇପାରେ କିନ୍ତୁ ଯେଉଁ ବିଶିଷ୍ଟତା ପାଇଁ ଲୋକେ ଜଳବାୟୁ ପରିବର୍ତ୍ତନ କରନ୍ତି ଏବଂ ସ୍ୱାସ୍ଥ୍ୟୋନ୍ନୋତି ପାଇଁ ଅନ୍ୟ ସ୍ଥାନକୁ ଯାଆନ୍ତି, ସେ ବିଶିଷ୍ଟତା ତହିଁରେ ନଥାଏ । ବନସ୍ପତିର ପ୍ରଖରତା ପ୍ରାଣବାନ ଜଳ ଉପରେ ନିର୍ଭରକରେ। ପ୍ରାଣୀର ଜୀବନ ପ୍ରାଣ ଉପରେ ନିର୍ଭର କରେ। ପ୍ରାଣ ଉପରେ ପରମାୟୁ ନିର୍ଭର କରେ ।

ଏ ସମ୍ବନ୍ଧରେ ଶୀର୍ଷ ସ୍ଥାନୀୟ ବୈଜ୍ଞାନିକମାନେ ଅନୁସନ୍ଧାନ କରିଛନ୍ତି ଯେ – ସାଧାରଣତଃ ଲୋକେ ଆହାର ବିହାରକୁ ହିଁ ଦୀର୍ଘ ଜୀବନର କାରଣ ମନେ କରନ୍ତି। କିନ୍ତୁ ସେଥିରେ ଏହି ପ୍ରକାର ବିଶିଷ୍ଟତା ନଥାଏ। ଅନ୍ୱେଷଣରୁ ଜଣାପଡ଼ିଛି ଯେ ଯେଉଁଠି ବନସ୍ପତିରେ ପ୍ରାଣଶକ୍ତିର ବାହୁଲ୍ୟ ଥାଏ, ସେ ସ୍ଥାନର ପ୍ରାଣବାୟୁର ଆଧିକ୍ୟ ଯୋଗୁଁ ଏହି ପ୍ରାଣ ମିଳେ । ଖାଦ୍ୟ ପଦାର୍ଥ ଦେଖିବାକୁ ଅନ୍ୟ ସ୍ଥାନର ଖାଦ୍ୟ ପଦାର୍ଥ ସଦୃଶ ହେଲେ ମଧ୍ୟ ତହିଁରେ ପୁଷ୍ଟିକର ତ୍ତ୍ୱର ମାତ୍ରା ଅଧିକ ଥାଏ ଏବଂ ଏହି ଶକ୍ତି ଜଳ ସହିତ ଆକାଶରୁ ବୃଷ୍ଟି ହୁଏ। ଯେଉଁ ସ୍ଥାନରେ ଅନ୍ନଜଳ ପ୍ରାଣବାୟୁ ଦୃଷ୍ଟିରୁ ଦୁର୍ବଳ ଥାଏ। ସେଠାକାର ନିବାସୀ ଅନାୟାସ ଦୁର୍ବଳ ଥାନ୍ତି। ସନ୍ତସନ୍ତିଆ ସ୍ଥାନର ଲୋକେ ଯୌବନ ଆସୁ ଆସୁ ବୃଦ୍ଧ ହୋଇଯାଆନ୍ତି। ମେଲେରିଆ, ଫାଇଲେରିଆ ରୋଗଗ୍ରସ୍ତ ହୁଅନ୍ତି ଏବଂ ଅକାଳ ମୃତ୍ୟୁବରଣ କରନ୍ତି। ବାସ୍ତବରେ ପ୍ରାଣ ରୂପରେ ଜୀବନୀ ଶକ୍ତି ସେ ସ୍ଥାନରେ କମ ବର୍ଷା ହୁଏ। ଏହି ଅଭାବ ଯଜ୍ଞ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ପୂରଣ ହେବା ସମ୍ଭବ ନୁହେଁ। ଯଜ୍ଞ ଅନ୍ତରୀକ୍ଷର ଉର୍ବରତା ବଢ଼ାଇବାର ଏକ ସାଧନ ଅଟେ। ଭୂମିରେ ଖତ ପକାଇଲେ ଫସଲ ଉତ୍ପାଦନ ଅଧିକ ହୁଏ। ଯଜ୍ଞର ବିଶିଷ୍ଟତା ହେଉଛି ଯେ ଏହାର ଶକ୍ତି ଅନ୍ତରୀକ୍ଷରେ ପ୍ରଚୁର ମାତ୍ରାରେ ପୋଷକ ତ୍ତ୍ୱ ପରିପୂର୍ଣ୍ଣ କରିଦିଏ ଏବଂ ତାହା ହିଁ ପ୍ରାଣୀ, ମନୁଷ୍ୟ ବନସ୍ପତି ସମସ୍ତଙ୍କୁ ଏହି ପୋଷକ ତ୍ତ୍ୱ ପ୍ରଦାନ କରେ। ଏହି ପୋଷଣ ହିଁ ପର୍ଜନ୍ୟ। ବର୍ଷାର ଯେଉଁ ଉଲ୍ଲେଖ ଅଛି ତାହାର ତାପର୍ଯ୍ୟ ହେଉଛି ଯେ ଅଗ୍ନିହୋତ୍ର ଦ୍ୱାରା ଅନ୍ତରୀକ୍ଷରେ ବିଶେଷ କ୍ରିୟାଶୀଳତା ଉତ୍ପନ୍ନ ହୁଏ ଏବଂ ତାହା ସମସ୍ତ ପ୍ରାଣୀଙ୍କୁ ପୋଷଣ ପ୍ରଦାନ କରେ।

*ମୋ. ୯୪୩୭୦୫୧୯୫୭*


ସବୁଠି ଫାନ୍ଦ : କହିବା କାହାକୁ ଶୁଣିବ କିଏ ?
ସତ କହିବାକୁ କିଆଁ ଡରିବି
ଅମ୍ବିକା ପ୍ରସାଦ ଦାସ

ମହାଶୟ,

ଆପଣଙ୍କ ସବୁଠି ଫାନ୍ଦ ଲେଖାଟି ବହୁତ ସୁନ୍ଦର ବର୍ଣ୍ଣନା ହୋଇଛି । ସରକାରୀ ଯୋଗାଇ ଦେଇଥିବା କର୍ମଚାରୀମାନଙ୍କୁ ସରକାରୀ ଘର ସରକାରଙ୍କ ତରଫରୁ ସେମାନଙ୍କ ସେବା ନେବା ପାଇଁ ଉଦ୍ଦିଷ୍ଟ । ଏହା ଏକ ଲୋକ କଲ୍ୟାଣକାରୀ ସରକାରୀ ସୁବିଧା । କର୍ମଚାରୀଙ୍କ ସୁବିଧା ପାଇଁ ଏହା ଜରୁରୀ । ଆମେ ସରକାରଙ୍କ ନିକଟରେ ଚାକିରି କରୁଥିବା ବ୍ୟକ୍ତିମାନେ ସରକାରଙ୍କ ସ୍ୱାର୍ଥ, ସରକାରଙ୍କ ନୀତିକୁ ପାଳନ କରିବାକୁ, କାର୍ଯ୍ୟକାରୀ କରି ଲୋକସେବା ପାଇଁ ଆମକୁ ନିଯୁକ୍ତି ମିଳିଥାଏ । କିନ୍ତୁ ଆମେ ନିଯୁକ୍ତି ପାଇବା ପରେ ଏହାକୁ ସମ୍ପୂର୍ଣ୍ଣ ଭୁଲି ଯିବା ଅନେକ କ୍ଷେତ୍ରରେ ଦେଖାଯାଏ । ଆମର ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାଉ, ନିଜର ସୁଖ ପାଇଁ ବ୍ୟସ୍ତ ।

ସରକାରୀ ଘର ଆବଣ୍ଟନ, ଏହାର ରକ୍ଷଣାବେକ୍ଷଣ, ଏହାର ରାଜସ୍ୱ ଆଦାୟ, ଏହି ଘର ଖାଲି ହେବା ପରେ ସାଧାରଣ ପ୍ରଶାସନ ବିଭାଗ, ବିଦ୍ୟୁତ ବିଭାଗ, ପୂର୍ତ୍ତ ବିଭାଗ, ଜଳଯୋଗାଣ ବିଭାଗ ସମସ୍ତେ ସରକାରୀ ବିଭାଗ ଜାଣିଥାନ୍ତି । ତାଙ୍କର ପାଖରେ ଲେଖା ଦିଆଯାଇଥାଏ । ଘର ଗୁଡ଼ିକ ମରାମତି ବାବଦରେ ବହୁ ଅର୍ଥ ପୂର୍ତ୍ତ ବିଭାଗ ଖର୍ଚ୍ଚ କରିଥାନ୍ତି । ଯାହା ଆପଣ ନିଜସ୍ୱ ଅନୁଭୂତିରୁ ପ୍ରକାଶ କରିଛନ୍ତି । ବହୁତ ଇଞ୍ଜିନିୟରିଂ ଅଧିକାରୀ ସାରା ଜୀବନ ଏହି କାମରେ ରହି ବହୁ ଦକ୍ଷତା ଅର୍ଜନ କରିଥିବା ଦେଖାଯାଏ । ଘର ଗୁଡ଼ିକ ଆମେ ଠିକ୍ ସମୟରେ ଖାଲି କରିବା ପରେ ସେହି ଘର ଗୁଡ଼ିକ ପୂର୍ତ୍ତ ବିଭାଗ କର୍ମଚାରୀଙ୍କ ସହାୟତାରେ ଅନ୍ୟକୁ ବ୍ୟବହାର ପାଇଁ ଦିଆଯାଇଥିଲା । ଯାହା କି ୟୁନିଟ୍-୨ରେ ମୁଁ ରହୁଥିବା ଘର ଡିସେମ୍ବର ୨୦୨୦ରୁ ଖାଲି ହେବା ପରେ ଦେଖିବାକୁ ମିଳେ । ବିଭିନ ସମୟରେ ଏହା ବିଷୟରେ ଖବରକାଗଜମାନଙ୍କରେ ୟୁନିଟ୍-୨ ଘରଗୁଡ଼ିକ ବିଷୟରେ ପ୍ରକାଶିତ ହୋଇଛି । ରାଜଧାନୀରେ ଚାକିରି ଖଣ୍ଡିଏ ମିଳିବା ପରେ ସରକାରୀ ଘର ଗୋଟିଏ ପାଇବା ଏକ ଈଶ୍ୱରଙ୍କ ଆଶୀର୍ବାଦ । ୟୁନିଟ୍ ମାନଙ୍କରେ ରହିଲେ ଏହା ଅନୁଭବ ହୁଏ । କିଛି ପଦବୀ ପାଇଁ ଏହା ନିର୍ଦ୍ଦିଷ୍ଟ ଭାବେ ରଖାଯାଇଛି । ଜରୁରୀ ସେବା ପାଇଁ । କିନ୍ତୁ ବର୍ତ୍ତମାନ ଦୁର୍ନୀତି ଅଭିଯୋଗକୁ ପ୍ରମାଣିତ କରିବା କଷ୍ଟକର । କହିବା କାହାକୁ ଶୁଣିବ କିଏ । ଆପଣ ଠିକ୍ ଭାବେ ଉପସ୍ଥାପିତ କରିବା ପାଇଁ ପଦକ୍ଷେପ ନେବାକୁ ପଛାଇ ନାହାନ୍ତି ।

ଏହା ବହୁତ ସାଧାରଣ ଲୋକଙ୍କ, ଅଧିକାରୀମାନଙ୍କ ଗୋଚରରେ ହୁଏ । କୌଣସି ଉଚ୍ଚ ଅଧିକାରୀ କିମ୍ବା ନିମ୍ନ କର୍ମଚାରୀ ଏକୁଟିଆ କେବେ ଦୁର୍ନୀତିର ଆଶ୍ରୟ ନେଇପାରିବ ନାହିଁ । ଏହା ଏକ ସାମୁହିକ, ସମବାୟ ପ୍ରଚେଷ୍ଟା ରେ କିଛି କର୍ମଚାରୀ ମାନେ ମିଶିକରି କରନ୍ତି । ଉପରିସ୍ଥ ଅଧିକାରୀ ବହୁତ ଜାଗାରେ ଅନ୍ଧକାରରେ ରହିଥାନ୍ତି । କିଛି ଉଚ ଅଧିକାରୀ, କର୍ମଚାରୀ,ଏହି ସବୁ ବିଷୟରେ ଦୁର୍ନୀତିର ଘୋର ବିରୋଧ କରନ୍ତି, ସେମାନେ ଚାକିରିରେ ବହୁତ କଷ୍ଟ ଅର୍ଜନ କରନ୍ତି । ସେମାନଙ୍କ ପରିବାର କଷ୍ଟରେ ଚଳନ୍ତି । ରାଜଧାନୀରେ କେବଳ ରାଜକୀୟ ଲୋକଙ୍କ ପାଇଁ, ସରକାରଙ୍କ ସବୁ ସୁବିଧା, ସାଧାରଣ ଲୋକ ସମୟ ଅନୁଯାୟୀ ତାଳ ଦେଇ ଚଳନ୍ତି । ଆପଣଙ୍କ ସମୟ ଉପଯୋଗୀ ଲେଖା ପାଇଁ 'ଓଡିଶା ଏକ୍ସପ୍ରେସ'କୁ ଧନ୍ୟବାଦ ।

**କୃପାନିଧି ବିଶ୍ୱାଳ**, ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୬ ଡିସେମ୍ବର ୨୦୨୫ ମଙ୍ଗଳବାର ପୃଷ୍ଠା ୫







# ଭାରତ-ପାକ୍ ଯୁଦ୍ଧ ୧୯୭୧

**ଦେଶ ସ୍ୱାଧୀନ ହେଲା ବେଳେ ସମଗ୍ର ଭାରତକୁ ଦୁଇ ଭାଗ କରିଦିଆଗଲା । ଏମିତି ଧର୍ମ ବା ସଂପ୍ରଦାୟକୁ ଭିତ୍ତିକରି ହେଲା ହିନ୍ଦୁସ୍ଥାନ ବା ଭାରତ ଏବଂ ଅନ୍ୟଟି ମୁସଲମାନଙ୍କ ପାଇଁ ପାକିସ୍ଥାନ । ଏହା ପୁଣି ହେଲା ପଶ୍ଚିମ ପାକିସ୍ତାନ ଓ ପୂର୍ବ ପାକିସ୍ତାନ । ପୂର୍ବ ପାକିସ୍ଥାନରେ ପ୍ରାୟ ସମସ୍ତ ଅଧିବାସୀ ବଙ୍ଗଳା ଭାଷୀ ବା ବେଙ୍ଗଲୀ । ପାକିସ୍ତାନର ମୁଖ୍ୟ କାର୍ଯ୍ୟାଳୟ, ସଂସଦ ଠାରୁ ଆରମ୍ଭ କରି ସବୁକିଛି, ପଶ୍ଚିମ ପାକିସ୍ତାନରେ । ସେଇଠୁ ନିୟନ୍ତ୍ରଣ କରାଯାଏ ପୂର୍ବ ପାକିସ୍ତାନକୁ । ତେବେ ପଶ୍ଚିମ ପାକିସ୍ତାନୀଙ୍କର ପୂର୍ବ ପାକିସ୍ତାନୀ ବଙ୍ଗାଳୀଙ୍କ ପ୍ରତି ଏକ ନ୍ୟୁନ ଭାବ ଥାଏ । ସେମାନେ ତାଙ୍କୁ ଦମିତ କରି ରଖିଥାନ୍ତି ।**

୧୯୭୦ ପାକିସ୍ଥାନୀ ନିର୍ବାଚନରେ ମୁଜିବୁର ରେହମାନଙ୍କ ନେତୃତ୍ୱରେ ଆୱାମୀ ଲିଗ୍ ପୂର୍ବ ପାକିସ୍ଥାନରେ ୧୬୯ଟି ଆସନରୁ ୧୬୭ଟି ଦଖଲ କଲେ । ଏବେ ପାକିସ୍ତାନୀ ସଂସଦର ୩୧୩ ଆସନରୁ ଅର୍ଦ୍ଧାଧିକ ଆସନ ପାଇଲେ ଆୱାମୀଲିଗ୍ । ଏଣୁ ମୁଜିବୁର ରହମନ ପାକିସ୍ତାନର ରାଷ୍ଟ୍ରପତିଙ୍କ ପାଖରେ ସରକାର ଗଠନ ପାଇଁ ଦାବୀ ଉପସ୍ଥାପନ କଲେ । ଏହାକୁ ପାକିସ୍ତାନ ପିପୁଲ୍ସ ପାର୍ଟିର ଜୁଲ୍‌ଫିକର ଅଲ୍ଲୀ ଭୁଟୋ ନାପସନ୍ଦ କଲେ ଏବଂ ରାଷ୍ଟ୍ରପତି ୟାହିୟା ଖାଁଙ୍କୁ ପ୍ରବର୍ତ୍ତାଇ ପୂର୍ବ ପାକିସ୍ତାନକୁ ଦବାଇବା ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନମାନ ଆରମ୍ଭ କରିଦେଲେ । ପୂର୍ବ ପାକିସ୍ତାନର ସୈନ୍ୟ ଓ ପୋଲିସମାନଙ୍କୁ ନିରସ୍ତ୍ର କରାଇ ଦେଲେ । ଭିନ୍ନ ମତବାଦୀଙ୍କୁ ବନ୍ଦୀ କଲେ । ଏଣୁ ଚାଲିଲା ହରତାଳ ଏବଂ ଅସହଯୋଗ ଆନ୍ଦୋଳନ ।

ପାକିସ୍ତାନୀ ସାମରିକବାହିନୀ ୨୫/୨୬ ମାର୍ଚ୍ଚ ୧୯୭୧ର ରାତିରେ ପୂର୍ବ ପାକିସ୍ତାନରେ ପହଞ୍ଚିଗଲେ । ଆୱାମୀ ଲିଗକୁ ନିଷେଧ କରାଗଲା । ସେହି ରାତି ୧.୩୦କୁ ମୁଜିବୁର ରହମନକୁ ବନ୍ଦୀ କରାଗଲା ଏବଂ ତାଙ୍କୁ ନେଇ ପଶ୍ଚିମ ପାକିସ୍ତାନରେ ରଖାଗଲା । ତା'ପରେ ଚାଲିଲା ଅପରେସନ ସର୍ଚ୍ଚ ଲାଇଟ୍ ଅର୍ଥାତ୍ ପୂର୍ବ ପାକିସ୍ତାନର ବୁଦ୍ଧିଜୀବୀଙ୍କୁ ହତ୍ୟା ।

୨୬ ମାର୍ଚ୍ଚ ୧୯୭୧ ଦିନ, ଜିଆ-ଉର-ରେହମାନ, ପାକିସ୍ତାନୀ ସୈନ୍ୟର ଜଣେ ମେଜର ବଙ୍ଗଳା ଦେଶର ସ୍ୱାଧୀନତା ଘୋଷଣା କଲେ । ସେହିବର୍ଷ ଏପ୍ରିଲରେ ନିର୍ବାସିତ ଆୱାମୀ ଲିଗ୍ ନେତାମାନେ




ନିର୍ବାସିତଙ୍କ ସରକାର ମେହେରପୁରର ବୈଦ୍ୟନାଥ ତାଲାଠାରେ ଗଠନ କଲେ । ପୂର୍ବ ପାକିସ୍ଥାନ ରାଇଫଲସ୍ ଏବଂ ସଂଗଠିତ ବେସାମରିକ ସୈନ୍ୟମାନେ ମିଶି ଗଠନ କଲେ ବଙ୍ଗଳାଦେଶ ଫୋର୍ସ ଯାହାର ନାମ ସେମାନେ ରଖିଲେ 'ବଙ୍ଗଳାଦେଶ ମୁକ୍ତିବାହିନୀ' ଯେଉଁଥିରେ 'ନିୟମିତ ବାହିନୀ ଓ ଗରିଲା ବାହିନୀ' ନାମରେ ଦୁଇ ସୈନ୍ୟବାହିନୀ ବିଭାଗ ଥିଲା । ଏହା କମାଣ୍ଡର -ଇନଚିଫ୍ (ସି.ଇନ୍.ସି.) ଜେନେରାଲ୍ ମହମ୍ମଦ ଘାନୀ ଓସମାନୀ ନେତୃତ୍ୱରେ ପରିଚାଳିତ ହେଲା ।

ପାକିସ୍ତାନୀ ସୈନ୍ୟମାନେ ପୂର୍ବ ପାକିସ୍ଥାନରେ ବଙ୍ଗଳୀଙ୍କୁ ଗଣସଂହାର ଆରମ୍ଭ କଲେ । ବିଶେଷକରି ସଂଖ୍ୟା ଲଘୁ ହିନ୍ଦୁମାନଙ୍କୁ । ଏମାନଙ୍କ ମଧ୍ୟରେ ପାଖାପାଖି



୧୦ ନିୟୁତ ହେବ ପ୍ରାଣ ଭୟରେ ଭାରତ ସୀମାନ୍ତ ରାଜ୍ୟ ପଶ୍ଚିମବଙ୍ଗ, ବିହାର, ଆସାମ, ମେଘାଳୟ ଏବଂ ତ୍ରିପୁରାରେ ଶରଣାର୍ଥୀଭାବେ ପ୍ରବେଶ କଲେ । ଏପ୍ରକାର ଶରଣାର୍ଥୀ ସମସ୍ୟା ଭାରତର ଅର୍ଥନୀତି ଉପରେ ଭୟଙ୍କର ଚାପ ପକାଇଲ ।

'ନରସଂହାର ନୀତି' କାରଣରୁ ଜେନେରାଲ ଟିକ୍କା ଖାଁଙ୍କୁ ବଙ୍ଗାଳୀଙ୍କ କଂସାଇ' ବୋଲି ଲୋକେ କହିଲେ । ତାଙ୍କର ଏ ନୀତି ପାଇଁ ତାଙ୍କୁ ଆଗରୁ 'ବେଲୁଚିସ୍ଥାନ କଂସେଇ' ବୋଲି ନାମିତ କରାଯାଇଥିଲା । ପାକିସ୍ତାନର ସର୍ବୋଚ୍ଚ ଜେନେରାଲ୍ ନିଆଜୀ ତାଙ୍କୁ ଏପରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜେନେରାଲ୍ ଟିକ୍କା ଏମିତି ନିଷ୍ଠୁର ଏବଂ ହୃଦ୍ ବିଦାରକ ନରସଂହାର ଲୀଳା ଚଳାଇଥିଲେ ଯେ ଯାହାକି ଚେଙ୍ଗିଜ୍ ଖାଁଙ୍କ ବୁଖାରା ଓ ବାଗଦାଦ୍ ଗଣସଂହାର ଠାରୁ ବଳାଇଗଲା ବାହାଲକୁ ଖାଁଙ୍କ ଠାରୁ ମଧ ଅଧିକଥିଲା । ସେ ତାଙ୍କ ଗଣସଂହାରରେ ବେସାମରିକ



ଲୋକଙ୍କୁ ବି ବାଦ୍ ଦେଇନାହାନ୍ତି । ସେ ତାଙ୍କ ସୈନ୍ୟବାହିନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ, 'ମୋର ଏଠି ମଣିଷ ଦରକାର ନାହିଁ, ଏ ପୂର୍ବ ପାକିସ୍ତାନର ଜମି ଦରକାର । ପୂର୍ବ ପାକିସ୍ତାନରେ ସବୁଜ ଜମିକୁ ରକ୍ତରଞ୍ଜିତ କରିଦିଅ ।' ସତରେ ଏହା ବଙ୍ଗାଳୀଙ୍କ ରକ୍ତରେ ରଞ୍ଜିତ ହୋଇଗଲା । ଆଉ ଅନ୍ୟାନ୍ୟ ଅମାନୁଷିକ ଅତ୍ୟାଚାର ଏବଂ ଅଭାବନୀୟ ଘଟଣା ନେଇ କ'ଣ ବା କହିବା!

ଭାରତ ସରକାର ଏ ନେଇ ଆନ୍ତର୍ଜାତିକ ସ୍ତରରେ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କର ଦୃଷ୍ଟି ଆକର୍ଷଣ କଲେ । ମାତ୍ର ଫଳ କିଛି ହେଲାନାହିଁ । ଏଣୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ, ଲୌହମାନବୀ ଇନ୍ଦିରା ଗାନ୍ଧୀ ୨୭ମାର୍ଚ୍ଚ ୧୯୭୧ରେ ତାଙ୍କର ପୂରା ସମର୍ଥନ ଏବଂ ସାହାଯ୍ୟ ବଙ୍ଗଳାଦେଶର ସ୍ୱାଧୀନତା ପାଇଁ ଘୋଷଣା କରିଦେଲେ । ସେ ନିଷ୍ପତ୍ତି ନେଲେ ଯେ ଶରଣାର୍ଥୀଙ୍କ ଭାର ବୋହିବା ଅପେକ୍ଷା ସାମରିକ ହସ୍ତକ୍ଷେପ ମାଧ୍ୟମରେ ପଶ୍ଚିମ ପାକିସ୍ତାନ ଗଣହତ୍ୟାକୁ ରୋକିବାକୁ ହେବ । ଏଥିପାଇଁ ଭାରତ ତରଫରୁ ମୁକ୍ତିବାହନୀ ସୈନ୍ୟମାନଙ୍କୁ ତାଲିମ ଦିଆଗଲା ଏବଂ ନିଜେ ଭାରତ ତାଙ୍କ ସହିତ ତାଙ୍କ ନିର୍ଦ୍ଦେଶରେ ନିର୍ବାସିତ ପୂର୍ବ ପାକସ୍ତାନୀ ସୈନ୍ୟ ଓ ସଂଗଠିତ ସୈନ୍ୟକୁ ଏକାଠି କରି ମୁକ୍ତିବାହିନୀ ସୈନ୍ୟ ଗଠନ ହେଲା ଏବଂ ସେମାନଙ୍କୁ ଗରିଲା ଯୁଦ୍ଧ ତାଲିମ ଦିଆଗଲା । ଏହାପରେ ମୁକ୍ତି ବାହିନୀ ଓ ଭାରତୀୟ ସୈନ୍ୟବାହିନୀ ମିଶି ପ୍ରସ୍ତୁତ ରହିଲେ ।

ଏସବୁ ଦେଖି ପଶ୍ଚିମ ପାକିସ୍ତାନ ପୂର୍ବ ପାକିସ୍ତାନ ଓ ଭାରତ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବାହାରି ପଡ଼ିଲା । ପଶ୍ଚିମ ପାକିସ୍ତାନର ପ୍ରାଚୀର ପତ୍ରମାନଙ୍କରେ ଲେଖାଥିଲା, 'ଭାରତକୁ ଧ୍ୱଂସ କର' ଏବଂ ଶେଖ୍ ମୁଜିବୁରଙ୍କ ପାଇଁ ସ୍ଲୋଗାନ ଥିଲା, 'ପ୍ରତାରକକୁ ଫାଶୀ ଦିଅ' ।

ନଭେମ୍ବର ଶେଷଭାଗକୁ ଏହା ସୁସ୍ପଷ୍ଟ ହୋଇଯାଇଥିଲା ଯେ ଯୁଦ୍ଧ ଅନିର୍ବାଯ୍ୟ । ଭାରତୀୟ ସୈନ୍ୟମାନେ ଡିସେମ୍ବରକୁ ଯୁଦ୍ଧ ପାଇଁ ଅପେକ୍ଷା କରିଥାନ୍ତି କାରଣ ସେତେବେଳେ ଭୂମି ଶୁଖିଲାଥିବ ଏବଂ ହିମାଳୟର ଗିରିପଥଗୁଡ଼ିକ ବରଫଦ୍ୱାରା ଆଚ୍ଛାଦନ ଥିବା ହେତୁ କିଛି ପ୍ରତିବନ୍ଧକ ଚୀନ ପଟୁ ସୃଷ୍ଟିର





କାରଣ ନଥିବ ।

୩ ଡିସେମ୍ବର ଅପରାହ୍ଣ ୫.୪୦ରେ ପାକିସ୍ଥାନର ବାୟୁସେନା (ପି.ଏ.ଏଫ୍) ଆଗତୁରା ଭାରତ ଆକ୍ରମଣକୁ ଅକ୍ଷମ ଓ ଦୁର୍ବଳ କରିଦେବା ନିମନ୍ତେ ତା' ସୀମାରେଖା ପାଖରେ ଥିବା ୧୧ଟି ବିମାନ ଘାଟି ଅଞ୍ଚଳରେ ପ୍ରିଏମ୍‌ପିଟ୍‌ଭି ଷ୍ଟ୍ରାଇକ୍ ଆରମ୍ଭ କରିଦେଲା । ଏହାକୁ କୁହନ୍ତି ଅପରେସନ ଚେଙ୍ଗିଜ୍ ଖାଁ ଯାହାକି ୧୯୬୭ରେ ଆରବ - ଇସ୍ରାଏଲ୍ ଯୁଦ୍ଧକୁ ମାତ୍ର ୬ଦିନରେ ସମାପ୍ତ କରିଦେଇଥିଲା । ଅଥଚ ଏଠି ପାକିସ୍ତାନର ମାତ୍ର ଆକାଶଯୁଦ୍ଧ ଜାହାଜ ସଂଖ୍ୟା ୫୦ଟି ଥିଲା । ଏଥିରୁ ଭାରତ ନିଶ୍ଚିତ କଲା ଯେ ଏ 'ପ୍ରିଏମ୍‌ପିଟ୍‌ଭି ଷ୍ଟ୍ରାଇକ୍' ଭାରତ ପାଇଁ ଏକ ଯୁଦ୍ଧ ଆହ୍ୱାନ । ସେହିଦିନ ସଂଧ୍ୟାରେ ଏକ ରେଡିଓ ବାର୍ତ୍ତା ଯୋଗେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏକଥା ଘୋଷଣା କଲେ । ଫଳରେ ସେହିଦିନ ରାତିରେ ଭାରତୀୟ ଆକାଶବାହିନୀ ଏହାର ପ୍ରାଥମିକ ଜବାବ୍ ଦେଲେ । ତା'ପରେ ସେହିଦିନ ରାତିରେ ଭାରତୀୟ ଆକାଶବାହିନୀର ଏହାର ପ୍ରାଥମିକ ଜବାବ୍ ଦେଲେ । ସେହିଦିନ ମଧ୍ୟରାତ୍ରୀର ଘମାଘୋଟ ଲଢ଼େଇ ଜଳ, ସ୍ଥଳ ଓ ଆକାଶମାର୍ଗରୁ ହେଲା । ପୂର୍ବ ପାକିସ୍ଥାନ ପଟୁ ଯୁଦ୍ଧରେ ଯଦିଓ ବଙ୍ଗଳାଦେଶକୁ ପଶ୍ଚିମ ପାକିସ୍ତାନଠୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଥିଲା, ପଶ୍ଚିମପଟେ ପାକିସ୍ତାନୀକୁ ଭାରତ ପ୍ରବେଶ କରାଇ ନଦେବା ଥିଲା ଉଦ୍ଦେଶ୍ୟ । ଏହା ବ୍ୟତୀତ ଅନ୍ୟ କାରଣ ନଥିଲା ।

ଏ ଯୁଦ୍ଧରେ ଭାରତ ବ୍ଲିଜକ୍ରାଏଜ ଯୁଦ୍ଧ କୌଶଳ ପ୍ରୟୋଗ କରି ମାତ୍ର ୧୩ଦିନରେ (୩ ଡିସେମ୍ବରରୁ ୧୬ ଡିସେମ୍ବର) ବିଜୟ ଲାଭ କରିଥିଲା ।

ସେଦିନ ଏହା ଡ଼ିସେମ୍ବର ୧୬ତାରିଖରେ ଏକ ତରଫା ଭାବେ ଏବଂ ବିନା ସର୍ତ୍ତରେ ପାକିସ୍ଥାନ ଆତ୍ମସମର୍ପଣ କଲା ଏବଂ ପୂର୍ବ ପାକିସ୍ତାନ ସ୍ୱାଧୀନ ବଙ୍ଗଳା ଦେଶରେ ପରିଣତ ହେଲା । ପାକିସ୍ଥାନ ସେନାବାହିନୀର ସର୍ବୋଚ୍ଚମୁଖ୍ୟ ଜେନେରାଲ ଅମିର ଅବଦୁଲ୍ଲାହ ଖାନ୍ ନିଆଜୀ ୯୩,୦୦୦ ସୈନ୍ୟବାହିନୀ ବଳ ସହ ଭାରତ ଓ ମୁକ୍ତିବାହିନୀ ମିଳିତ ସୈନ୍ୟର ମୁଖ୍ୟ ଜେନେରାଲ ଜଗତ ସିଂହ ଆରୋରା, ଭାରତଙ୍କ ନିକଟରେ ରାମନାରେସ ରେସ୍‌କୋର୍ସ ଠାରେ ଏକ ତରଫା ନିସର୍ତ୍ତ ଆତ୍ମସମର୍ପଣ କଲେ । ଏହି ଯୁଦ୍ଧରେ ପାକିସ୍ତାନ ପକ୍ଷର ୯୭,୩୬୮ ଯୁଦ୍ଧବନ୍ଦୀ ଥିଲେ ଯେଉଁଥିରେ ପଦାତିକ ୫୪,୧୫୪, ନୌସେନା - ୧୩୮୧, ଆକାଶବଳ - ୮୩୩, ସଂଗଠିତ ବଳ - ୨୨,୦୦୦ ଓ ବେସାମରିକ ବ୍ୟକ୍ତିଥିଲେ ୧୨,୦୦୦ । ଭାରତ ଓ ମୁକ୍ତି ବାହିନୀ ତରଫରୁ ଲଢ଼ିଥିବା ସୈନ୍ୟବଳ ଯଥାକ୍ରମେ ୫୦୦,୦୦୦ ଏବଂ ୧୭୫,୦୦୦ । ପାକିସ୍ତାନ ପକ୍ଷରୁ ଥିଲେ ୩୬୫,୦୦୦ । ଭାରତ ମୁକ୍ତିବାହିନୀ ମୃତ ଓ ଆହତ ସଂଖ୍ୟା ଯଥାକ୍ରମେ ୩,୮୪୩ ଏବଂ ୯,୮୫୧ ଥିବା ବେଳେ ପାକିସ୍ତାନ ପକ୍ଷରୁ ଥିଲା ଯଥାକ୍ରମେ ୯,୦୦୦ ଏବଂ ୪,୩୫୦ ।

ଭାରତ ପ୍ରଚେଷ୍ଟାର ପୂର୍ବ ପାକିସ୍ତାନ ପଶ୍ଚିମ ପାକିସ୍ତାନ କବଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ସ୍ୱାଧୀନ ରାଷ୍ଟ୍ର 'ବଙ୍ଗଳାଦେଶ'ରେ ନାମିତ ହେଲା । ଏହାଥିଲା ଉଭୟ ଦେଶପାଇଁ ବିଜୟର ଟୀକା । ଏହାକୁ ସ୍ମରଣ କରି ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଅମର ଯବାନଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ୧୬ ଡିସମ୍ବେରକୁ ଆମେ ବିଜୟ ଦିବସ ରୂପେ ପାଳନ କରୁଛୁ । ଏହି ଦିବସରେ ଆମ ଭାରତର ରକ୍ଷାମନ୍ତ୍ରୀ ଏବଂ ତିନି ସେନାବିଭାଗର ମୁଖ୍ୟମାନେ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ଓ ଜାତୀୟ ସାମରିକ ମେମୋରିଆଲ୍, ବାଙ୍ଗାଲୋର ଠାରେ ସେମାନଙ୍କ ପାଇଁ ସ୍ମୃତି ଅର୍ଘ୍ୟ ଅର୍ପଣ କରିଥା'ନ୍ତି । ଦେଶ ସାରା ନାଗରିକ, ବରିଷ୍ଠ ପଦାଧିକାରୀ, ଛାତ୍ର ସମାଜ ଏବଂ ପୁରୁଖା ସୈନ୍ୟବାହିନୀର




ବ୍ୟକ୍ତିମାନଙ୍କ ଦ୍ୱାରା ଅମର ଶହୀଦମାନଙ୍କୁ ଗୋଲାକାର ଫୁଲତୋଡ଼ା ପ୍ରଦାନ ପୂର୍ବକ ସେମାନଙ୍କ ଶହୀଦ ସ୍ତମ୍ଭଠାରେ ସ୍ମୃତି ଅଞ୍ଜଳି ପ୍ରଦାନ କରିଥାନ୍ତି ।

ଏହିପରି ୨୮ଜୁନ୍ ୧୯୯୯ରେ କାରଗିଲ ଯୁଦ୍ଧରେ ପାକିସ୍ତାନ ବିରୁଦ୍ଧରେ ଆମେ ବିଜୟ ହାସଲ କରିଥିଲୁ । ଏଣୁ ପ୍ରତିବର୍ଷ ୨୮ଜୁନ୍‌କୁ କାରଗିଲ ଦିବସ ରୂପେ ଆମେ ପାଳନ କରୁଛୁ । ଏହା ବି ଆମର ଭିନ୍ନ ଏକ ବିଜୟ ଦିବସ ।


***ବିପିନ ବିହାରୀ ମହାନ୍ତି***
***ମୋ : ୯୯୩୮୩୪୧୩୮***


# ପାକିସ୍ତାନର ପରାଜୟ ବାଂଲାଦେଶର ଜନ୍ମ

**ଡିସେମ୍ବର ୧୬ ବିଶ୍ୱ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଏହି ଦିନରେ ବିଶ୍ୱ ମାନଚିତ୍ର ବଦଳି ଯାଇ ଗୋଟିଏ ନୂତନ ଦେଶର ସୃଷ୍ଟି ହୋଇଥିଲା । ନୂଆ ଦେଶର ନାଁ ଥିଲା ବାଂଲାଦେଶ । ଏହା ଭାରତୀୟ ସେନା ସହାୟତାରେ ପାକିସ୍ତାନ ଠାରୁ ଅଲଗା ହୋଇଥିଲା ।**

୧୩ ଦିନର ନିର୍ଣ୍ଣାୟକ ଯୁଦ୍ଧ, ୯୩ ହଜାର ଯୁଦ୍ଧବନ୍ଦୀ । ବିଜୟର ୪୩ବର୍ଷ ପରେ ବି ଏହି ଦିନର ସ୍ମୃତି ମଳିନ ପଡ଼ିନି । ଏବେ ବି ଚକ୍‌ଚକ୍ କରୁଛି ଭାରତୀୟ ସେନା ଇତିହାସରେ ସେ ଦିନ, ଯୁଦ୍ଧ ସହ ସଂପୃକ୍ତ ସୈନିକମାନଙ୍କ ମନରେ ଏହି ଦିନର ଚିତ୍ର ଫିକା ପଡ଼ିନି । ଯୁଦ୍ଧ ସହ ଭାରତ ସଂପୃକ୍ତ ହୋଇଥିଲା ମାନବିକତା କାରଣରୁ । ପାକିସ୍ତାନୀ ସୈନ୍ୟମାନଙ୍କର ପୂର୍ବ ପାକିସ୍ତାନର ବଙ୍ଗାଳୀମାନଙ୍କ ପ୍ରତି ବର୍ବରୋଚିତ କାର୍ଯ୍ୟ ଭାରତକୁ ପ୍ରେରିତ କରିଥିଲା ପୂର୍ବ ପାକିସ୍ତାନ ବା ପୂର୍ବବଙ୍ଗର ଜାତୀୟତାବାଦୀ ଆନ୍ଦେଳନକୁ ସମର୍ଥନ



କରିବା ପାଇଁ । ଏହି ଯୁଦ୍ଧ ଥିଲା ବଙ୍ଗଳାଦେଶର ମୁକ୍ତି ଯୁଦ୍ଧ, ଭାରତ ପାଇଁ ଏହା ଥିଲା ମାନବିକତାର ଯୁଦ୍ଧ ।

୧୯୭୧ ମସିହାର ବଙ୍ଗଳାଦେଶ ମୁକ୍ତି ସଂଗ୍ରାମ ଭାରତୀୟ ଇତିହାସର ଅନ୍ୟତମ ସ୍ୱର୍ଣ୍ଣିମ ସ୍ମୃତି । ବଙ୍ଗଳାଦେଶର ମୁକ୍ତି ବାହିନୀ ଓ ଭାରତୀୟ ସେନା ମିଳିତ ଭାବରେ ଏ ଯୁଦ୍ଧ ଲଢ଼ିଥିଲେ । ଉଭୟର ଯୋଦ୍ଧାଙ୍କ ସଂଖ୍ୟା ଥିଲା ପ୍ରାୟ ୫ଲକ୍ଷ, ପାକିସ୍ତାନରେ ସୈନ୍ୟଥିଲେ ପ୍ରାୟ ୩ଲକ୍ଷ ୬୫ ହଜାର । ଭାରତ ଏହି ଯୁଦ୍ଧରେ ନିଜର ୪ହଜାର ବୀର ସୈନିକଙ୍କୁ ହରାଇଥିଲା । ପାକିସ୍ତାନର ମୃତ ସୈନିକଙ୍କ ସଂଖ୍ୟା ଥିଲା ୧୦ ହଜାର । ଏଥିରେ ୨୬୯୦୦୦ ବାଂଲାଦେଶୀ ନାଗରିକ ପ୍ରାଣ ହରାଇଥିଲେ । ୧୦ ନିୟୁତରୁ ଅଧିକ ନାଗରିକ ଜୀବନ ବଞ୍ଚାଇବା ପାଇଁ ଭାରତ ପଳାଇ ଆସିଲେ । ପାକିସ୍ତାନୀ ସେନା ଜାତୀୟତାବାଦୀ ଆନ୍ଦୋଳନ ରୋକିବା ପାଇଁ ଛାତ୍ର, ଡାକ୍ତର, ଅଧ୍ୟାପକ, ଲେଖକ, ଇଞ୍ଜିନିୟର ଓ ଅନ୍ୟ ଶିକ୍ଷିତ ବର୍ଗଙ୍କୁ ଖୋଜି ଖୋଜି ହତ୍ୟା କରୁଥିଲେ ।

ମୁକ୍ତି ଯୁଦ୍ଧ ପରେ ତତ୍କାଳୀନ ଭାରତୀୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ବାଂଲାଦେଶ ଗସ୍ତରେ ଯାଇଥିଲେ । ତାଙ୍କ ସମ୍ମାନରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ମୁଜିବୁର୍ ରେହମାନ୍ ଢାକାର ରାମ୍‌ନା ମୈଦାନରେ ଏକ ବିଶାଳ ଜନସମାବେଶ କରାଇଥିଲେ । ବାଂଲାଦେଶର ମୁକ୍ତି ପାଇଁ ଯେଉଁ ଭାରତୀୟ ସୈନିକମାନେ ନିଜର ଜୀବନ ବଳି ଦେଇଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ସେଠାରେ ଏକ ସ୍ମାରକ ନିର୍ମାଣ ନିମନ୍ତେ ମୁଜିବର ଶ୍ରୀମତୀ ଗାନ୍ଧୀଙ୍କଠାରେ ନିଜର ଇଚ୍ଛାବ୍ୟକ୍ତ କରିଥିଲେ । ଶ୍ରୀମତୀ ଗାନ୍ଧୀ ଖୁବ୍ ଚତୁରତାର ସହ ମୁଜିବରଙ୍କୁ ଏଥିପାଇଁ ବାରଣ କରିଥିଲେ । ତାଙ୍କର ଯୁକ୍ତି ଥିଲା ଗୋଟିଏ ଯୁଦ୍ଧ ବିଧ୍ୱସ୍ତ ଦେଶ ନିଜର ସୀମିତ ସମ୍ବଳର ଅପବ୍ୟୟ କରିବା ଉଚିତ୍ ନୁହେଁ । ତେବେ ଏହାର ମୁଖ୍ୟ କାରଣ ଥିଲା ସେ ଚାହୁଁଥିଲେ ୧୯୭୧ ବାଂଲାଦେଶର ମୁକ୍ତି ସଂଗ୍ରାମର ବର୍ଷ


ଢାକାସ୍ଥିତ ୧୯୭୧


ବାଂଲାଦେଶ ମୁକ୍ତି ସଂଗ୍ରାମରେ ଶହୀଦ୍ ହୋଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଖପୁରୀ ସାଇତା ହୋଇ ରହିଛି ଢାକାସ୍ଥିତ ମୁକ୍ତି ଯୋଦ୍ଧା ସଂଗ୍ରହାଳୟରେ ।

ହେଉ, ଭାରତ-ପାକ୍ ସଂଘର୍ଷ ନୁହେଁ । ସବୁ ଯୁଦ୍ଧ ପରି ଭାରତୀୟ ସୈନ୍ୟମାନେ ସାହସ, ବୀରତ୍ୱ, ବୁଦ୍ଧିମତ୍ତା, ନେତୃତ୍ୱ, କୌଶଳ ଦେଖାଇଥିଲେ ଏଥିରେ । ଭାରତର କୁଶଳୀ ସେନା ନାୟକମାନେ ଖୁବ୍ ନିଖୁଣ ଭାବରେ ଯୁଦ୍ଧର ଯୋଜନା କରିଥିଲେ । କ୍ୟାପ୍‌ଟେନ୍ ମୁଲ୍ଲାଙ୍କ ପରି ବୀରମାନେ ନିଜର କର୍ତ୍ତବ୍ୟନିଷ୍ଠାର ପରାକାଷ୍ଠା ଦେଖାଇଥିଲେ । ପୂର୍ବ ପାକିସ୍ତାନର କ୍ରୂର ଶାସକମାନଙ୍କ ଠାରୁ ନିଜର ମୁକ୍ତି ପାଇଁ ବାଂଲାଦେଶର ଯୁବ ଛାତ୍ରଙ୍କ ଠାରୁ ଆରମ୍ଭ କରି କୃଷକ, ଡାକ୍ତର, ଇଞ୍ଜିନିୟର ଓ ପାକିସ୍ତାନର ପୂର୍ବତନ ସୈନିକମାନେ ଭାରତୀୟ


ଟ୍ୟାଙ୍କ ଉପରେ ଭାରତୀୟ ସେନା

ସୈନ୍ୟମାନଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ଲଢ଼ିଥିଲେ ।

ଭାରତ ପାକିସ୍ତାନ ସହ କେବେ ବି ସମ୍ପର୍କ ଖରାପ କରିବାକୁ ଚାହୁଁନଥିଲା । ମାତ୍ର ଶ୍ରୀମତୀ ଗାନ୍ଧୀଙ୍କର କୋଲକାତାରେ ଥିବା ବାଂଲାଦେଶୀ ଶରଣାର୍ଥୀ ଶିବିର ପରିଦର୍ଶନ ହିଁ ସବୁକିଛି ବଦଳାଇ ଦେଲା । ସେଠାରେ ଶରଣାର୍ଥୀ ମାନଙ୍କର ଶାରୀରିକ ଓ ମାନସିକ ଅବସ୍ଥା ଶ୍ରୀମତୀ ଗାନ୍ଧୀଙ୍କର ମନକୁ ଦୋହଲାଇ ଦେଇଥିଲା ।

ବାଂଲାଦେଶ ମୁକ୍ତି ସଂଗ୍ରାମ ଭାରତୀୟ ସେନା ପାଇଁ ଏକ ଯୁଦ୍ଧ ଥିଲା, ମାତ୍ର ଏହି ଯୁଦ୍ଧକୁ ପ୍ରତି ବାଂଲାଦେଶୀ ଲଢ଼ିଥିଲେ । ସେମାନଙ୍କର ଏହି ଭାବନାକୁ ଭାରତୀୟ ରାଜନୀତିଜ୍ଞଙ୍କ ଠାରୁ ଆରମ୍ଭ କରି ଭାରତର ସେନା ଅଧିକାରୀମାନେ ବୁଝିପାରିଥିଲେ । ତେଣୁ ଏହି ଯୁଦ୍ଧର ଅନ୍ୟତମ ବିଶିଷ୍ଟ ସେନା ଅଧିକାରୀ ଲେଫ୍‌ଟନାଣ୍ଟ ଜେନେରାଲ୍ ଜେ.ଏଫ୍.ଆର୍ ଜାକୋବ୍ କୁହନ୍ତି, ମୁକ୍ତିବାହିନୀର ଯୋଗଦାନ ଖୁବ୍ ଉଲ୍ଲେଖନୀୟ । ସେମାନଙ୍କ ଅବଦାନକୁ ଅଣଦେଖା କରାଯାଇ ପାରିବ ନାହିଁ । ସବୁଠାରୁ ବଡ଼ କଥା ଯୁଦ୍ଧରେ ବିଜୟ ପରେ ତୁରନ୍ତ ଭାରତୀୟ ସେନା ବାଂଲାଦେଶ ଛାଡ଼ି ଦେଇଥିଲେ ।

ଜାତିସଂଘ ଉପସ୍ଥିତିରେ ଢାକାରେ ଜେନେରାଲ୍ ନିୟାଜି ଡିସେମ୍ବର ୧୬ ତାରିଖରେ ସମର୍ପଣ କରିବା ପରେ ବିଦେଶ ମନ୍ତ୍ରୀ ସର୍ଦ୍ଦାର ସ୍ୱରଣ ସିଂହ ତୁରନ୍ତ ବାଂଲାଦେଶରେ ଥିବା ଭାରତୀୟ ଅଧିକାରୀମାନଙ୍କୁ ଡକାଇଥିଲେ । ସର୍ଦ୍ଦାର ସିଂହ କହିଥିଲେ, କୌଣସି ଭାରତୀୟ ଅଧିକାରୀ ୪୮ ଘଣ୍ଟା ଭିତରେ ବାର୍‌କୁ ଯିବେ ନାହିଁ କିମ୍ବା ଏହି ଯୁଦ୍ଧର ବିଜୟ ସମ୍ପର୍କରେ କାହା ସହ ଆଲୋଚନା କରିବେ ନାହିଁ । ଏହାକୁ ଅନ୍ୟ ଯୁଦ୍ଧ ପରି ଖୁବ୍ ସାଧାରଣ ଭାବରେ ନେବାକୁ ସେ ମତ ଦେଇଥିଲେ । ୧୯୭୧ ଯୁଦ୍ଧ ସମୟରେ କେନ୍ଦ୍ରମନ୍ତ୍ରୀ ଥିବା କାଶ୍ମୀରର ପୂର୍ବ ମହାରାଜା କରଣ ସିଂହ କୁହନ୍ତି, ବାଂଲାଦେଶ ଯୁଦ୍ଧରେ ଶ୍ରୀମତୀ ଗାନ୍ଧୀଙ୍କ ଭୂମିକା ଖୁବ୍ ମାର୍ଜିତ ଏବଂ ସମ୍ବେଦନଶୀଳ ଥିଲା । ଶେଷ ପର୍ଯ୍ୟନ୍ତ ସେ ଯୁଦ୍ଧ ଅପେକ୍ଷା କୂଟନୀତିକୁ ଗୁରୁତ୍ୱ ଦେଇଥିଲେ । ସେ ଏହି ପରିସ୍ଥିତିକୁ ବୁଝାଇବା ପାଇଁ ନିଜ କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ବିଶ୍ୱର ଅନେକ ଦେଶକୁ ପଠାଇଥିଲେ । ମତେ ସେ ଯୁଗୋସ୍ଲୋଭିଆ, ବୁଲ୍‌ଗେରିଆ, ଜର୍ମାନୀ ଓ ଇରାନ୍‌ର ଦାୟୀତ୍ୱ ଦେଇଥିଲେ । ମୁଖ୍ୟ ସମସ୍ୟା ଥିଲା ପାକିସ୍ତାନର ପ୍ରଧାନମନ୍ତ୍ରୀତ୍ୱକୁ ନେଇ ନିର୍ବାଚନ ଜିତିଥିବାରୁ ଶେଖ୍ ମୁଜିବୁର ରେହମନ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ଦାୟୀତ୍ୱ ବହନ କରିଥାନ୍ତେ । ମାତ୍ର ପୂର୍ବ


ଇନ୍ଦିରାଙ୍କ ସହ

ପାକିସ୍ତାନର ଏକଛତ୍ରବାଦୀ ନେତାମାନେ ଏହା କରାଇ ନଦେଇ ପଶ୍ଚିମ ପାକିସ୍ତାନ ବା ପୂର୍ବ ବଙ୍ଗର ଅଧିବାସୀଙ୍କୁ ଦମନ କରିବାକୁ ଚେଷ୍ଟା କରିଥିଲେ । ଫଳରେ ଇନ୍ଦିରା ଗାନ୍ଧୀ ଶେଷ ରାସ୍ତା ଭାବରେ ଯୁଦ୍ଧକୁ ଆପଣେଇଥିଲେ । ଡିସେମ୍ବର ୧୬ତାରିଖରେ ଲୋକସଭା ଚାଲିଥିବା ବେଳେ ଶ୍ରୀମତୀ ଗାନ୍ଧି ଉଠିପଡ଼ି ଢାକା ବିଜୟ ଘୋଷଣା କରିଥିଲେ । ସଂସଦ ଭବନ ଖୁସିରେ ଫାଟି ପଡ଼ିଲା ।

ପାକିସ୍ତାନର ଜେନେରାଲ୍ ନିୟାଜୀ ଭାରତୀୟ ସେନା ଠାରେ ଆତ୍ମସମର୍ପଣ କରିବା ବେଳେ ମଧ ଲେଫ୍‌ଟନାଣ୍ଟ ଜେନେରାଲ୍ ଜାକୋବ୍ ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନରେ ଅବହେଳା କରିନଥିଲେ ।

ଏହି ଯୁଦ୍ଧରେ ବଡ଼ ସେନା ନାୟକଙ୍କୁ ତ ସମସ୍ତେ ମନେ ରଖିଛନ୍ତି, ହେଲେ ଏମିତି ଅନେକ ବୀର ଅଛନ୍ତି ଯେଉଁମାନେ ଅଜଣା ରହିଯାଇଛନ୍ତି ଏମାନଙ୍କ ମଧ୍ୟରେ ପରମବୀର ଚକ୍ର ବିଜେତା ଆଲବର୍ଟ ଏକ୍କା ଅଛନ୍ତି ଯେ କି ମୃତ୍ୟୁ ସୁନିଶ୍ଚିତ ଜାଣି ବି ପଛେଇ ନାହାନ୍ତି । ଉଟେୟା ନାମକ ଜଣେ ଜେସିଓ ଭୀଷଣ ଭାବରେ ଆହତପ୍ରାପ୍ତ ହେବା ସତ୍ତ୍ୱେ ଅସ୍ତ୍ରଶସ୍ତ୍ର ନେବା ଆଣିବା କରିଥିଲେ । ଧୋଲାଇରେ ବୀରତ୍ୱର ସହ ଯୁଦ୍ଧ କରି ୧୭ବର୍ଷର ସୈନିକ ହମିଦୁର୍ ପ୍ରାଣ ହରାଇଥିଲେ । ସେମିତି ଅନେକ ଅଜଣା ଘରୋଇ ମହିଳା ବଂଲାଦେଶୀ ଶରଣାର୍ଥୀ ଓ ସୈନିକମାନଙ୍କ ପାଇଁ ରୋଷେଇ କରିଥିଲେ । ଖୁବ୍ ସାଧାରଣ ଲୋକଙ୍କର ଅସାଧାରଣ ସହଯୋଗ ଏହି ଯୁଦ୍ଧର ସ୍ମୃତିକୁ ଅଧିକ ସତେଜ କରିଦେଇଛି ।

ଭାରତୀୟ ଫିଲ୍ମ ଉଦ୍ୟୋଗ ମଧ ଏହି ଯୁଦ୍ଧରେ ନିଜର ସହଯୋଗ ଦେଇଥିଲା । ଅଭିନେତ୍ରୀ ୱାହିଦା ରେହମନ୍ ଶରଣାର୍ଥୀମାନଙ୍କ ପାଇଁ ଚାନ୍ଦା ଯୋଗାଡ଼ କରୁଥିଲେ । ବିଟିଲ୍ସ ଗ୍ରୁପ୍‌ର ସଙ୍ଗୀତକାର ଜର୍ଜ ହାରିସନ୍ ପଣ୍ଡିତ ରବିଶଙ୍କର 'ଜୟ ବାଂଲା' ଗୀତର ସ୍ୱର ଦେଇଥିଲେ ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୬ ଡିସେମ୍ବର ୨୦୨୫ । ମଙ୍ଗଳବାର

## ପ୍ରେମିକାଙ୍କୁ ପିଟିପିଟି ହତ୍ୟା ଏମ୍ସରେ ପ୍ରେମିକର ମୃତ୍ୟୁ

**ନୟାଗଡ: ଏକ୍ସପ୍ରେସ ନ୍ୟୁଜ୍**

ନାବାଳିକା ପ୍ରେମିକାକୁ ପିଟି ହତ୍ୟା କରି ବିଷ ପିଇଲା ପ୍ରେମିକ ଘଟଣାରେ ପ୍ରେମିକର ମୃତ୍ୟୁ । ନାବାଳିକାର ମୃତ୍ୟୁ ଘଟି ସାରିଥିବା ବେଳେ ପ୍ରେମିକ ପୂର୍ଣ୍ଣ ନାୟକର ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ଘଟିଛି । ପୂର୍ବରୁ ନୟାଗଡ ମେଡିକାଲରେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା । ଏମିତି ଚାଞ୍ଚଲ୍ୟକର ଏବଂ ଅଭାବନୀ ଘଟଣା ନୟାଗଡ଼ ଶରଣକୂଳ ଥାନା ମଗରବନ୍ଧ ଗାଁରେ ଘଟିଛି ।

ସୂଚନା ଅନୁଯାୟୀ, ମଗରବନ୍ଧ ଗାଁର ପୂର୍ଣ୍ଣ ଗତ ୨ ବର୍ଷ ହେଲା ନିଜ ଗାଁର ଜଣେ ନାବାଳିକାକୁ ଏକତରଫା ପ୍ରେମ କରୁଥିଲା । ଏନେଇ ନାବାଳିକାର ପରିବାର ଲୋକେ ପୂର୍ଣ୍ଣର ବାପାମାଆଙ୍କୁ ଜଣାଇଥିଲେ ମଧ୍ୟ ପରିବାର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା । ଏପରିକି ନାବାଳିକା ଜଣକ ସ୍କୁଲ୍ ଏବଂ ଟ୍ୟୁସନ୍ ଯିବା ସମୟରେ ପୂର୍ଣ୍ଣ ବାରମ୍ବାର ତାକୁ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା ।

ତେବେ ସୋମବାର ନାବାଳିକା ଜଣକ ଟ୍ୟୁସନ ଯାଉଥିବା ସମୟରେ ବିନାୟକପୁର ଶିବ ମନ୍ଦିର ନିକଟରେ ପୂର୍ଣ୍ଣ ନାବାଳିକାର ମୁଣ୍ଡକୁ ଏକ ପାଇପରେ ପିଟିଦେଇଥିଲା । ଏହାପରେ ତାଙ୍କୁ ଜବରଦସ୍ତି ତାକୁ ବିଷ ପିଆଇ ଦେଇଥିଲେ । ପରେ ପୂର୍ଣ୍ଣ ନିଜେ ମଧ୍ୟ ବିଷ ପିଇଦେଇଥିଲା । ସ୍ଥାନୀୟ ଯୁବକମାନେ ଉଭୟଙ୍କୁ ନୟାଗଡ ମେଡିକାଲ ନେଇଥିଲେ । ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ଜଣାପଡିବା ପରେ ନୟାଗଡ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା । ପୂର୍ଣ୍ଣକୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣର ମୃତ୍ୟୁ ଘଟିଛି ।

## ଜିଲ୍ଲାପାଳଙ୍କ ଦ୍ୱାରା ଡେଷ୍ଟିନ କାଫେ

**କେନ୍ଦ୍ରାପଡ଼ା, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ହଳଦିଡିହ ପେଟ୍ରୋଲପମ୍ପର ଅପରପାର୍ଶ୍ୱରେ ନବନିର୍ମିତ ଡେଷ୍ଟିନ୍ କାଫେ ଓ ରେଷ୍ଟୁରାଣ୍ଟକୁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର.ଆୟାର ରବିବାର ପୂର୍ବାହ୍ନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟାର ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ଡେଷ୍ଟିନ୍‌ର ମାଲିକଙ୍କୁ ପରାମର୍ଶ ଦେଇଥିଲେ । ଡେଷ୍ଟିନ୍ କାଫେ ଓ ରେଷ୍ଟୁରାଣ୍ଟର ମାଲିକ ସୌମ୍ୟରଞ୍ଜନ ଦାସ କହିଛନ୍ତି ଯେ ଏଠାରେ ଗ୍ରାହକମାନେ ଉତ୍ତମ ଗୁଣବତ୍ତା ଯୁକ୍ତ ହାଇଜେନିକ ସୁସ୍ୱାଦ ଖାଦ୍ୟ ପାଇବା ସହ କେନ୍ଦ୍ରାପଡା ଜିଲ୍ଲାରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ଯଥା ଭିତରକନିକା ଅଭୟାରଣ୍ୟ, ଡାଙ୍ଗମାଳ, ହୁକିଟୋଲା, ଲାଇଟ ହାଉସ, ଶ୍ରୀବଳଦେବଜୀଉଙ୍କ ଚିତ୍ରପଟ ମଧ୍ୟ ଦେଖିବାକୁ ପାଇପାରିବେ । ଏହି କାଫେକୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ନିର୍ମାଣ କରାଯାଇଛି । ଏହି କାଫେରେ ଅତ୍ୟନ୍ତ ପ୍ରଫେସନାଲ କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି । ଯାହାଫଳରେ ସେମାନେ ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେଇପାରିବେ ବୋଲି ଶ୍ରୀ ଦାସ କହିଛନ୍ତି ।

## ବିଦ୍ୟାଳୟ ସମୂହ ବିଚ ଭଲିବଲ

**ରାଜନଗର, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ପେଣ୍ଠ ବେଳାଭୂମି ଠାରେ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବିଚ ଭଲିବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବକୁ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟାର ଯୋଗଦେଇ ଉଦ୍ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜନଗର ବନଖଣ୍ଡ ଅଧିକାରୀ ଭାରଦରାଜ ଗାଓଁକର, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବିଡ଼ିଓ ତିଳତ୍ତମା ପୃଷ୍ଟି, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶାର ସପନ କୁମାର ଜେନା, ସହକାରୀ ନିର୍ଦ୍ଦେଶକ, ଶାରରୀକ ଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଜ୍ୟୋତି ପ୍ରସାଦ ପରିଡ଼ା, ଜିଲ୍ଲା ପିଏଚ ଓ ସଚ୍ଚିଦାନନ୍ଦ ମିଶ୍ର, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠି ପ୍ରମୁଖ ଯୋଗଦେଇ ଏହି କ୍ରୀଡା ମହୋତ୍ସବକୁ ଉଦଘାଟନ କରିଥିଲେ । ପ୍ରଥମଥର ପାଇଁ ପେଣ୍ଠ ବେଳାଭୂମିରେ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ୧୭ ବର୍ଷରୁ କମ ବୟସର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ୨୪ଟି ଜିଲ୍ଲାରୁ ମୋଟ୍ ୧୭୬ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ପ୍ରତ୍ୟେକ ଜିଲ୍ଲାର ୬ ଜଣ ଲେଖାଏଁ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ୨୪ଟି ଜିଲ୍ଲାରୁ ପୁଅ ଓ ୧୫ ଜିଲ୍ଲାରୁ ଝିଅମାନଙ୍କୁ ଚୟନ କରାଯାଇଥିବା ଜଣାପଡିଛି । ଶିକ୍ଷାଦାନ ସହିତ କ୍ରୀଡା ଅଙ୍ଗାଙ୍ଗୀ ଭାବେ ଜଡିତ ଓ ଏହା ପୂର୍ଣ୍ଣାଙ୍ଗ ବିକାଶରେ ସାମିଲ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପଣ୍ଡିତ ବରଦାକାନ୍ତ ଜେନା, ଅର୍ଣ୍ଣପୂର୍ଣ୍ଣା ଚୁଳି ମଞ୍ଚ ପରିଚାଳନା କରିଥିଲେ । ସମୀରଣ ମଣ୍ଡଳ ଓ ସୁଲତା ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲା ଶାରିରିକ ଶିକ୍ଷା ପ୍ରମୁଖ ସ୍ମିତା ପ୍ରତିଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କୃଷ୍ଣନଗର ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ, ବାସୁଦେବ ଉଚ୍ଚ ବିଦ୍ୟାଳୟ କଣ୍ଡିରା, ବାପୁଜୀ ବିଦ୍ୟାଶ୍ରମ ବଳଭଦ୍ରପୁର ଓ ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟ ଡାମରପୁର ଓ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ । ଏହି କ୍ରୀଡାକୁ ଡିପିଇଓ ଅଜୟ ପ୍ରଧାନ, ରାମକୃଷ୍ଣ ବେହେରା, ଚନ୍ଦ୍ରକାନ୍ତ ଘଡାଇ, ଭାଗିରଥି ମଲ୍ଲିକ, ସବିତା ନାୟକ, ବ୍ଲକ କ୍ରୀଡା ସଂପାଦକ ରଂଜନ ରାଉଳ, ନୋଡାଲ ପ୍ରଧାନ ଶିକ୍ଷକ ସୁଭ୍ରଜକୁମାର ବରାଳ ଓ ନୋଡାଲ ସିଆରସିସି ଚନ୍ଦ୍ରକାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ସାଇ କିଡ୍ସ ପ୍ଲେ ସ୍କୁଲ ଓ ଡେ କେୟାର ବାର୍ଷିକୋତ୍ସବ



**ଭୁବନେଶ୍ୱର, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱରସ୍ଥିତ ରବି ଟକିଜ ସ୍ଥିତ ସାଇ କିଡ୍ସ ପ୍ଲେ ସ୍କୁଲ ଓ ଡେ କେୟାର ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ ୨୦୨୫ ଭଞ୍ଜକଳା ମଣ୍ଡପରେ ଆନନ୍ଦ ଘନ ମାହୋଲରେ ପାଳିତ ହୋଇଛି । ଶିଶୁମାନଙ୍କ ପ୍ରତିଭା ପ୍ରଦର୍ଶନ ଓ ଶିକ୍ଷା ସଂସ୍କୃତିର ସୁନ୍ଦର ସମନ୍ୱୟ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା । ବାର୍ଷିକ ଉତ୍ସବର ବିଶେଷ ଆକର୍ଷଣ ଥିଲା 'ସାଇ ସ୍ମୃତି ସମ୍ମାନ-୨୦୨୫', ଯେଉଁଠାରେ ବିଭିନ୍ନ କ୍ଷେତ୍ରରେ ଦକ୍ଷ ଓ ପ୍ରତିଭା ଶାଳୀଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଉଦଘାଟକ ଭାବେ ଓଡ଼ିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଅତିଥି ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟକ ବାବୁ ସିଂ, ମୁଖ୍ୟବକ୍ତା ଭାବେ ମେୟର ସୁଲୋଚନା ଦାସ ଓ ଓଡିଶା ଗୋସେବାର ଅଧ୍ୟକ୍ଷ ପ୍ରଦୀପ୍ତ ତ୍ରିପାଠୀ, ସ୍ଥାନୀୟ କର୍ପୋରେଟର ନୃପେଶ ନାୟକ ଓ ବିରଞ୍ଚି ନାରାୟଣ ମହାସୁପକର ସହିତେ ଅନେକ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଶୋଭାୟମାନ କରିଥିଲେ । କାର୍ଯ୍ୟକ୍ରମର ଅଂଶ ଭାବେ ଆୟୋଜିତ ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନୀ, ନୃତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତା ଶିଶୁମାନଙ୍କ ସୃଜନ ଶୀଳତାକୁ କେନ୍ଦ୍ରସ୍ଥାନ ଦେଇଥିଲା । ସ୍କୁଲର ନିର୍ଦ୍ଦେଶକ ରବି ନାରାୟଣ ମହାରଣା ସମସ୍ତଙ୍କୁ କୃତଜ୍ଞତା ଜଣାଇ ମତ ପ୍ରଦାନ କରିଥିଲେ ଯେ ପିଲାମାନଙ୍କ ମାନସିକ, ବୌଦ୍ଧିକ ଓ ଅନ୍ତର୍ନିହିତ ପ୍ରତିଭା ବିକଶିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଏହି ଉତ୍ସବକୁ ପରିଚାଳନା କରିଥିଲେ ସ୍କୁଲର ଅଧ୍ୟକ୍ଷ ସ୍ମୃତିସୁଧା ପଟ୍ଟନାୟକ, ଶିକ୍ଷୟିତ୍ରୀ ଅଞ୍ଜଳି ଦାସ, ଦିପ୍ତିଶିଖା ମହାନ୍ତି, ଲାଡଲି ପଣ୍ଡା, ରଶ୍ମିତା ସେନାପତି, ଜ୍ୟୋସ୍ନା ଆଚାର୍ଯ୍ୟ, ସୋମ ଗୋସ୍ୱାମୀ, ଶିକ୍ଷୟିତ୍ରୀ ମଧୁସ୍ମିତା ମହାକୁଡ ସ୍ୱାଗତ ଭାଷଣ ପ୍ରତିପାଦନ କରିଥିଲେ ଏବଂ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ ସର୍ବଶେଷରେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରି ଉତ୍ସବର ଶୁଭ ସମାପନ କରିଥିଲେ ।

## ଧାନ ଶୀଘ୍ର ନକିଣିଲେ ଆନ୍ଦୋଳନ



**ବଲାଙ୍ଗୀର, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଅନ୍ନଦାତା ମହା ସଙ୍କଟରେ । ଯିଏ ସାରା ବିଶ୍ୱକୁ ଆହାର ଯୋଗାଏ ସିଏ ଆଜି ଚିନ୍ତାରେ । ନିଜର ଚାଷ ଜମିରେ କିମ୍ବା ଚାଷୀମାନେ ଭାଗ ଚାଷୀ ହିସାବରେ ଧାର କରଜ କରି ବହୁତ ପରିଶ୍ରମ କରି ମୁଣ୍ଡ ଝାଳ ତୁଣ୍ଡେ ମାରି ଖରା ବର୍ଷାରେ ଚାଷ କରିଥାନ୍ତି । ଚାଷୀ ଜାଣେ ଚାଷର ଦୁଃଖ । କେତେବେଳେ ପ୍ରକୃତି ଚାଷୀକୁ କେତେ କଷ୍ଟ ଦେଇଥାଏ, କେତେବେଳେ ରୋଗ ପୋକ ତ କେତେବେଳେ ଅଦିନିଆ ବର୍ଷା, କେତେବେଳେ ଲଗାଣ ବର୍ଷା, କେତେବେଳେ ଅମଳ ସମୟରେ ଫସଲ ନଷ୍ଟ ହେବାର ବର୍ଷା ସବୁକୁ ସାହିଯାଏ ଚାଷୀ । ଚାଷ କାର୍ଯ୍ୟ ସରି ଅମଳ ହୋଇ ଅମଳ ଧାନ ଘରେ ରଖା ହୋଇଛି । ଚାଷୀ ଭାବିଛି ଅମଳ ଧାନ କିଛି ବିକ୍ରୟ କରି ଧାର କରଜ ପରିଶୋଧ କରିବା ପାଇଁ କିନ୍ତୁ ଚାଷୀର ଦୁଃଖ କେବେ ସରେ ନାହିଁ । ବିଗତ ଦିନରେ ଚାଷୀକୁ ପ୍ରକୃତି ଦୁଃଖ ଦେଇଥିବାବେଳେ ଏବେ ରାଜ୍ୟ ସରକାର ଦୁଃଖ ଦେଉଛି । ଚାଷୀ ଧାନ ବିକିବା ପାଇଁ କାହିଁ କେତେ ଦିନରୁ ପଞ୍ଜିକରଣ କରି ସାରିଛି ହେଲେ ଧାନ ବିକ୍ରି ପାଇଁ ଟୋକନ ମେସେଜ ଅପେକ୍ଷାରେ ଚାଷୀ । ଟୋକନ ଆଜି ଆସିବ କାଲି ଆସିବ କୁହାଯାଉଛି କିନ୍ତୁ ଡିସେମ୍ବର ମାସ ସରିବାକୁ ଆଉ କିଛି ଦିନ ବାକି, ପୌଷପୁନି ମଧ୍ୟ ଆସିଯିବ କିନ୍ତୁ ଚାଷୀ ତା'ର କଷ୍ଟଉପାର୍ଜିତ ଧାନ ବିକି ପାରିନାହିଁ । ଏଭଳି ହେବା ଦ୍ୱାରା ଚାଷୀ ସରକାର ପାଖରେ ନ ବିକି ବାଧ୍ୟ ହୋଇ ବେପାରୀ ପାଖରେ କମ ଦରରେ ବିକି ଦେବ । ଚାଷୀ ସମସ୍ୟାକୁ ସମାଧାନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ବିଫଳ । ଡବଲ ଇଞ୍ଜିନ ସରକାରରେ ଚାଷୀ ଡବଲରୁ ଟ୍ରିପଲ ହଇରାଣ ହେଉଛି । ଚାଷୀର ସମସ୍ୟା ସମାଧାନ ପାଇଁ ବିଭିନ୍ନ ରାଜନୈତିକ ଦଳର କୃଷକ ମୋର୍ଚ୍ଚାମାନେ ମଧ୍ୟ ନିଦବିକ୍ଷୁ ସାଜିଛନ୍ତି । ରାଜ୍ୟ ସରକାର ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ବଢେଇ ବାହାବା ନେଉଥିବାବେଳେ ଏବେ ଚାଷୀର ଅମଳ ଧାନ କ୍ରୟ କରିବା ପାଇଁ ଅକଳଗୁଡ଼ୁମ ହେଇ ଯାଉଛି । ପ୍ରଥମେ ଅନେକ ଦିଗରୁ ଚାଷୀକାର୍ଡ କାଟିବା ପାଇଁ ଯୋଜନା କରାଗଲା ଏବେ ଘୋଷଣା କରିଛନ୍ତି ଯେଉଁ ରାସନକାର୍ଡଧାରୀ ଚାଷୀ ପରିବାରର ଅଢେଇ ଏକର ଜମି ଥିବ କିମ୍ବା ୩୦ କ୍ୱିଣ୍ଟାଲ ଧାନ ଅମଳ କରୁଥିବ ସେହି ଚାଷୀର ରାସନ କାର୍ଡ କାଟିଦେବେ ରାଜ୍ୟ ସରକାର । ଚାଷୀର ସମସ୍ୟା ସମାଧାନ କରିବା ପାଇଁ, ଗରିବର ସମସ୍ୟା ସମାଧାନ କରିବା ପାଇଁ, ବେକାରୀ ସମସ୍ୟା ସମାଧାନ କରିବା ପାଇଁ, ବୃଦ୍ଧ ବୃଦ୍ଧାଙ୍କ ଭତ୍ତା ସମସ୍ୟା ସମାଧାନ କରିବା ପାଇଁ, ଦାଦନ ସମସ୍ୟା ସମାଧାନ କରିବା ପାଇଁ ରାଜ୍ୟ ରାଜକୋଷରେ ଯଦି ଟଙ୍କାର ଅଭାବ ରହିଛି କିନ୍ତୁ ବିଧାୟକମାନେ ନିଜ ଦରମା ବଢେଇବା ପାଇଁ କେଉଁ ରାଜକୋଷରୁ ଭରଣା ହେବ । ଚାଷୀ ସମସ୍ୟା ସମାଧାନ ସହ ଚାଷୀର ଧାନ କ୍ରୟ କରିବା ଏବଂ ରାସନକାର୍ଡଧାରୀମାନଙ୍କ ରାସନ କାର୍ଡ କାଟିବା ନିର୍ଦ୍ଦେଶାବଳୀକୁ ପ୍ରତ୍ୟାହାର କରିବା ପାଇଁ ସୋମବାର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଉପଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳ ବଲାଙ୍ଗୀରଙ୍କ ଉଦ୍ଦେଶ୍ୟରେ ସହାୟକ ଜିଲ୍ଲାପାଳ ହେତୁରାମ ବିଭାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ଦେବା ସମୟରେ ସେଠାରେ ଅନ୍ୟମାନଙ୍କ ମଧ୍ୟରେ ଗୌରୀ ଶଙ୍କର ବରିହା, ମଦନ ମାଝୀ, ଯୁଧିଷ୍ଠିର ମିର୍ଦ୍ଧା, ଶେଷଦେବ ବେହେରା, ଟିକେଶ୍ୱର କୁମୁରା ଉପସ୍ଥିତ ଥିଲେ ।

## ନିଆଁରେ ପୋଡି ବୃଦ୍ଧା ଗୁରୁତର

**କଲ୍ୟାଣସିଂହପୁର, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର କତାଗୁଡା ଗ୍ରାମରେ ଜଣେ ବୃଦ୍ଧା ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ମାଙ୍ଗତେନ ଗରଡ଼ିଆ (୭୦) । ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁସାରେ, ଶୀତରୁ ରକ୍ଷା ପାଇବା ପାଇଁ ମାଙ୍ଗତେଇ ଖଟ ତଳେ ଏକ ପାତ୍ରରେ ନିଆଁ ରଖି ରାତିରେ ଶୋଇଥିଲେ । ମାତ୍ର ରାତିରେ ଖଟରେ ନିଆଁ ଲାଗିଯାଇଥିଲା । ଯାହାଫଳରେ ସେ ନିଆଁରେ ପୋଡ଼ି ଗୁରୁତର ହୋଇପଡ଼ିଥିଲେ । ତାଙ୍କ ପାଟି ଶୁଣି ସାହିପଡ଼ିଶା ଲୋକେ ଉଠିଆସିଥିଲେ । ସେମାନେ ନିଆଁକୁ ଲିଭାଇ ମାଙ୍ଗତେନଙ୍କୁ ଉଦ୍ଧାର କରିଥିଲେ । ଲୋକେ ଆମ୍ବୁଲାନ୍ସକୁ ଫୋନ କରି ସହାୟତା ମାଗିଥିଲେ । ମାତ୍ର ଆମ୍ବୁଲାନ୍ସ ଉପଲବ୍ଧ ନ ଥିବାରୁ ଅଗ୍ନିଶମ ବାହିନୀକୁ ଫୋନ କରିଥିଲେ । ଅଗ୍ନିଶମ ବିଭାଗ ଗାଡି କତାଗୁଡା ଗ୍ରାମରେ ପହଞ୍ଚି ଆହତ ବୃଦ୍ଧାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା ।

## ପୁରାତନ ଛାତ୍ର ସଂସଦ ବୈଠକରେ ଉଦ୍‌ବେଗ

### ଜମି ଜବରଦଖଲ ଘଟଣା

**କେନ୍ଦ୍ରାପଡ଼ା, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଏକ ବୈଠକ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ଅଧକ୍ଷତାରେ ମହାବିଦ୍ୟାଳୟ ମିନି କନଫରେନ୍ସ ହଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କାର୍ଯ୍ୟକାରୀ ସଭାପତି ତଥା ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଶାନ୍ତନୁ କୁମାର ଜେନା ଉପସ୍ଥିତ ଥିଲେ । ସଂସଦର ସମ୍ପାଦକ ଡ. ପ୍ରମୋଦ କୁମାର ଦାସ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । କଲେଜ ସଂଲଗ୍ନ ତଥା କଲେଜ ପରିସରରେ ଥିବା ଭିନ୍ନ ଭିନ୍ନ ବ୍ୟକ୍ତି ତଥା ସରକାରୀ ସଂସ୍ଥା ଦ୍ୱାରା ବ୍ୟବହାର ହେଉଥିବାରୁ କଲେଜର ଶୈକ୍ଷିକ କାର୍ଯ୍ୟକଳାପ ବ୍ୟାହତ ହେଉଥିବା ମତ ପ୍ରକାଶ ପାଇଥିଲା । କଲେଜ ନାମରେ ନିକଟ ଅତୀତରେ ରେକର୍ଡଭୁକ୍ତ ହୋଇଥିବା ସାଢେ ୭ଏକର ଜମିକୁ ଚିହ୍ନଟ କରିବା ପାଇଁ କଲେଜ ପକ୍ଷରୁ କରାଯାଇଥିବା ଆବେଦନ ଉପରେ ଯଥାଶୀଘ୍ର ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିବେଦନ କରାଯାଇଥିଲା । ଏତଦବ୍ୟତିତ ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୈକ୍ଷିକ ବିକାଶ କରିବା ପାଇଁ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ବକ୍ତୃତାମାଳା ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏଥିନିମିତ୍ତ ଏକ ଏଗାର ଜଣିଆ ପୁରାତନ ଛାତ୍ର ସଂଯୋଗ କମିଟି ଗଠନ କରାଯାଇ କଲେଜ ସହ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ବନ୍ଦ ହୋଇଯାଇଥିବା ବିଏଡ୍ କଲେଜର ସମ୍ପତ୍ତିକୁ ତା'ର ବାଇ-ଲ ଅନୁଯାୟୀ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ହସ୍ତାନ୍ତର କରିବା ପାଇଁ ସହମତି ପ୍ରକାଶ ପାଇଥିଲା । ଏଦିଗରେ ସ୍ଥାନୀୟ ପ୍ରଶାସନ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ପ୍ରାକ୍ତନ ଅଧାପକ ଓ କର୍ମଚାରୀମାନଙ୍କୁ ନେଇ ଭବିଷ୍ୟତରେ ଏକ ମିଳିତ ବୈଠକ କରାଯିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଶେଷରେ ଅଧାପିକା ଡ. ଦିପ୍ତୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ନନ୍ଦ କିଶୋର ପରିଡା, ଅଜୟ ସାମଲ, ଡ. ଅମୀୟ କୁମାର ମହାନ୍ତି, ଚିତ୍ତରଞ୍ଜନ ଦାସ, ବିଶ୍ୱନାଥ ଆଚାର୍ଯ୍ୟ, ଡ. ତ୍ରୈଲୋକ୍ୟନାଥ ସାମଲ, ଡ. ପ୍ରଦୀପ୍ତ କିଶୋର ଦାଶ, ସାହିତ୍ୟିକ ଡ. ବାସୁଦେବ ଦାସ, ବିଶ୍ୱଜିତ ଦାସ, ଶରତ କୁମାର ସିଂ, ଡ. ରଶ୍ମୀ କର, ଡ. ପ୍ରଭାକର ମଲ୍ଲିକ, ଡ. ରତ୍ନମଞ୍ଜରୀ ଦାଶ, କ୍ୟାପଟେନ ସୀମା ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ରାମେଶ୍ୱରମ ଓ ମଦୁରାଇ ଅଭିମୁଖେ ୧୮୭ ତୀର୍ଥଯାତ୍ରୀ

**ଭବାନିପାଟଣା, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସୋମବାର କଳାହାଣ୍ଡି ଜିଲ୍ଲାରୁ ୫ଟି ସ୍ୱତନ୍ତ୍ର ବସ ଯୋଗେ ୧୮୭ଜଣ ବରିଷ୍ଠ ନାଗରିକ ରାମେଶ୍ୱରମ ଓ ମଦୁରାଇ ଅଭିମୁଖେ ଯାତ୍ରା କରିଛନ୍ତି । ସୋମବାର ରାୟଗଡାରେ ସମସ୍ତ ତୀର୍ଥଯାତ୍ରୀ ରାତ୍ରୀ ଯାପନ କରି ମଙ୍ଗଳବାର ସ୍ୱତନ୍ତ୍ର ଟ୍ରେନ ଯୋଗେ ତାମିଲନାଡୁ ସ୍ଥିତ ରାମେଶ୍ୱରମ ଓ ମାଦୁରାଇ ଯାତ୍ରା କରି ଆସନ୍ତା ଡ଼ିସେମ୍ବର ୨୧ ତାରିଖରେ ଫେରିବେ । ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଖାନ, ସମ୍ମାନିତ ଅତିଥି ଭାବେ ଉପନିର୍ଦ୍ଦେଶକ ସ୍ୱଚ୍ଛ ସଞ୍ଜୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଯୁଥ ଅଫିସର୍ ପ୍ରସନ୍ନ ମେହେର ଏବଂ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁବୋଧ ଛତ୍ରିଆ ଯୋଗଦେଇ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ । ସମସ୍ତ ତୀର୍ଥଯାତ୍ରୀ ଏପଟେ ସେପଟେ ନ ହୋଇ ସାଙ୍ଗରେ ରହି ନିଜର ସୁବିଧା ଅସୁବିଧା ସାଙ୍ଗରେ ଯାଉଥିବା ଏସ୍କର୍ଟ ଅଧିକାରୀଙ୍କୁ ଜଣାଇ କିପରି ସୁରକ୍ଷିତ ଭାବରେ ତୀର୍ଥଯାତ୍ରା ଭ୍ରମଣ ସାରି ନିଜ ନିଜ ଘରକୁ ଫେରିବେ ସେ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଜିଲ୍ଲାର ୧୮୭ ଜଣ ବରିଷ୍ଠ ତୀର୍ଥ ଯାତ୍ରୀ ଭଲରେ ତୀର୍ଥ ଯାତ୍ରା ସାରି କେମିତି ଭଲରେ ଫେରି ଆସିବେ ସେଥି ପାଇଁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ସମସ୍ତ ତୀର୍ଥଯାତ୍ରୀଙ୍କର ଶୁଭ କାମନା କରିଥିଲେ । ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ବସରେ ଯାତ୍ରୀଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ତାଙ୍କୁ ଭଲରେ ନେଇ ଆଣିବା ପାଇଁ ୬ ଜଣ ଏସ୍କର୍ଟ ଅଧିକାରୀଙ୍କୁ ସାଙ୍ଗରେ ପଠାଯାଇଛି ।

## ଗ୍ରାମ୍ୟ ମହୋତ୍ସବ ଉଦଯାପିତ



**ହିଞ୍ଜିଳିକାଟୁ, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ହିଞ୍ଜିଳିକାଟୁ ବ୍ଲକ୍ ପୋଡଙ୍ଗି ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଆୟୋଜିତ ହୋଇଥିବା ତ୍ରିଦିବସୀୟ କାର୍ଯ୍ୟକ୍ରମର ଉଦଯାପନୀ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସଂଗଠକ ସୀତାରାମ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଭାରତୀୟ ମଜଦୂର ସଂଘର ପୂର୍ବତନ ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ । ସେ ସମାଜ ଗଠନରେ ସ୍ୱେଚ୍ଛାସେବୀ ସଂଗଠନର ଭୂମିକା ଉପରେ ଆଲୋକପାତ କରିଥିଲେ । ପରବର୍ତ୍ତୀ ସମୟରେ କିରଣ କୁମାର ପାଢୀଙ୍କ ଅଧକ୍ଷତାରେ ସମରୋପ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ମୁଖ୍ୟଅତିଥି ଭାବେ ଡ.ଅରବିନ୍ଦ ପଣ୍ଡା, ଅବସରପ୍ରାପ୍ତ ପ୍ରାଧାପକ ତାରାତାରିଣୀ ମହାବିଦ୍ୟାଳୟ, ପୁରୁଷୋତ୍ତମପୁର, ମୁଖ୍ୟବକ୍ତା ଭାବେ ଡ.ଅନିଲ କୁମାର ମିଶ୍ର ଅବସରପ୍ରାପ୍ତ ପ୍ରାଧାପକ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବପ୍ରାନ୍ତ କାର୍ଯ୍ୟବହ ସମ୍ମାନିତ ଅତିଥି ଭାବେ ଇ.ମନୋଜ କୁମାର ଚୌଧୁରୀ, ସହକାରୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଗ, ପାରଳାଖେମୁଣ୍ଡିର ଯୋଗଦେଇଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଣ୍ଣିକ ସଙ୍ଗୀତ ଗାନ କରାଯାଇଥିଲା । ଶିବମ ଗୌଡ଼ ଦ୍ୱାରା ଅମୃତ ବଚନ, ସୂର୍ଯ୍ୟକାନ୍ତ ବେହେରା ଦ୍ୱାରା ବ୍ୟକ୍ତିଗତ ସଙ୍ଗୀତ ଗାନ କରାଯାଇଥିଲା । ମୁଖ୍ୟବକ୍ତା ସଂସ୍କାରିତ ବ୍ୟକ୍ତି କିପରି ନିଜର, ନିଜ ପରିବାରର ଓ ସମାଜର ପରିବର୍ତ୍ତନରେ କିପରି ପରିବର୍ତ୍ତନରେ ସହାୟକ ହୋଇପାରିବ ସେହି ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ଅଞ୍ଚଳର ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିଲା । ପୂର୍ବରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ନାଦବ୍ରହ୍ମ ସାଂସ୍କୃତିକ ଅନୁଷ୍ଠାନ ହିଞ୍ଜିଳିକାଟୁର କଳାକାର ବୃନ୍ଦ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଚିନ୍ମୟ ଗୌଡ଼ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜନାର୍ଦ୍ଦନ ପାଢ଼ୀ ଅତିଥି ପରିଚୟ ରଖିଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟୟରେ ପ୍ରତାପ କୁମାର ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଉପଦେଷ୍ଟା କିରଣ କୁମାର ପାଢ଼ୀ, ଅରୁଣ କୁମାର ପାଢ଼ୀ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସଭାପତି ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ଆଲୋକ କୁମାର ନାୟକ, ବିଚିତ୍ର କୁମାର ପଣ୍ଡା, ସଂଯୋଜକ ଚିନ୍ତାମଣି ବେହେରା, ରଞ୍ଜନ କୁମାର ପାଣିଗ୍ରାହୀ, ଆଶିଷ କୁମାର ପଣ୍ଡା, ହରିବନ୍ଧୁ ନାୟକ, ନିଳାଞ୍ଚଳ ବେହେରା ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଦନ୍ତାର ମୃତ୍ୟୁ

**ଅନୁଗୋଳ, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ପୋକୁଣ୍ଡା ସେକ୍ସନ୍ ମାଣିକଯୋଡ଼ି ପଞ୍ଚାୟତ ବାଲିଆପଶିଠାରେ ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଛି । ସୂଚନା ଅନୁସାରେ ସୋମବାର ସକାଳୁ ବାଲିଆପଶିର କିଛି ଗ୍ରାମବାସୀ ଶୌଚ ହେବାକୁ ଯାଉଥିବାବେଳେ ଏକ ଦନ୍ତା ହାତୀ ମରି ପଡିଥିବାର ଦେଖିବାକୁ ପାଇଥିଲେ । ଏ ନେଇ ଗ୍ରାମବାସୀମାନେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ବନ ବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ବର୍ତ୍ତମାନ ପର୍ଯ୍ୟନ୍ତ ହାତୀ ମୃତ୍ୟୁର କାରଣ ସମ୍ପର୍କରେ ଜଣାପଡିନି । ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ମାତୃ ଭାରତୀ ମା'ମାନଙ୍କ ଦ୍ୱାରା ସପ୍ତଶକ୍ତି କାର୍ଯ୍ୟକ୍ରମ

**ଭବାନିପାଟଣା, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭବାନୀପାଟଣା ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବ୍ରଜ ବିହାର ଠାରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ପକ୍ଷରୁ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ମାତୃ ଭାରତୀର ମା'ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ମାତୃ ଭାରତୀର ଜିଲ୍ଲା ଅଧକ୍ଷା ଅମୃତାଞ୍ଜଳୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମହିଳା ସମନ୍ୱୟ ଓ ଧର୍ମ ଜାଗରଣ ସମନ୍ୱୟ ଜିଲ୍ଲା ସଂଯୋଜିକା ବଳବୀର କୌର, ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ଉପାଧକ୍ଷା ଡାକ୍ତର ହେମାଙ୍ଗିନୀ ମେହେର, କଳ୍ପନା ରଥ, ସ୍ନେହଲତା ଷଡ଼ଙ୍ଗୀ, ସବିତା ଦାଶ, ସୁଦେଷ୍ଣା ପଣ୍ଡା, ସମ୍ମାନିତ ଅତିଥି ଓ ରାଷ୍ଟ୍ର ସେବିକା ସମିତି ଜିଲ୍ଲା କାର୍ଯ୍ୟବାହିକା ପ୍ରତିଭା ଭୋଇ ମୁଖ୍ୟବକ୍ତା ଭାବରେ ଯୋଗଦେଇ ମାତୃ ଶକ୍ତିର ଜାଗରଣ ଓ ସପ୍ତଶକ୍ତି ସଙ୍ଗମ ଉପରେ ଅଭିଭାଷଣ ରଖି ମା'ର ଭୂମିକା ସମାଜ ଓ ରାଷ୍ଟ୍ର ଗଠନରେ କିପରି ସହାୟକ ହେବ କହିଥିଲେ । ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମଟିକୁ ଆଚାର୍ଯ୍ୟା ସୁମତି ମୁଣ୍ଡଙ୍କ ସଂଯୋଜନା କରିଥିଲେ । ଆଚାର୍ଯ୍ୟା ରଶ୍ମିତା ପଣ୍ଡା ଅତିଥିମାନଙ୍କପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ମାତୃ ଭାରତୀ କାର୍ଯ୍ୟକ୍ରମରେ ସ୍କୁଲର ଶତାଧିକ ଅଭିଭାବକା ମା'ମାନେ ଯୋଗ ଦେଇ ଥିଲେ । ସୁକାନ୍ତି ଦାଶ ଧନ୍ୟବାଦ ଅର୍ପଣ କରିବାସହ ବନ୍ଦେ ମାତରମ୍ ଗାନ ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

## ପତଞ୍ଜଳି ବିଶ୍ୱବିଦ୍ୟାଳୟ ହେଲା କ୍ଲଷ୍ଟର ସେଣ୍ଟର



**ଭୁବନେଶ୍ୱର, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ହରିଦ୍ୱାରରେ ରବିବାର ଅନୁଷ୍ଠିତ ଏକ ସମାରୋହରେ ସଂସ୍କୃତି ମନ୍ତ୍ରଣାଳୟର ଜ୍ଞାନ ଭାରତମ ମିଶନ ଦ୍ୱାରା ପତଞ୍ଜଳି ବିଶ୍ୱବିଦ୍ୟାଳୟକୁ 'କ୍ଲଷ୍ଟର ସେଣ୍ଟର' ଭାବରେ ମାନ୍ୟତା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଯୋଗଗୁରୁ ରାମଦେବ, କୁଳପତି ଡ.ଆଚାର୍ଯ୍ୟ ବାଳକୃଷ୍ଣ ଏବଂ ଜ୍ଞାନ ଭାରତମ ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅନିର୍ବାଣ ଦାଶ, ଡ. ଶ୍ରୀଧର ବାରିକ ଏବଂ ବିଶ୍ୱରଞ୍ଜନ ମଲିକଙ୍କ ଉପସ୍ଥିତିରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ଅବସରରେ ଯୋଗଗୁରୁ ରାମଦେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ ଜୀ ଏବଂ ଜ୍ଞାନ ଭାରତମ ମିଶନର ସମଗ୍ର ଦଳ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ଆଚାର୍ଯ୍ୟ ବାଳକୃଷ୍ଣ ସୂଚନା ଦେଇଥିଲେ ଯେ ଏପର୍ଯ୍ୟନ୍ତ ଏହି ମିଶନ ଅଧୀନରେ ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ମଧ୍ୟରୁ ୨୦ଟି କ୍ଲଷ୍ଟର କେନ୍ଦ୍ର । ଏଥିମଧ୍ୟରୁ ୮ଟି ବିଶ୍ୱବିଦ୍ୟାଳୟ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ଯୋଗ ଶିକ୍ଷା-ଆଧାରିତ କ୍ଲଷ୍ଟର କେନ୍ଦ୍ର । ପତଞ୍ଜଳି ବିଶ୍ୱବିଦ୍ୟାଳୟ ପୂର୍ବରୁ ୫୦,୦୦୦ରୁ ଅଧିକ ପ୍ରାଚୀନ ଗ୍ରନ୍ଥ ସଂରକ୍ଷଣ କରିସାରିଛି, ୪୨ ଲକ୍ଷ ପୃଷ୍ଠାକୁ ଡିଜିଟାଇଜେସନ କରିଛି ଏବଂ ୪୦ରୁ ଅଧିକ ପାଣ୍ଡୁଲିପିର ଗବେଷଣା ଏବଂ ପୁନର୍ଲିଖନ କରିଛି । ଜ୍ଞାନ ଭାରତମର ଏକ କ୍ଲଷ୍ଟର ସେଣ୍ଟର ଭାବରେ ପତଞ୍ଜଳି ଏବେ ଏହି କାର୍ଯ୍ୟକୁ ଆହୁରି ବୃଦ୍ଧି କରିପାରିବ ଏବଂ ୨୦ଟି କେନ୍ଦ୍ରକୁ ତାଲିମ ପ୍ରଦାନ କରିପାରିବ ।

## କୁଜିମେଣ୍ଢା ପ୍ରଜାତିର ସଂରକ୍ଷଣ ପାଇଁ ଯୋଜନା କରାଯାଉ

**କେନ୍ଦ୍ରାପଡା, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲାବାସୀ ମୁଖ୍ୟତଃ କୃଷି ଓ ଆନୁସଙ୍ଗିକ କୃଷି ଉପରେ ନିର୍ଭରଶୀଳ । କିନ୍ତୁ ବହୁ ସମ୍ଭାବନା ସତ୍ତ୍ୱେ ଜିଲ୍ଲାର ଚାଷୀ ଆବଶ୍ୟକ ସୁବିଧା ସୁଯୋଗ ଓ ପ୍ରୋତ୍ସାହନ ଅଭାବରୁ ଖାଦ୍ୟ ଶସ୍ୟଠାରୁ ଆରମ୍ଭ କରି ମାଂସ, କ୍ଷୀର, ଅଣ୍ଡା ଯାଏ କୌଣସି ବି ଉତ୍ପାଦନ କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିପାରିନାହାଁନ୍ତି । କୃଷି ଓ ଆନୁସଙ୍ଗିକ କୃଷି ଉତ୍ପାଦନ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାର ସ୍ଥାନ ତଳଆଡୁ ୪ର୍ଥ କି ପଞ୍ଚମରେ ରହିଛି । ଯାହା ଫଳରେ ଜିଲ୍ଲାର କୃଷି ଭିତ୍ତିକ ଅର୍ଥନୀତି ସୁଦୃଢ ହୋଇ ପାରୁନାହିଁ । କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ବିଭିନ୍ନ ସମ୍ଭାବନା ମଧ୍ୟରୁ ଯଦି କେବଳ କୁଜିମେଣ୍ଢା ପାଳନ କଥାକୁ ଆଲୋଚନା କରାଯାଏ ତେବେ ଜିଲ୍ଲାର କୁଜିମେଣ୍ଢାଙ୍କୁ ଦ୍ରୁତ ଉତ୍ପାଦ କ୍ଷମତା ପାଇଁ ଜାତୀୟସ୍ତରରେ ମାନ୍ୟତା ମିଳିଛି । ଫେକବି ଜିନ ଥିବା ଏହି ଗୃହପାଳିତ ପଶୁଙ୍କୁ ବ୍ୟବସାୟୀକ ଭିତ୍ତିରେ ପାଳନ କରାଯାଇପାରିଲେ କର୍ମ ନିଯୁକ୍ତି ସାଙ୍ଗକୁ ଜିଲ୍ଲାକୁ ମାଂସ ଉତ୍ପାଦନ କ୍ଷେତ୍ରରେ ବେଶ୍ ସଫଳତା ମିଳିପାରିବ । କିନ୍ତୁ ଗତ ୨୦୧୬ରେ କେନ୍ଦ୍ରାପଡ଼ା ମେଣ୍ଢାଙ୍କୁ ଜାତୀୟ ମାନ୍ୟତା ମିଳିଥିଲେ ମଧ୍ୟ ଏମାନଙ୍କର ସଂରକ୍ଷଣ ଓ ବଂଶବୃଦ୍ଧି ସହିତ ବ୍ୟବସାୟ ପ୍ରତି ସରକାରୀ ଭାବେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଯାଜପୁର ଜିଲ୍ଲାର ବିଞ୍ଝାରପୁର ଗାଈଙ୍କୁ ଅନୁରୂପ ଭାବେ ଉନ୍ନତ ଗାଈ ଭାବେ ଜାତୀୟ ମାନ୍ୟତା ମିଳିଥିଲାବେଳେ ଏମାନଙ୍କ ସଂରକ୍ଷଣ ଓ ବଂଶବୃଦ୍ଧି ନିମନ୍ତେ ଅଧିକ ଗବେଷଣା ସକାଶେ ନିକଟରେ ଅନେକ ଗାଈ ଓ ବାଛୁରୀଙ୍କୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଟି)ର ପ୍ରାଣୀ ସମ୍ପଦ ବିଭାଗକୁ ନିଆଯାଇଛି । କିନ୍ତୁ କେନ୍ଦ୍ରାପଡ଼ାର କୁଜିମେଣ୍ଢାଙ୍କୁ ନେଇ ଅଧିକ ଗବେଷଣା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହା ସରକାରୀ ଉଦାସୀନତାକୁ ପଦାରେ ପକାଇଛି ବୋଲି ବୁଦ୍ଧିଜୀବି ମହଲରେ ଅଭିଯୋଗ ହେଉଛି । ସବୁଠାରୁ ବଡ଼କଥା ହେଲା ଏହି ମେଣ୍ଢା ସଂରକ୍ଷଣକୁ ମଧ୍ୟ ଅଣଦେଖା କରାଯାଉଛି । ଫେକବି ଜିନ ଥିବା କେନ୍ଦ୍ରାପଡା କୁଜିମେଣ୍ଢା ମାତ୍ର ୧୫୦ଦିନରେ ଏକକାଳୀନ ୩ରୁ ୪ଟି ଛୁଆ ପ୍ରସବ କରିଥାନ୍ତି । ଗୋଟିଏ ମାଈ ମେଣ୍ଢା ମାତ୍ର ୧୫ ମାସରେ ଛୁଆ ଜନ୍ମ କରିବାର କ୍ଷମତା ହାସଲ କରିଥାନ୍ତି । ଗୋଟିଏ ମେଣ୍ଢାରୁ ଅନ୍ୟୁନ୍ ୩୦କେଜି ମାଂସ ମିଳିଥାଏ । ଏହାକୁ ବିଚାର କଲେ ଏହି ମେଣ୍ଢା ଚାଷ ବେଶ୍ ଲାଭଜନକ । ସଂପ୍ରତି ମାଂସ ଓ ଚମଡାର ଆବଶ୍ୟକତା ବୃଦ୍ଧି ପରିପ୍ରେକ୍ଷୀରେ ଏହି ମେଣ୍ଢା ଚାଷ ଆତ୍ମ ନିଯୁକ୍ତି ଓ ଆର୍ଥୀକ ବିକାଶରେ ବେଶ୍ ସହାୟକ ହେବାର ସମ୍ଭାବନା ରହିଛି । ହେଲେ ମେଣ୍ଢା ଚାଷ ପାଇଁ ପ୍ରୋତ୍ସାହନ, ବୀମା ସୁବିଧା, ଋଣ ସହାୟତା ଆଦି ମିଳୁନଥିବାରୁ ଜିଲ୍ଲାରେ ଏମାନଙ୍କର ସଂଖ୍ୟା କମି ଚାଲିଛି । ଗତ ୨୦୦୦ ମସିହା ପ୍ରାଣୀ ସମ୍ପଦ ଗଣନା ଅନୁଯାୟୀ ଜିଲ୍ଲାରେ ମୋଟ ୧୪,୮୮୫ ଟି ମେଣ୍ଢା ଥିଲାବେଳେ ସଂପ୍ରତି ଏହସଂଖ୍ୟା ପ୍ରାୟ ୧୨ ପ୍ରତିଶତ ହ୍ରାସ ପାଇଥିବା କୁହାଯାଉଛି । ପ୍ରାଣୀଧନ ବିକାଶ ପାଇଁ କେନ୍ଦ୍ର ସରକାରଙ୍କର ରାଷ୍ଟ୍ରୀୟ କୃଷି ଯୋଜନା ଓ ରାଜ୍ୟ ସରକାରଙ୍କର ବିଭିନ୍ନ କୃଷି ଯୋଜନାରୁ ଜିଲ୍ଲାର ଅନ୍ୟାନ୍ୟ କ୍ଷେତ୍ରରେ ଭଳି କୌଣସି ସୁଫଳ ମିଳୁନାହିଁ । ଜାତୀୟ ସ୍ତରରେ ଉତ୍କର୍ଷତାର ମାନ୍ୟତା ରଖିଥିବା ଜିଲ୍ଲାର ଏହି ଗୃହପାଳିତ ପଶୁଙ୍କ ସଂରକ୍ଷଣ ଓ ବିକାଶ ସାଙ୍ଗକୁ ଅର୍ଥନୀତି ସହିତ ଯୋଡ଼ିବା ଯେଉଁଠି ସମ୍ଭବ ହୋଇନାହିଁ ସେଠାରେ ଜିଲ୍ଲାର ଅନ୍ୟାନ କୃଷି ବା ଆନୁସଙ୍ଗିକ କୃଷିକୁ ସରକାର କେତେ ପ୍ରାଧାନ୍ୟ ଦେଇଥିବେ ତାହା ସହଜରେ ଅନୁମେୟ ବୋଲି କୁହାଯାଇଛି । ସିଡିଭିଓଙ୍କ କହିବା କଥା ଯେ, ଜିଲ୍ଲାରେ ପଶୁ ସମ୍ପଦର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ତେବେ କୁଜିମେଣ୍ଢା ପ୍ରଜାତିଙ୍କ ସଂରକ୍ଷଣ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ଅଦ୍ୟାବଧି ନାହିଁ ।

## ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ସମୀକ୍ଷା



**ଭଦ୍ରକ, ୧୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ପଞ୍ଚାୟତ ଏବଂ ନିର୍ବାଚନୀ କାର୍ଯ୍ୟସମୂହକୁ ସୁଚାରୁ ଭାବରେ ନିଷ୍ପାଦନ ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଭଦ୍ରକ କଲେକ୍ଟରେଟ୍‌କୁ ଦିନିକିଆ ସରକାରୀ ସମୀକ୍ଷା ଯାତ୍ରା କରିଛନ୍ତି । ଏହି ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ପ୍ରଗତି ପର୍ଯ୍ୟାଲୋଚନା ବୈଠକ ଆୟୋଜିତ ହେଇଥିଲା । ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମୀକ୍ଷା ବୈଠକରେ ଭୋଟର ତାଲିକା ସଂଶୋଧନ, ମତଦାନ କେନ୍ଦ୍ର ସୁବିଧା, କର୍ମଚାରୀ ନିଯୁକ୍ତି, ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତି, ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତି ଇତ୍ୟାଦି ବିଷୟରେ ଆଲୋଚନା ହେଲା । ନିର୍ବାଚନ ଆୟୁକ୍ତ ଜିଲ୍ଲା ପ୍ରଶାସନଙ୍କ ପ୍ରସ୍ତୁତି ପ୍ରତି ସନ୍ତୋଷ ପ୍ରକାଶ କରି ଭୋଟରମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦେଲେ । ସମସ୍ତ ଅଧିକାରୀଙ୍କୁ ସମୟସୀମା ମଧ୍ୟରେ ସମସ୍ତ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଏଡିଏମ୍, ସବ୍-କଲେକ୍ଟର, ବ୍ଲକ୍ ଅଧିକାରୀ, ନିର୍ବାଚନ ଶାଖା ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 16th December, 2025 Tuesday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ଜନ୍ମଦିନର ଉପହାର




ପତ୍ନୀଙ୍କ ଜନ୍ମଦିନର ପୂର୍ବ ରାତିରେ ପତିଦେବ ପଚାରିଲେ- କାଲି ତମ ପାଇଁ କୋଉ ଗିଫ୍ଟ ଆଣିବି ?

ପତ୍ନୀଦେବୀଙ୍କ ନୂଆ କାର୍ ଚଢ଼ିବା ପାଇଁ ଭାରି ଇଚ୍ଛାଥାଏ। ତେଣୁ ସେ କହିଲେ- ମୋ ସହିତ ଏତେଦିନ ରହିଲଣି, ମୋ ମନର କଥା କେମିତି ଜାଣିପାରୁନ ?

ପତିଦେବ ଏଥର କହିଲେ- ଠିକ୍ ଅଛି, ଗୋଟିଏ କିଛି ହିଣ୍ଟସ୍ ଦିଅ, ଯେଉଁଥିରୁ ମୁଁ ଜାଣିଯିବି ତମେ କ'ଣ ଚାହୁଁଛ ?

ପତ୍ନୀଦେବୀ କହିଲେ- ମୋ ପାଇଁ ଏମିତି ଜିନିଷ ଆଣିବ ଯେଉଁଥିରେ ମୁଁ ଉଠିଗଲେ ସେଇଟା ଶୂନ୍‌ରୁ ୭୦/୮୦ ହୋଇଯିବ।

ପରଦିନ ପତିଦେବ ଗୋଟିଏ ପ୍ୟାକେଟ୍ ନେଇ ଘରେ ପହଞ୍ଚି ପତ୍ନୀଦେବୀଙ୍କ ହାତକୁ ବଢ଼େଇ ଦେଇ କହିଲେ- ହେଇ ନିଅ, ତୁମ ମନ ପସନ୍ଦର ଗିଫ୍ଟ।

ପତ୍ନୀଦେବୀ ଆର୍ଶ୍ଚଯ୍ୟ ହୋଇ ପ୍ୟାକେଟ୍‌ଟି ତତ୍‌କ୍ଷଣାତ୍ ଖୋଲିବାରୁ ସେଥିରୁ ବାହାରିଲା ଗୋଟିଏ ଓଜନ ଯନ୍ତ୍ର।

ପତ୍ନୀଦେବୀ ବିରକ୍ତିର ସହ କହିଲେ- ମୁଁ କ'ଣ ଏଇଆ ଚାହୁଥିଲି ?

ପତିଦେବ କହିଲେ- ସେଇଆ ହିଁ ତ ମତେ କହିଥିଲ ତମେ। ଏହା ଉପରକୁ ଉଠିଗଲେ ସେଇଟା ଶୂନ୍‌ରୁ ୭୦/୮୦ ହୋଇଯିବ।

# ସରକାର ଗୁଣ୍ଡାରାଜକୁ ପ୍ରୋତ୍ସାହନ ଦେଉଛନ୍ତି



**ଭୁବନେଶ୍ୱର,୧୫।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତନ ଧର୍ମଶାଳା ବିଧାୟକ ତଥା ବରିଷ୍ଠ ବିଜେଡି ନେତା ପ୍ରଣବ ବଳବନ୍ତରାୟଙ୍କ ବାସଭବନ ଉପରେ ହୋଇଥିବା ହିଂସାତ୍ମକ ଆକ୍ରମଣକୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ (ବିଜେଡି) ସୁପ୍ରିମୋ ନବୀନ ପଟ୍ଟନାୟକ ନିନ୍ଦା କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ନବୀନ କହିଛନ୍ତି ଯେ, ଦୁର୍ବୃତ୍ତମାନେ ବଳବନ୍ତରାୟଙ୍କ ଘରେ ବଳପୂର୍ବକ ପ୍ରବେଶ କରିଥିଲେ। ଭଙ୍ଗାରୁଜା କରିଥିଲେ ଏବଂ ତାଙ୍କ ସମର୍ଥକଙ୍କ ଉପରେ ଆକ୍ରମଣ କରିଥିଲେ। ଏପରି ଏକ ଘଟଣା ସ୍ପଷ୍ଟ ଦିବାଲୋକରେ ଘଟିଥିବାରୁ ସେ ଚିନ୍ତା ପ୍ରକାଶ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ପୁଲିସ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ଘଟଣା ପରେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏହି ନିଷ୍କ୍ରିୟତା ଓଡ଼ିଶାବାସୀଙ୍କୁ ମର୍ମାହତ କରିଛି ଏବଂ ଆଇନ ଶୃଙ୍ଖଳା ସ୍ଥିତି ଉପରେ ସନ୍ଦେହ ସୃଷ୍ଟି କରିଛି। ନବୀନ ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରି କହିଛନ୍ତି ଯେ, ସରକାର ରାଜ୍ୟରେ ଆଇନ ବ୍ୟବସ୍ଥାକୁ କେହି ମାନୁ ନାହାନ୍ତି। ସରକାର ହିଂସା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛନ୍ତି। ଓଡ଼ିଶାର ଶାନ୍ତିପ୍ରିୟ ଲୋକେ ଏପରି ଅବ୍ୟବସ୍ଥା ଏବଂ ଅପରାଧିକ କାର୍ଯ୍ୟକଳାପକୁ କେବେ ଗ୍ରହଣ କରିବେ ନାହିଁ। ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଆହ୍ୱାନ କରି ନବୀନ ପଟ୍ଟନାୟକ ନ୍ୟାୟ ସୁନିଶ୍ଚିତ କରିବା ଏବଂ ଶାସନ ପ୍ରତି ଜନସାଧାରଣଙ୍କ ଆସ୍ଥା ଫେରାଇ ଆଣିବା ସହ ଦାୟୀ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଜେଡି ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କୁହାଯାଇଛି, ଧର୍ମଶାଳାରେ ଅରାଜକତା ଓ ହିଂସା ସୀମା ଲଂଘୁଛି, ରାଜ୍ୟରେ ଆଇନକାନୁନର ଶାସନ ଚାଲିଛି ନା ଗୁଣ୍ଡାରାଜ ?

## ପ୍ରଥମ ପୃଷ୍ଠାରୁ...

### ଧନୀ କରୁଛନ୍ତି...

ଭାବରେ ସହାୟତା କରୁଛନ୍ତି। ଶୁଣାଣି ସମୟରେ ଅପରାଜିତା ସିଂହ କହିଛନ୍ତି ଯେ ଯେପର୍ଯ୍ୟନ୍ତ କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଜାରି ନ କରନ୍ତି, ରାଜ୍ୟ ସରକାରଗୁଡ଼ିକ ପ୍ରଦୂଷଣ ମୁକାବିଲା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବେ ନାହିଁ। ସେ କହିଥିଲେ ଯେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରୋଟୋକଲ୍ ଅଛି, କିନ୍ତୁ ସେଗୁଡ଼ିକୁ ପାଳନ କରାଯାଉନାହିଁ। ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣ ସଙ୍କଟ ପ୍ରତି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରି ବରିଷ୍ଠ ଆଇନଜୀବୀ କହିଛନ୍ତି ଯେ ଗତ ମାସରେ ସୁପ୍ରିମକୋର୍ଟ ଡିସେମ୍ବର-ଜାନୁଆରୀ ମାସରେ କ୍ରୀଡା କାର୍ଯ୍ୟକଳାପ ଉପରେ ନିଷେଧ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ବିଭିନ୍ନ ସ୍ଥାନରେ କ୍ରୀଡା ଇଭେଣ୍ଟ ଆୟୋଜନ କରାଯାଉଛି।

ରାଜ୍ୟ ସରକାରଗୁଡ଼ିକ କୋର୍ଟଙ୍କ ନିର୍ଦ୍ଦେଶକୁ ଏଡ଼ାଇ ଦେବା ପାଇଁ 'ପଦ୍ଧତି ଏବଂ ଉପାୟ' ବ୍ୟବହାର କରୁଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ବାୟୁ ଗୁଣବତ୍ତା ପରିଚାଳନା କମିଶନ ପୁଣି ଥରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଦ୍ଧୃତ କରୁଛି। କିନ୍ତୁ ବାସ୍ତବରେ ପରିସ୍ଥିତିରେ କୌଣସି ଉନ୍ନତି ଦେଖାଯାଉନାହିଁ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ପ୍ରତିକ୍ରିୟା ଦେଇଥିଲେ ଯେ କୋର୍ଟ ସମସ୍ୟା ବିଷୟରେ ସମ୍ପୂର୍ଣ୍ଣ ଅବଗତ ଓ କେବଳ ପ୍ରଭାବଶାଳୀ ଏବଂ କାର୍ଯ୍ୟକାରୀ ଯୋଗ୍ୟ ନିର୍ଦ୍ଦେଶ ପ୍ରଦାନ କରିବେ।

ସିଜେଆଇ କହିଛନ୍ତି ଯେ କିଛି ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। କିନ୍ତୁ ମହାନଗର ଅଞ୍ଚଳର ଲୋକଙ୍କର ନିଜସ୍ୱ ଜୀବନଶୈଳୀ ଅଛି, ଯାହାକୁ ପରିବର୍ତ୍ତନ କରିବା ସହଜ ନୁହେଁ। ମୁଖ୍ୟ ବିଚାରପତି ଏହା ମଧ୍ୟ ମନ୍ତବ୍ୟ ଦେଇଛନ୍ତି ଯେ ପ୍ରଦୂଷଣ ଗରିବ ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରେ। ଯେତେବେଳେ ଧନୀମାନେ ପ୍ରାୟତଃ ପ୍ରଦୂଷଣ କାର୍ଯ୍ୟକଳାପରେ ଜଡିତ ଥାଆନ୍ତି। ଆମିକସ୍ କ୍ୟୁରି ଅପରାଜିତା ସିଂହ ସହମତ ହୋଇ କହିଛନ୍ତି ଯେ ଏହି ସଙ୍କଟ ଦ୍ୱାରା ଗରିବ ଶ୍ରମିକମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି।

ସେ କୋର୍ଟକୁ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଏକ ପୃଥକ ଆବେଦନ ଦାଖଲ କରାଯାଇଛି। ଏହା ଉପରେ, ସିଜେଆଇ ସ୍ପଷ୍ଟ ଭାବରେ କହିଛନ୍ତି, 'ଆମେ ସମସ୍ୟା ବିଷୟରେ ଅବଗତ। ଦିଲ୍ଲୀ-ଏନସିଆର ବାୟୁ ପ୍ରଦୂଷଣ ସହିତ ଜଡିତ ଏହି ମାମଲା ଡିସେମ୍ବର ୧୭ ରେ ଖଣ୍ଡପୀଠ ସମ୍ମୁଖରେ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯିବ।

### କଂଗ୍ରେସରୁ ବିଦା...

ଚେଷ୍ଟା କରିଛନ୍ତି ବୋଲି କହିଛନ୍ତି ଶ୍ରୀ ଦାସ। ଶ୍ରୀ ଦାସ ଆହୁରି କହିଛନ୍ତି ଯେ ରାଷ୍ଟ୍ରପତି ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ଭୋଟ୍ ଦେବା ମୋକିମଙ୍କ କେଉଁ ପ୍ରକାରର ଆନୁଗତ୍ୟ ? ଯେଉଁ ଦଳରୁ ସେ ଓ ପରେ ତାଙ୍କ ଝିଅ ବିଧାୟକ ହେଲେ ସେହି ଦଳ ବିରୋଧରେ ଯିବା ଉଚିତ୍ କି ? ନିଜ ବ୍ୟାବସାୟିକ ସାମ୍ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସରେ ଥାଇ ବିଜେଡିର ମାନଭଂଜନ କରିବା ସହଜ ହେଉଥିଲା; ବିଜେପି ତ ସହଜରେ ବିଜେଡିଠାରୁ ମଧ୍ୟ ଅଧିକ ଅସହିଷ୍ଣୁ। ଏମିତିରେ ବି ତାଙ୍କ ନାମରେ ମକଦ୍ଦମା ଅଛି। ପୂର୍ବରୁ ମଧ୍ୟ ବିଶୃଙ୍ଖଳିତ ଆଚରଣ ପାଇଁ ଦଳରୁ ସସ୍‌ପେଣ୍ଡ ହୋଇଥିଲେ ସେ। ୨୦୨୪ ନିର୍ବାଚନରେ କାହିଁକି ଲଢ଼ିପାରିଲେ ନାହିଁ ବୋଲି ଅଧକ୍ଷ ଶ୍ରୀ ଦାସ ପ୍ରଶ୍ନ ପଚାରିଛନ୍ତି।

### ମନରେଗା ନାଁ...

ପରିଭାଷିତ କରିବା। ଏହାକୁ 'ଭିବି ଜି ରାମ ଜି' ମଧ୍ୟ କୁହାଯାଉଛି। ଏହି ବିଲକୁ ସଂସଦର ଉଭୟ ସଦନରେ ପାରିତ କରିବାକୁ କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। ଏଥିପାଇଁ ବିଜେପି ପକ୍ଷରୁ ସମସ୍ତ ସାଂସଦକୁ ଗୃହରେ ଉପସ୍ଥିତ ରହିବାକୁ ହ୍ୱିପ ଜାରି କରାଯାଇଛି। ସରକାରଙ୍କ କହିବା କଥା ଯେ ନୂଆ ବିଲ୍‌ରେ ବିକଶିତ ଭାରତ ୨୦୪୭ ଭିଜନକୁ ପୂରଣ କରିବା ପାଇଁ ସବୁ ପ୍ରକାରର ବ୍ୟବସ୍ଥା ହୋଇଛି।

# ଗ୍ରାମବାସୀ-ପ୍ରଶାସନ ମୁହାଁମୁହିଁ: ପୁଲିସ ଉପରକୁ କାଦୁଅ ମାଡ଼

**ବ୍ରହ୍ମଗିରି,୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

 କେନାଲ ଖୋଳାକୁ ନେଇ ଗ୍ରାମବାସୀ ଓ ଜିଲ୍ଲା ପ୍ରଶାସନ ମୁହାଁମୁହିଁ। ପୁଲିସ ଉପରକୁ କାଦୁଅ ମାଡ। ଜାଡି ନଦୀ କେନାଲ ଖୋଳାକୁ ନେଇ ସୋମବାର ବ୍ରହ୍ମଗିରି ବ୍ଲକ କୁସୁବେଣ୍ଟି ପଞ୍ଚାୟତ ହରିଦାସ ଗାଁରେ ଏଭଳି ଘଟଣା ଘଟିଛି। ପୁଲିସ ବଳ ପୂର୍ବକ ପ୍ରାୟ ୪୦ ଗ୍ରାମବାସୀଙ୍କୁ ଉଠାଇ ଆଣି ଅଟକ ରଖିଛି।



ସୂଚନାନୁଯାୟୀ, ଜାଡି ନଦୀ କେନାଲକୁ କେନ୍ଦ୍ରକରି ହରିଦାସ ଏବଂ କୁସୁବେଣ୍ଟି ଗାଁ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। କେନାଲ ଖୋଳା ଚାଲିଥିବା ବେଳେ ହରିଦାସ ଗାଁର ଲୋକମାନେ ଏହାକୁ ବିରୋଧ କରିଥିଲେ। ଚାଷରେ ସମସ୍ୟାକୁ ଆଖି ଆଗରେ ରଖି ଏ ବିଷୟରେ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଆଲୋଚନା ହୋଇଥିଲା। ହରିଦାସ ଗ୍ରାମବାସୀଙ୍କ ସହିତ ପ୍ରଶାସନିକ ଅଧିକାରୀମାନେ ସୁସମାଧନ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ତେଣୁ ବାଧ ହୋଇ ଗତକାଲି ଜିଲ୍ଲା ପ୍ରଶାସନ ତରଫରୁ ସେହି ସ୍ଥାନରେ ବିଏନ୍‌ଏସ୍ ୧୬୩ ଘୋଷଣା କରାଯାଇଥିଲା। ଆଜି ସକାଳୁ ଜିଲ୍ଲା ପ୍ରଶାସନ ପୁଲିସ ପ୍ରଶାସନ ସହିତ କେନାଲରୁ ଅବରୋଧ ହଟାଇବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲ।

ସେପଟେ ପୂର୍ବରୁ ସୂଚନା ପାଇ ହରିଦାସ ଗାଁର ଶତାଧିକ ମହିଳା ପୁରୁଷ ରାସ୍ତା ଅବରୋଧ କରିବା ସହ କେନାଲ ନିକଟରେ ବସି ରହିଥିଲେ। ଯାହାଫଳରେ ଜିଲ୍ଲା ପ୍ରଶାସନ ଏବଂ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଉଭୟଙ୍କ ମଧ୍ୟରେ ଠେଲାପେଲା ଧସ୍ତାଧସ୍ତି ଚାଲିଥିବା ବେଳେ ମହିଳାମାନେ ପୁଲିସ ଉପରକୁ ପଙ୍କ କାଦୁଅ ଫିଙ୍ଗିଥିଲେ। ଅନ୍ୟପଟେ ପୁଲିସ ବଳ ପୂର୍ବକ କିଛି ମହିଳା ଓ ପୁରୁଷଙ୍କୁ ଟାଣି ଅଟକ ରଖିଛି। ସେପଟେ ପ୍ରଶାସନ କେନାଲ ଖୋଳିବାରେ ସଫଳ ହୋଇଛି। ବର୍ତ୍ତମାନ ଘଟଣା ସ୍ଥଳରେ ପୁଲିସ ପ୍ରଶାସନ ଜଗି ରହିଛି। ୭୦ ଜଣରୁ ଉର୍ଦ୍ଧ୍ୱ ମହିଳା ପୁରୁଷଙ୍କୁ ପୁଲିସ ଅଟକ ରଖିଛି। ଦୁଇ ଜଣ ଆହତ ହୋଇ ଆମ୍ବୁଲାନ୍ସରେ ମେଡିକାଲ ଯାଇଛନ୍ତି।






# ଶେଷ ୨ଟି ଟି-୨୦ରୁ ଅକ୍ଷର ପଟେଲ ବାଦ୍

**ନୂଆଦିଲ୍ଲୀ,୧୫।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜର ଶେଷ ଦୁଇଟି ମ୍ୟାଚ ଲାଗି ଅକ୍ଷର ପଟେଲ ଟିମ ଇଣ୍ଡିଆର ଚୂଡ଼ାନ୍ତ ଏକାଦଶରୁ ବାଦ ପଡ଼ିଛନ୍ତି। ଡିସେମ୍ବର ୧୪ ତାରିଖରେ ଧର୍ମଶାଳାରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ପଟେଲ ପ୍ଲେଇଂ ଇଲେଭେନର ଅଂଶ ନଥିଲେ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ନିଶ୍ଚିତ କରିଛି ଯେ ଅସୁସ୍ଥତା ଯୋଗୁଁ ପଟେଲ ସିରିଜର ବାକି ମ୍ୟାଚରୁ ବାଦ ପଡ଼ିଛନ୍ତି। ଚତୁର୍ଥ ଏବଂ ପଞ୍ଚମ ଟି-୨୦ ପାଇଁ ଅକ୍ଷର ପଟେଲଙ୍କ ବଦଳ ସ୍ୱରୂପ ଶାହବାଜ ଅହମ୍ମଦଙ୍କୁ ଟିମ୍ ଇଣ୍ଡିଆରେ ସାମିଲ କରାଯାଇଛି। ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚତୁର୍ଥ ଟି-୨୦ ୧୭ ତାରିଖରେ ଲକ୍ଷ୍ନୌରେ ଓ ଶେଷ ମ୍ୟାଚ୍ ୧୯ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ। ବର୍ତ୍ତମାନ ସୁଦ୍ଧା ଏହି ସିରିଜରେ ଭାରତୀୟ ଦଳ ୨-୧ରେ ଆଗୁଆ ଅଛି।

# ନାବାଳିକାକୁ ଗଣଦୁଷ୍କର୍ମ !

**ଭୁବନେଶ୍ୱର,୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ଭୁବନେଶ୍ୱରରେ ଜଣେ ନାବାଳିକାକୁ ତାଙ୍କ ପୁରୁଷ ବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଡିସେମ୍ବର ୧୦ ତାରିଖରେ ଧଉଳି ଅଞ୍ଚଳର ଦୟା ନଦୀକୂଳରେ ଘଟିଥିବା ଜଣାପଡ଼ିଛି। ପୋଲିସ ସୋମବାର ଏହି ଘଟଣାରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରିଛି। ଡିସେମ୍ବର ୧୦ ତାରିଖ ସନ୍ଧ୍ୟାରେ ନାବାଳିକା ଏବଂ ତାଙ୍କ ପୁରୁଷ ବନ୍ଧୁ ଧଉଳି ଅଞ୍ଚଳରୁ ଫେରୁଥିବାବେଳେ ଦୁଇ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ପୁରୁଷ ବନ୍ଧୁ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଓ ଅନ୍ୟ କିଛି ଲୋକଙ୍କ ସାହାଯ୍ୟରେ ଦୟା ନଦୀକୂଳର ଏକ ନିଛାଟିଆ ସ୍ଥାନକୁ ଟାଣି ନେଇଥିଲେ। ସେଠାରେ ତାଙ୍କୁ ଧାରୁଆ ଅସ୍ତ୍ର ଏବଂ ପଥରରେ ଆକ୍ରମଣ କରିଥିଲେ। ନାବାଳିକା ଜଣକ ପୁରୁଷ ବନ୍ଧୁଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବାରୁ ଦୁଇ ଦୁର୍ବୃତ୍ତ ତାଙ୍କ ଲୁଗାପଟା ଚିରି ଦେଇ ଗଣବଳାତ୍କାର କରିଥିଲେ। ଅଭିଯୁକ୍ତମାନେ ମୋବାଇଲ୍ ଫୋନ୍‌ରେ ଏହି ଅପରାଧର ଭିଡିଓ ରେକର୍ଡ କରିଥିଲେ ଏବଂ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କ ଅଭିଯୋଗ ପରେ କମିଶନରେଟ୍ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ୍ ବର୍ତ୍ତମାନ ସୁଦ୍ଧା ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ପୋଲିସ୍ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରିଛି।

# ଦୁଇ ବାଇକ୍ ମୁହାଁମୁହିଁ: ୨ ମୃତ

**ସବଡେଗା,୧୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ସୁନ୍ଦରଗଡ଼ ଜିଲ୍ଲା ତଳସରା ଥାନା ସବଡେଗା-କରମଡିହି ରାସ୍ତା ଡମକୁଡା ଛକ ବୁଲାଣିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଜଣେ ତଳସରା ଥାନା ଧୁଡିନୂଆଗାଁର କୁମର ମାଝି ବୋଲି ଜଣାପଡିଥିବା ବେଳେ ଅନ୍ୟ ଜଣଙ୍କର ପରିଚୟ ମିଳିନାହିଁ। ଚନ୍ଦ୍ର ଦଣ୍ଡସେନାଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁସାରେ, କୁମର ମାଝୀ ଓ ଚନ୍ଦ୍ର ଦଣ୍ଡସେନା ବାଇକ୍‌ରେ ସୁନ୍ଦରଗଡ ଯାଉଥିଲେ। ଡମକୁଡା ଛକରେ ସୁନ୍ଦରଗଡ ପଟୁ ସବଡେଗା ଆସୁଥିବା ଏକ ବାଇକ୍ ସହ ସେମାନଙ୍କର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ କୁମରଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାରକରି ଅଟୋ ଓ ଅନ୍ୟଗାଡିରେ ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅନ୍ୟ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇ ଯାଇଥିବାବେଳେ ଗୁରୁତର ଚନ୍ଦ୍ରଙ୍କୁ ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଛି।







Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ  Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ